EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

ବର୍ଷ-୭ ସଂଖ୍ୟା-୪୫ ୨୦ - ୨୬ ନଭେମ୍ବର, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-45 20th - 26th NOVEMBER, 2023 BHUBANESWAR ₹ 5/- (8 Pages)



## ‘ଡିପ୍‌ଫେକ୍’କୁ ନେଇ ଚିନ୍ତା ପ୍ରକଟ କଲେ ପ୍ରଧାନମନ୍ତ୍ରୀ

# ଭାରତ ପାଇଁ ବଡ଼ ବିପଦ

**ନୂଆଦିଲ୍ଲୀ :** ସମ୍ପ୍ରତି ଦେଶରେ ‘ଡିପ୍‌ଫେକ୍’ ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରିଛି। କୃତ୍ରିମ ବୁଦ୍ଧିମତା ବା ଏଆଇ ଜରିଆରେ ଏବେ ବିଭିନ୍ନ ସେଲିବ୍ରେଟିଙ୍କ ଡିପଫେକ ଫଟୋ ଏବଂ ଭିଡିଓ ପ୍ରସ୍ତୁତ କରାଯାଉଛି। ପ୍ରତିଷ୍ଠ ଲୋକଙ୍କ ଫଟୋ ଏବଂ ଭିଡିଓକୁ ବିକୃତ ଭାବେ ସୋଶାଲ ମିଡିଆରେ ଭାଇରାଲ ହେଉଛି। ଯାହାକୁ ନେଇ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚିନ୍ତା ପ୍ରକଟ କରିଛନ୍ତି। କାରଣ ମୋଦୀ ମଧ ଏହି ଡିପଫେକ୍‌ରୁ ବର୍ତ୍ତି ନାହାନ୍ତି। ବିଜେପିର ଦୀପାବଳି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଗୀତ ଗାଉଥିବା ବେଳର ଦୃଶ୍ୟକୁ ଭାଇରାଲ କରାଯାଇଥିଲା। ଏଆଇ ଦ୍ୱାରା ଏପରି ଡିପଫେକ୍ ବିଷୟବସ୍ତୁ ସବୁ ପ୍ରସ୍ତୁତ କରାଯାଉଛି। ଡିପଫେକ୍ ଏବେ ନୂଆ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଏହାକୁ ନେଇ ଗଭୀର ଚିନ୍ତାପ୍ରକଟ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଏଭଳି ଟେକ୍ନୋଲୋଜି ସମାଜରେ ଅରାଜକତା ସୃଷ୍ଟି କରିପାରେ। ମୋଦୀ କହିଛନ୍ତି, “ନିକଟରେ ମୁଁ ଏମିତି ଗୋଟିଏ ଭିଡିଓକୁ ଦେଖିଛି ଯେଉଁଥିରେ ମୁଁ ଗରବା ଗୀତ ଗାଉଛି। ଏପରି ଅନେକ ଭିଡିଓ ସୋସିଆଲ ମିଡିଆରେ ରହିଛି। ମୋତେ ଭଲ ପାଉଥିବା ଲୋକମାନେ ଏହାକୁ ଶେୟାର ମଧ କରିଥିଲେ। ସମସ୍ତେ ଭାବୁଥିଲେ ଯେ ମୁଁ ଗୀତ ଗାଇଛି। କିନ୍ତୁ ବାସ୍ତବରେ ଏହା ଡିପ୍‌ଫେକ ବିଷୟବସ୍ତୁ। ଡିପ୍‌ଫେକର ବିପଦ ଦିନକୁ ଦିନ ଘନେଇବାରେ ଲାଗିଛି। ଏହା ଆମ ସମସ୍ତଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିବ। ଡିପ୍‌ଫେକ ବିଷୟବସ୍ତୁ ତିଆରି କରିବା ପାଇଁ ଏଆଇର ବ୍ୟବହାର କରିବା ଅତ୍ୟନ୍ତ ସମସ୍ୟାଜନକ।”



ମିଥ୍ୟା ତଥ୍ୟର ପ୍ରଚାର କିମ୍ବା ମନ୍ଦ ଉଦ୍ଦେଶ୍ୟ ରଖି ଡିପ୍‌ଫେକ ବିଷୟବସ୍ତୁ ପ୍ରସ୍ତୁତ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହୁରି ମଧ କହିଛନ୍ତି, ଇଣ୍ଟରନେଟରେ ଏହିପରି ଭିଡିଓ ପ୍ରସାରିତ ହେଲେ ଚାଟ୍‌ଜିପିଟି ଟିମକୁ ଲୋକଙ୍କୁ ଅବଗତ କରିବା ସହ ଚେତାବନୀ ଜାରି କରିବା ଦରକାର। ଗଣମାଧମ ଲୋକଙ୍କୁ ଏହି ପ୍ରସଙ୍ଗରେ ସଚେତନ କରିବା ଉଚିତ। ଏଭଳି ମାମଲାରେ ପୀଡିତମାନଙ୍କୁ ପୁଲିସ ନିକଟରେ ଅଭିଯୋଗ କରିବା ଏବଂ ‘ଆଇଟି ନିୟମ ଅନୁଯାୟୀ ଉପଲବ୍ଧ ଉପାୟର ଉପଯୋଗ କରିବାକୁ’ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଗତ ସପ୍ତାହରେ କହିଥିଲେ ଯେ ଭୁଲ ତଥ୍ୟ ପ୍ରସାରକୁ ରୋକିବା ଅନଲାଇନ୍ ପ୍ଲାଟଫର୍ମର ‘ଆଇନଗତ ଦାୟିତ୍ୱ’। ଡିପ୍ ଫେକ୍ ଭିଡ଼ିଓ ସେୟାର କରିବା ନେଇ ସରକାର ପୂର୍ବରୁ ଚେତାବନୀ ଦେଇସାରିଛନ୍ତି। ଏଭଳି ଭିଡ଼ିଓ ପ୍ରସ୍ତୁତ ଏବଂ ପ୍ରସାର କଲେ କଠୋର ଦଣ୍ଡର ବ୍ୟବସ୍ଥା ରହିଛି ବୋଲି କେନ୍ଦ୍ର ସରକାର କହିଛନ୍ତି। ➤ ପୃ-୬

## ରାଜ୍ୟରେ ପିଏମ୍‌ଶ୍ରୀ ଯୋଜନା ଲାଗୁ କରିବାରେ କୁଣ୍ଠାବୋଧ କାହିଁକି ?



**ଭୁବନେଶ୍ୱର :** ପିଲାମାନେ କେମିତି ଭଲରେ ପାଠ ପଢିବେ ସେନେଇ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ସ୍କୁଲ୍ ଫର୍ ରାଇଜିଂ ବା ପିଏମ୍ ଶ୍ରୀ ଯୋଜନା। ଯାହାଦ୍ୱାରା ପିଲାମାନେ ଭଲରେ ପଢିପାରିବେ, ଦେଖିଥିବା ସ୍ୱପ୍ନ ପୂରଣ କରିପାରିବେ। ହେଲେ ରାଜ୍ୟ ସରକାର ଏଯାଏଁ ଚୁକ୍ତି ସ୍ୱାକ୍ଷରିତ କରିନାହାନ୍ତି। ଥରେ କି ଦୁଇଥର ନୁହେଁ ବରଂ ତିନିତିନି ଥର ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କିନ୍ତୁ ଏଯାଏଁ ଜାଣିଶୁଣି ସ୍ୱାକ୍ଷରିତ କରୁନାହାନ୍ତି ରାଜ୍ୟ ସରକାର। ବିଜେଡି ସରକାର ଫାଇଭ-ଟି ସ୍କୁଲ୍ ରୁପାନ୍ତୀକରଣର ଅସଲ ଚିତ୍ର ପିଏମ୍‌ଶ୍ରୀ ଲାଗୁ ହେଲେ ଖୋଲିଯିବ ଏକଥା ଭଲରେ ଜାଣିସାରିଛନ୍ତି ରାଜ୍ୟ ସରକାର। ବୋଧହୁଏ ସେଇଥି ଲାଗି କେନ୍ଦ୍ର ସହ ➤ ପୃ-୬

### ଅଣଅନୁସୂଚିତଙ୍କୁ ଜମି ହସ୍ତାନ୍ତର ନିଷ୍ପତ୍ତି ସ୍ଥଗିତ

# କ୍ୟାବିନେଟ୍ ନିଷ୍ପତ୍ତିକୁ ସ୍ଥଗିତ ରଖିହେବ ?

**ଭୁବନେଶ୍ୱର:** ଆଦିବାସୀଙ୍କ ଜମି କେବଳ ଚାଷ କାର୍ଯ୍ୟ ବ୍ୟତୀତ ଅନ୍ୟ କୌଣସି ନିମନ୍ତେ ବ୍ୟାଙ୍କ ଅବା କୌଣସି ଆର୍ଥିକ ସଂସ୍ଥା ପାଖରେ ବନ୍ଧକ ରଖାଯାଇ ପାରିବ ନାହିଁ। ସିଡ୍ୟୁଲ ଏରିଆରେ ଆଦିବାସୀଙ୍କ ଜମିକୁ ଅଣଆଦିବାସୀଙ୍କୁ ଟେକି ଦେବା ନିମନ୍ତେ ପୂର୍ବରୁ ଝାଡ଼ଖଣ୍ଡ ସରକାର ଉଦ୍ୟମ କରି ଫେଲ୍ ମାରିଛନ୍ତି। ହେଲେ ଆଦିବାସୀଙ୍କ ଜମିକୁ ଅଣଆଦିବାସୀଙ୍କୁ ବିକ୍ରି ପାଇଁ ରାଜ୍ୟ କ୍ୟାବିନେଟ୍‌ଙ୍କ ନିଷ୍ପତ୍ତିକୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଖୋଦ୍ ରାଜ୍ୟ ସରକାର ଆଦିବାସୀଙ୍କ ଜମିକୁ ହଡ଼ପ କରିବା ନିମନ୍ତେ ଏଭଳି ଗୋଳିଆ ପରିସ୍ଥିତି ସୃଷ୍ଟି କରି ତା’ର ଫାଇଦା ନେବାକୁ ଉଦ୍ୟମ କରିଛନ୍ତି ବୋଲି ଚର୍ଚ୍ଚା ହେଉଛି। ସରକାରଙ୍କ ପଦକ୍ଷେପ ଓ ବିରୋଧୀ ଦଳଙ୍କ ଅଭିଯୋଗରୁ ଏଭଳି ଚିତ୍ର ପଦାକୁ ଆସିଛି। ଏହାସହିତ ରାଜ୍ୟ କ୍ୟାବିନେଟ୍ ବୈଠକର ନିଷ୍ପତ୍ତିକୁ କିଭଳି ଜଣେ ମନ୍ତ୍ରୀ ଓ ସଚିବ ସ୍ଥଗିତ ରଖିପାରିବେ ତଥା ଏହା କ’ଣ ସେମାନଙ୍କ



କ୍ଷମତା ପରିସରଭୁକ୍ତ କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାଧାରଣ ନିର୍ବାଚନରେ ଆଦିବାସୀଙ୍କ ରୋଷ ଓ ଭୋଟ ହାତଛଡ଼ା ହେବା ଭୟରେ କ୍ୟାବିନେଟ୍ ନେଇଥିବା ନିଷ୍ପତ୍ତିକୁ ମାତ୍ର ୪୮ଘଣ୍ଟା ମଧ୍ୟରେ ସ୍ଥଗିତ ରଖିବାର ପ୍ରହେଳିକା ମନ୍ତ୍ରୀ ଓ ସଚିବ ଭିଆଇଥିବା ଚର୍ଚ୍ଚା ହେଉଛି। ସୂଚନା ଅନୁସାରେ, ନଭେମ୍ବର ୧୪ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ରେଗୁଲେସନ-୨,୧୯୫୬ର ସଂଶୋଧନ ପ୍ରସ୍ତାବ (ଆଦିବାସୀଙ୍କ ଜମିକୁ କିଣିପାରିବେ ଅଣଆଦିବାସୀ)କୁ ମଞ୍ଜୁରୀ ମିଳିଥିଲା। ମାତ୍ର ଗତ ଦୁଇଦିନ ଧରି ବିରୋଧୀ ଦଳଗୁଡ଼ିକର ତୀବ୍ର ବିରୋଧ ପରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ନିଜ ସୋସିଆଲ ମିଡିଆରେ ଆଦିବାସୀଙ୍କ ଜମି ହସ୍ତାନ୍ତର ନେଇ ନଭେମ୍ବର ୧୪ତାରିଖର କ୍ୟାବିନେଟ୍ ନିଷ୍ପତ୍ତି(ରେଗୁଲେସନ-୨,୧୯୫୬ରେ ସଂଶୋଧନ)କୁ ସ୍ଥଗିତ ରଖାଗଲା ବୋଲି ଦର୍ଶାଇଛନ୍ତି। ସେପଟେ ଅନୁସୂଚିତ ଜାତି ଓ ଜନଜାତି ➤ ପୃ-୬

## ସୁରେଶ ମହାପାତ୍ର ହେଲେ ସିଏମଓ ମୁଖ୍ୟ ଉପଦେଷ୍ଟା

**ଭୁବନେଶ୍ୱର :** ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଅଧକ୍ଷ ପଦରୁ ଅବସରପ୍ରାପ୍ତ ଆଇଏଏସ୍ ସୁରେଶ ଚନ୍ଦ୍ର ମହାପାତ୍ର ଇସ୍ତଫା ଦେଇଛନ୍ତି। ଓଇଆରସି ଅଧକ୍ଷ ପଦ ଛାଡ଼ିବା ପାଇଁ ତାଙ୍କର ଅନୁରୋଧକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ଏହାସହିତ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ନୂଆ ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତି ମିଳିଛି। ଶ୍ରୀ ମହାପାତ୍ରଙ୍କୁ ବିଜେଡି ଆଗାମୀ ନିର୍ବାଚନରେ ପୁରୀରୁ ପ୍ରାର୍ଥୀ କରିବାର ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ



ଜାରି ସୂଚନା ଅନୁସାରେ, ଚଳିତବର୍ଷ ମାର୍ଚ୍ଚ ୧ତାରିଖରେ ଓଇଆରସି ଅଧକ୍ଷ ପଦ ➤ ପୃ-୬

### ରାଜ୍ୟ ସରକାର ଲୋକହସା

## ନିଲାମ ଦିନ ଟଙ୍କା ସୁଝିଲେ

**ଭୁବନେଶ୍ୱର :** ନିର୍ମାଣ ସୌଧରେ ହଇଚଇ। କୋଠାବାଡ଼ି ମୁଖ୍ୟଯନ୍ତ୍ରୀଙ୍କ ଅଫିସରେ ପଶିଲେ କୋର୍ଟ କର୍ମଚାରୀ। କିଏ ବିରାଟକାୟ ଟିଭିକୁ ଖୋଲିଦେଲେ ତ ଆଉ କିଏ କମ୍ପ୍ୟୁଟର ସହ ଚେୟାର, ଟେବୁଲ, ପ୍ରିଣ୍ଟର, ଏସିକୁ ଉଠାଇ ନେଲେ। ଏପରିକି ଛୋଟ ମୋଟ ଫ୍ୟାନକୁ ଛାଡ଼ିଲେନି। କୋର୍ଟଙ୍କ ନିର୍ଦ୍ଦେଶ ଯେତେବେଳେ ଅଛି, କିଏ ବା କାହିଁକି ବିଳମ୍ବ କରିବ। ଯୁଦ୍ଧକାଳୀନ ଭିତରେ ଯିଏ ଯେମିତି ପାରିଲା,



ଗାଡ଼ିରେ ବୋହି ନେବା ପାଇଁ ଆସବାବପତ୍ରକୁ ଏଭଳି ଖୋଲି ପକାଇଲେ। କାରଣ ଠିକାସଂସ୍ଥା କଷ୍ଟ୍ରକସନ ଇଣ୍ଡିଆର ୧୮ଲକ୍ଷ ଟଙ୍କା ରାଜ୍ୟ ସରକାର ସୁଝିବାରେ ଅକ୍ଷମ ହେବାରୁ ଏସବୁ ଆସବାବପତ୍ରର ନିଲାମ ହୋଇଥାନ୍ତା। ଆଉ ସେହି ଟଙ୍କାକୁ ଦିଆଯାଇଥାନ୍ତା ସଂପୃକ୍ତ ଠିକାସଂସ୍ଥାକୁ। ଯିଏ ନଅ ତାଲା ବିଲଡିଂ ତିଆରି କରି ଆଜିକୁ ୪୦ ବର୍ଷରୁ ଅଧିକ ସମୟ ଧରି ବକେୟା ଟଙ୍କା ପାଇଁ ଦୌଡୁଥିଲେ କୋର୍ଟ କଚେରୀ। ଶେଷରେ ଲୋକହସା ହେବା ପରେ ରାଜ୍ୟ ସରକାର ମୂଳ ୬ ଲକ୍ଷ ଓ ସୁଧ ପ୍ରାୟ ୧୨ ଲକ୍ଷକୁ ମିଶାଇ ୧୮ ଲକ୍ଷରୁ ଅଧିକ ଟଙ୍କା ଗଣିବା ପରେ ଥମିଥିଲା ସ୍ଥିତି। ଆଉ ସମସ୍ତ ➤ ପୃ-୬

### ଏଥର ଜନମତ
### କେତେ କ୍ଷତିକାରକ ଡିଜେ ସାଉଣ୍ଡ ?

ଶେଷପୃଷ୍ଠା ପଢ଼ନ୍ତୁ ...

## ବକ୍ରବାଣୀ



ସଜଉ ସଜଉ ଦିଅଁ ଦେଉଳ
ସର୍କାରୀ ଅଫିସ୍ ନିଲାମ ହୁଏ
ଓଡ଼ିଆ ଜାତିର ଇଜ୍ଜତ ଗଲେ
ଆଷ୍ଟ୍ରେଡ଼ାର କି ଟେନ୍ସନ୍ ଥାଏ
ନିନ୍ଦା ଅପବାଦ ପାଆନ୍ତି ସିନା
ତାଙ୍କ ରାଜ୍ୟ ପାଇଁ ଦେବତା ସିଏ
ସ୍ୱଜାତି ପାଇଁ ଏତିକି ଦରଦ
ଓଡ଼ିଆ ବାବୁଙ୍କ ଦେଖିଚ କିଏ
ଓଡ଼ିଆ କଙ୍କଡ଼ା ଶିଖ ତାଙ୍କଠୁ
ନିଜ ସ୍ୱାର୍ଥ ନୁହେଁ ବଡ଼ ରାଜ୍ୟଠୁ।

—ଟୁଟୁ

### ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ନିୟମିତ ନିର୍ଦ୍ଦେଶକ ପଦବୀ ପୂରଣ ପ୍ରସଙ୍ଗ

# ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା

**କଟକ :** କଟକ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ନିର୍ଦ୍ଦେଶକ ପଦବୀ ପୂରଣ ସମ୍ପର୍କିତ ଅଦାଲତ ଅବମାନନା ମାମଲାରେ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ସରୋଜ ମିଶ୍ର ବ୍ୟକ୍ତିଗତ ଭାବେ ହାଇକୋର୍ଟରେ ହାଜର ହୋଇ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ନିୟମିତ ନିର୍ଦ୍ଦେଶକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ଖୁବଶୀଘ୍ର ଏହା କାର୍ଯ୍ୟକାରୀ କରିବାର ପ୍ରତିଶ୍ରୁତି ଦେଇ ସେ କ୍ଷମା ପ୍ରାର୍ଥନା କରିଥିଲେ। ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ନିୟମିତ ନିର୍ଦ୍ଦେଶକ ପଦବୀ ପୂରଣ ପାଇଁ ତୁରନ୍ତ ପ୍ରକ୍ରିୟା ଆରମ୍ଭ କରିବାକୁ ଗତ ଅଗଷ୍ଟ ୩୧ ତାରିଖରେ ରାଜ୍ୟ ସରକାର ଏବଂ କର୍କଟ କେନ୍ଦ୍ରକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବାଇ- ଲରେ ସଂଶୋଧନ ଆବଶ୍ୟକ ହେଲେ



ପ୍ରକ୍ରିୟା ଆରମ୍ଭ ପୂର୍ବରୁ କରିବା ସହ ସମସ୍ତ ପ୍ରକ୍ରିୟା ଦୁଇ ମାସ ମଧ୍ୟରେ ଶେଷ କରିବାକୁ କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ସ୍ପେଶାଲ ଲିଭ୍ ପିଟିସନ ଜରିଆରେ କର୍କଟ କେନ୍ଦ୍ର କର୍ତ୍ତୃପକ୍ଷ ସୁପ୍ରିମ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ, ଯାହା ଅକ୍ଟୋବର ୬ ତାରିଖରେ ଖାରଜ ହୋଇଯାଇଥିଲା। ମାମଲା ସୁପ୍ରିମ କୋର୍ଟରେ ବିଚାରାଧୀନ ଥିବା ସତ୍ତ୍ୱେ କେନ୍ଦ୍ରର ନିର୍ଦ୍ଦେଶକ ଲଳାଟେନ୍ଦୁ ଷଡ଼ଙ୍ଗୀଙ୍କ କାର୍ଯ୍ୟକାଳ ଅନ୍ୟାଦେଶ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ନେଇ ସେପ୍ଟେମ୍ବର ୨୦ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସଚିବଙ୍କ ଏହି ବିଜ୍ଞପ୍ତି ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା କରୁଥିବା ଅଭିଯୋଗ କରିଥିଲେ ଆବେଦନକାରୀ ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତି। ତାଙ୍କ ଅଭିଯୋଗ ଆଧାରରେ ଆଜି ବ୍ୟକ୍ତିଗତ ଭାବେ ହାଜର ହୋଇ ଅଦାଲତ ଅବମାନନା ମାମଲାରେ ପକ୍ଷ ରଖିବାକୁ କୋର୍ଟ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ସରୋଜ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବା ପରେ ଅଦାଲତ ଅବମାନନା ମାମଲାକୁ ହାଇକୋର୍ଟ ପ୍ରତ୍ୟାହାର କରିଛନ୍ତି।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ଅନନ୍ୟ ପରିଚୟ: ଧର୍ମେନ୍ଦ୍ର




**ଭୁବନେଶ୍ୱର:** କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧମରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ‘ତୃତୀୟ ଅଡିଟ୍ ଦିବସ ସମାରୋହ’ ଅବସରରେ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁଙ୍କୁ ସମ୍ମାନିତ କରୁଥିବାର ଏକ ଫଟୋ ସେୟାର୍ କରି ଖୁସି ପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ଦୁଇ ଜଣ ସୁଯୋଗ୍ୟ ସନ୍ତାନ ଭାରତର ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଭାରତର ସିଏଜି ଗିରିଶ ଚନ୍ଦ୍ର ମୁର୍ମୁଙ୍କ ପାଇଁ ଓଡ଼ିଆ ଭାବେ ଆମେ ଗର୍ବିତ। ଏହା ଆମର ଗଣତନ୍ତ୍ର, ଜନଜାତି ଓ ବଞ୍ଚିତ ବର୍ଗଙ୍କ ପ୍ରତି ବଡ଼ ସମ୍ମାନ। ଏହି ଦୁଇ ବ୍ୟକ୍ତିବିଶେଷ ଆମ ଓଡ଼ିଆ ଅସ୍ମିତା, ସ୍ୱାଭିମାନର ଅନନ୍ୟ ପରିଚୟ।

# ବିଦ୍ୟାଳୟରୁ ଆରମ୍ଭ ହୋଇଛି ଓଡ଼ିଶା ରୂପାନ୍ତରଣ ଯୁଗ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ତିନି ଦିନ ଧରି ଚାଲିଥିବା ପିଲାଙ୍କ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କୁ ନିଜ ଚିନ୍ତାଧାରାକୁ ଉଚ୍ଚ କରିବାକୁ ପ୍ରେରଣା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସ୍ଥାନୀୟ ୟୁନିଟ-୯ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ କହିଥିଲେ ଯେ ଆମ ପିଲାମାନଙ୍କ ଭିତରେ ଅସୀମ ପ୍ରତିଭା ରହିଛି। ପାଠ ସହିତ ନାଚ, ଗୀତ, କ୍ରୀଡା, କଳା, ଅଭିନବ ବୈଜ୍ଞାନିକ ଚିନ୍ତାଧାରା ସବୁ କ୍ଷେତ୍ରରେ ଆମ ଛାତ୍ରଛାତ୍ରୀମାନଙ୍କର ପ୍ରତିଭା ଅଛି। ଆଗକୁ ବଢିବା ପାଇଁ କଠିନ ପରିଶ୍ରମ କର, ଚିନ୍ତାଧାରାକୁ ବଡ କର। ନିଜର ସାମର୍ଥ୍ୟକୁ ବିଶ୍ୱ ସ୍ତରକୁ ନେବା ପାଇଁ ଚେଷ୍ଟା କର। ଦେଖିବ, ତୁମେ ଅସୀମିତ ସଫଳତା ପାଇ ସାରା ଦେଶରେ, ବିଶ୍ୱରେ ସୁନାମ ଅର୍ଜନ କରିବ। ଓଡିଶାର ରୂପାନ୍ତର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ରୂପାନ୍ତରର ଯୁଗ ପିଲାମାନଙ୍କ ସ୍କୁଲରୁ ହିଁ ଆରମ୍ଭ ହୋଇଛି। ପିଲାମାନେ ଏବେ ଡିଜିଟାଲ୍ ଟେକ୍ନୋଲୋଜି ଜରିଆରେ ପାଠ ପଢୁଛନ୍ତି। ସ୍କୁଲର ପରିବେଶ ମଧ ବେଶ୍ ସୁନ୍ଦର ହୋଇଯାଇଛି। ସୁନ୍ଦର ଖେଳ ପଡିଆ ମଧ ହୋଇଛି। ତୁମେ ଏବେ କାହା ଠାରୁ କମ୍ ନୁହଁ। ପିଲାମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରି ମୁଖ୍ୟମନ୍ତ୍ରୀ କହିଥିଲେ



ଯେ “ମୋର ପୁରା ବିଶ୍ୱାସ, ତୁମର ଭବିଷ୍ୟତ ଖୁବ ଉଜ୍ଜଳ ହେବ। ମୋର ଆଶୀର୍ବାଦ ମଧ ତୁମ ସାଥିରେ ଅଛି ଓ ରହିବ।” ‘ସୁରଭି’ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ଏକ ଖୁବ ସୁନ୍ଦର ଉତ୍ସବ। ରାଜ୍ୟର ବିଭିନ୍ନ ସ୍ଥାନରୁ ପିଲାମାନେ ଆସି ଏଠାରେ ଏକାଠି ହୋଇଛନ୍ତି। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ନିଜର ପ୍ରତିଭା ଦେଖାଇଛନ୍ତି। ନୂଆ ସାଙ୍ଗସାଥୀ ମଧ ପାଇଛନ୍ତି। ଏଠାରୁ ମିଳିଥିବା ଅଭିଜ୍ଞତା ସାରା ଜୀବନ ପାଇଁ ପିଲାମାନଙ୍କୁ ପ୍ରେରଣା ଦେବ ବୋଲି ସେ କହିଥିଲେ। ପୁରସ୍କାର ପାଇଥିବା ସବୁ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ଏ ବର୍ଷ ୩୫୪୯ ଜଣ ପିଲାଙ୍କୁ ‘ଓଡିଆ ଭାଷା ବୃତ୍ତି’ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ପିଲା ୫୦୦୦ ଟଙ୍କାର ଏକକାଳୀନ ବୃତ୍ତି ପାଇଲେ। ଏହି ବୃତ୍ତି ରାଶି ଅନଲାଇନ୍ ଜରିଆରେ ସେମାନଙ୍କ ଆକାଉଣ୍ଟକୁ ପଠା ଯାଇଥିଲା। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଓଡିଆ ଭାଷାରେ ଅଧିକ ନମ୍ବର ରଖିଥିବା ପିଲାମାନଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଇଛି। ରାଜ୍ୟସ୍ତରରେ ଶ୍ରେଷ୍ଠ ପାଞ୍ଚଜଣଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି ପାଞ୍ଚ ଜଣ ହେଲେ ବାଲେଶ୍ୱର ଏସ୍.ବି.ଏସ୍ ନିଖିରେଶ୍ୱର ନୋଡାଲ ହାଇସ୍କୁଲର ଶୁଭସ୍ମିତା ଦାସ, ବରଗଡ କାମଗାଁ ସରକାରୀ ନୋଡାଲ ହାଇସ୍କୁଲର ନୈନା ପ୍ରଧାନ, ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ**
ବ୍ୟବସାୟରେ ଉନ୍ନତ, ମାତାଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ହେବ। ଜମି ଓ ଗାଡି କ୍ରୟ କରିପାରନ୍ତି। ଛାତି ଓ ପେଟରେ ଯନ୍ତ୍ରଣା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ। ପ୍ରତିକାର : ଶୁଦ୍ଧ ଘିଅ ଦିପ ଭଗବାନ ଶିବଙ୍କ ଆଗରେ ଜାଳନ୍ତୁ।

**ବୃଷ**
ସ୍ୱାସ୍ଥ୍ୟରେ ଯଥା ଗଳା ଓ ପେଟରେ ସମସ୍ୟା ଦେଖା ଦେଇପାରେ। ଋଣ ନିଅନ୍ତୁ ନାହିଁ। ସଠିକ ନିର୍ଣ୍ଣୟ ନିଅନ୍ତୁ। ଧନହାନୀ ହୋଇପାରେ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ପ୍ରତିକାର : ପ୍ରତିଦିନ ଘରୁ ବାହାରିବା ବେଳେ ମଥାରେ ଟିକେ ଘିଅ ଲଗାନ୍ତୁ।

**ମିଥୁନ**
ଅନେକ ଦିଗରୁ ଧନପ୍ରାପ୍ତି ଯୋଗ ଅଛି। ସମ୍ପର୍କରେ ସୁଧାର ହେବ। ସନ୍ତାନଙ୍କର ଶୁଭଖବର ପାଇବେ। ବିବାହର ସମ୍ବାଦ ପାଇବେ। ବିବାଦରୁ ଦୂରେଇ ରହନ୍ତୁ। ପ୍ରତିକାର : ଓଁ ଗଣପତୟେ ନମଃ ଜପ କରନ୍ତୁ।

**କର୍କଟ**
ନୂଆ ଚାକିରି ଓ ସମ୍ମାନ ମିଳିପାରେ। ଘର ବାହାନ କିଣିପାରନ୍ତି। ପିତାମାତାଙ୍କ ସହଯୋଗ ପାଇବେ। ପାଠ ପାଇଁ ସମୟ ପ୍ରତିକୂଳ। ଜଗିରଖି ଖର୍ଚ୍ଚ କରନ୍ତୁ। ପ୍ରତିକାର : ଭଗବାନ ଶିବଙ୍କୁ ଖିରୀ ଭୋଗ କରନ୍ତୁ।

**ସିଂହ**
ମନବଳରେ ବୃଦ୍ଧି ହେବ। ଋଣ ପରିଶୋଧ ହୋଇପାରେ। ପଦୋନ୍ନତି ପାଇବାରେ ବିବାଦ ହୋଇପାରେ। ମାଆଙ୍କ ସହ ମତଭେଦ ହୋଇପାରେ। ରକ୍ତଚାପ ବଢ଼ିବାରେ। ପ୍ରତିକାର : ଗାଧୋଇବା ପାଣିରେ କିଛି କ୍ଷୀର ମିଶାନ୍ତୁ

**କନ୍ୟା**
ଧନପ୍ରାପ୍ତି ଯୋଗ ଅଛି। ବିବାହ ପ୍ରସ୍ତାବ ଆସିପାରେ। ବ୍ୟବସାୟରେ ଉନ୍ନତି ହେବ। ଗଳାରେ ରୋଗ ହୋଇପାରେ। ଭାଇଙ୍କ ସହ ବିବାଦ ହୋଇପାରେ। ପ୍ରତିକାର : ଧଳା ଚନ୍ଦନ ଟିକା ଲଗାଇ ଘରୁ ବାହାରକୁ ଯାଆନ୍ତୁ।

**ତୁଳା**
ଆଖି, ଚର୍ମ ରୋଗରୁ ମୁକ୍ତି ମିଳିବ। ଜୀବନସାଥୀଙ୍କ ସହଯୋଗ ପାଇବେ। ନୂଆ ଚାକିରି ମିଳିପାରେ। ଚିଡଚିଡା ହୁଅନ୍ତୁ ନାହିଁ। ବାଣୀରେ ଲଗାମ ଦିଅନ୍ତୁ। ଦୁର୍ଘଟଣା ହୋଇପାରେ। ପ୍ରତିକାର : ପ୍ରତିଦିନ ମାତା ଲକ୍ଷ୍ମୀଙ୍କୁ ମିଶ୍ରି ଭୋଗ ଲଗାନ୍ତୁ।

**ବିଛା**
ବ୍ୟବସାୟରେ ଧନ ଲଗାନ୍ତୁ ନାହିଁ। ମୁଣ୍ଡ ବିନ୍ଧା ହୋଇପାରେ। ଧୈର୍ଯ୍ୟ ରଖନ୍ତୁ। ଲୋକ ବଦନାମ କରିପାରନ୍ତି। ଧନପ୍ରାପ୍ତି ଯୋଗ ଅଛି। ନିଜ ବୁଦ୍ଧ ବଳରେ ସଫଳତା ପାଇବେ। ପ୍ରତିକାର : ମିଶ୍ରି ଓ ଦହି ଶିବଙ୍କୁ ଅର୍ପଣ କରନ୍ତୁ।

**ଧନୁ**
ଚାରିଆଡୁ ଧନପ୍ରାପ୍ତି ଯୋଗ ଅଛି। ପୁରୁଣା ମକଦମାରେ ସଫଳ ହେବେ। ଶତ୍ରୁ ଦମନ ହୋଇପାରନ୍ତି। ରୋକିଥିବା କାମ ସଫଳ ସହ ପୁରା ହେବ। ପ୍ରତିକାର : ପ୍ରତିଦିନ ଭଗବାନ ବିଷ୍ଣୁଙ୍କୁ ଗୁଡ ଭୋଗ ଲଗାନ୍ତୁ।

**ମକର**
ନୂଆ ଚାକିରି ଓ ବ୍ୟବସାୟ ପାଇଁ ସମୟ ଅନୁକୂଳ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ମିଳିବ। ଜମି କିଣି ପାରନ୍ତି। ବିବାଦରେ ପଡିପାରନ୍ତି। ପ୍ରତିକାର : ପ୍ରତିଦିନ ମାତା ଲକ୍ଷ୍ମୀଙ୍କୁଆଖୁରସ ଅର୍ପଣ କରନ୍ତୁ।

**କୁମ୍ଭ**
ଧନପ୍ରାପ୍ତି ଯୋଗ ଅଛି। ପାଦରେ ଆଘାତ ଲାଗିପାରେ। ପରିବାରରେ ସାମାନ୍ୟ ବିବାଦ ହୋଇପାରେ। ବିବାହ ପାଇଁ ପ୍ରସ୍ତାବ ଆସିପାରେ। କ୍ରୋଧ ତ୍ୟାଗ କରନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ରହିବ। ପ୍ରତିକାର : ଭଗବାନ ଗଣେଶଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**ମୀନ**
ପାଦ ଓ ପେଟରେ କଷ୍ଟ ହୋଇପାରେ। ପ୍ରେମରେ ଝଗଡା ହୋଇପାରେ। ସଞ୍ଚୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ମତଭେଦ ବଢ଼ିବ। ବନ୍ଧୁଙ୍କ ସହଯୋଗ ବଢ଼ିବ। ନୂଆ ସାମାନ କିଣିବେ। ଦମ୍ପତିମାନଙ୍କ ସହଯୋଗ ବଢ଼ିବ। ପ୍ରତିକାର : ହଳଦିଆ ଚନ୍ଦନଟିକା ଲଗାନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ‘ଗଣମାଧ୍ୟମ ସତ୍ୟର ସିଦ୍ଧାନ୍ତ ପ୍ରତି ପ୍ରତିବଦ୍ଧ ହେବା ଦରକାର’

**ନୂଆଦିଲ୍ଲୀ,(ପିଆଇବି):** କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଜାତୀୟ ପ୍ରେସ୍ ଦିବସ ଅବସରରେ ଗଣମାଧ୍ୟମ ଜଗତକୁ ଶୁଭେଚ୍ଛା ଜଣାଇଛନ୍ତି। ‘ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ଯୁଗରେ ଗଣମାଧ୍ୟମ’ ବିଷୟବସ୍ତୁ ଉପରେ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ କହିଥିଲେ ଯେ ଆଜି ଦାୟିତ୍ୱସମ୍ପନ୍ନ ସାମ୍ବାଦିକତା ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ଦୋହରାଇବାର ଦିନ। ଯେହେତୁ ଭାରତ ଆଉ ମାତ୍ର କିଛି ବର୍ଷ ମଧ୍ୟରେ ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି କେବଳ ଭାରତର ରୂପାନ୍ତର କାହାଣୀକୁ ଲୋକଲୋଚନକୁ ଆଣିବାରେ ନୁହେଁ, ବରଂ ବିଭିନ୍ନ କ୍ଷେତ୍ର ଓ ଦେଶର ୧୦୦ କୋଟି ଲୋକଙ୍କ ଆଶା, ଆକାଂକ୍ଷାକୁ ପ୍ରକାଶିତ କରିବାରେ ଗଣମାଧ୍ୟମ ଗଠନମୂଳକ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରି ଶ୍ରୀ ଠାକୁର କହିଥିଲେ ଯେ ଜାତୀୟ ପ୍ରେସ୍ ଦିବସ ଆମ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଉତ୍ସର୍ଗୀକୃତ ସାମ୍ବାଦିକଙ୍କ ଅକ୍ଳାନ୍ତ ପ୍ରତିବଦ୍ଧତାକୁ ସମ୍ମାନ ଦେଇଥାଏ। ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଉପରେ



ବକ୍ତବ୍ୟ ରଖି ମନ୍ତ୍ରୀ କହିଥିଲେ ଯେ ଆମେ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଠିଆ ହୋଇଛୁ ଏବଂ ପ୍ରଯୁକ୍ତିର ଅଗ୍ରଗତି ଦ୍ୱାରା ପରିଚାଳିତ ଦ୍ରୁତ ବୈଶ୍ୱିକ ବିକାଶ ଦେଖୁଛୁ । ଡିଜିଟାଲ ଯୁଗ ଏକ ନୂତନ ଧାରା ଆରମ୍ଭ କରିଛି ଯେଉଁଠାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଖବର ବିଷୟବସ୍ତୁ ସୃଷ୍ଟି ପାଇଁ ଅଧିକ ବ୍ୟବହୃତ ହେଉଛି। ଏଆଇ ନିଶ୍ଚିତ ଭାବରେ ଖବର ସଂଗ୍ରହ ବା ରିପୋର୍ଟିଂରେ ଏକ ନୂତନ ଦିଗ ଯୋଡିଥିବା ବେଳେ ଏହାର ସୀମିତ ସାମର୍ଥ୍ୟକୁ ଚିହ୍ନିବା ଜରୁରୀ। ସମ୍ବାଦ ସଂଗ୍ରହ ଏବଂ ଖବର ପ୍ରସାରଣ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିବା ସହିତ ମନ୍ତ୍ରୀ ଏହା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ଜଣେ ସମ୍ପାଦକ ଆଣିଥିବା ବର୍ଷ ବର୍ଷର ଅଭିଜ୍ଞତା, ପ୍ରସଙ୍ଗ ଓ ତଦାରଖର ସୂକ୍ଷ୍ମତା ସର୍ବଦା ଏଆଇଠାରୁ ଏକ ପାଦ ଆଗରେ ରହିବ। ଏଆଇ ମଡେଲଗୁଡ଼ିକ ଯେପରି ସେମାନଙ୍କ ପ୍ରଶିକ୍ଷଣ ତଥ୍ୟରୁ ପକ୍ଷପାତିତା ଗ୍ରହଣ ନ କରନ୍ତି ତାହା ସୁନିଶ୍ଚିତ କରିବା ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଆହ୍ୱାନଗୁଡ଼ିକର ପ୍ରଭାବଶାଳୀ ମୁକାବିଲା ଏବଂ ସାମ୍ନା କରିବା ଆମର ସାମୂହିକ ଦାୟିତ୍ୱ। ସାମ୍ବାଦିକତାର ଅଖଣ୍ଡତା ବଜାୟ ରଖିବା ଏବଂ ଗଣମାଧ୍ୟମରେ ଏଆଇର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ସେ କହିଥିଲେ। କେତେକ ପାଶ୍ଚାତ୍ୟ ସଂସ୍ଥା ଯେଉଁ ନକାରାତ୍ମକ ଧାରଣା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି, ସେ ସମ୍ପର୍କରେ ମନ୍ତ୍ରୀ କହିଥିଲେ ଯେ ଆମେ ଗଣମାଧ୍ୟମର ସ୍ୱାଧୀନତାକୁ ପାଳନ କରୁଥିଲେ ମଧ୍ୟ ଯେଉଁମାନେ ଆମ ରାଷ୍ଟ୍ରର ଭାବନାକୁ କ୍ଷୁଣ୍ଣ କରିବାକୁ ଚାହୁଁଛନ୍ତି ସେମାନଙ୍କ ପ୍ରତି ଆମେ ଆଖି ବୁଜିପାରିବୁ ନାହିଁ। ଏପରି କିଛି ବ୍ୟକ୍ତି ବିଶେଷ ଓ ଗଣମାଧ୍ୟମ ରହିଛି ଯେଉଁମାନେ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ସ୍ତରରେ ଭାରତ ବିରୋଧରେ ଲଗାତାର ମିଥ୍ୟା ପ୍ରଚାର କରୁଛନ୍ତି। ଏଭଳି କାହାଣୀକୁ ଖଣ୍ଡନ କରିବା, ମିଥ୍ୟାକୁ ଉନ୍ମୋଚନ କରିବା ଏବଂ ସତ୍ୟର ବିଜୟ ସୁନିଶ୍ଚିତ କରିବା ଆମର ସାମୂହିକ ଦାୟିତ୍ୱ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତ ଏବଂ ଏହାର ଗଣମାଧ୍ୟମର ଚିତ୍ରଣକୁ ନେଇ କେତେକ ପାଶ୍ଚାତ୍ୟ ପକ୍ଷପାତିତା ଦ୍ୱାରା ପ୍ରସାରିତ କ୍ରମାଗତ ଭୁଲ ଧାରଣାକୁ ଦୂର କରିବା ଗୁରୁତ୍ୱପୂର୍ଣ୍ଣ। ଔପନିବେଶିକ ମାନସିକତା ପ୍ରାୟତଃ ଧାରଣାକୁ ଖରାପ କରିଥାଏ, କିନ୍ତୁ ଆମେ ଦୃଢ଼ତାର ସହ କହିଥାଉ ଯେ ଆମର ଗଣମାଧ୍ୟମ ପରିଦୃଶ୍ୟ ଗତିଶୀଳ, ପ୍ରତିଫଳିତ ଏବଂ ନିଜର ଯୋଗ୍ୟତା ଉପରେ ଠିଆ ହୋଇଛି। ଭାରତର ଗଣମାଧ୍ୟମ ଏହାର ସାଂସ୍କୃତିକ ସମୃଦ୍ଧିର ପ୍ରତିଫଳନ କରିଥାଏ। ବିଶ୍ୱ ସ୍ତରୀୟ ଆଲୋଚନାରେ ଏହାର ଅବଦାନ ପାଇଁ ଆମେ ଗର୍ବ କରିବା ଉଚିତ୍। ଭାରତରେ ଏକ ସକ୍ରିୟ ଓ ସ୍ୱାଧୀନ ଗଣମାଧ୍ୟମ ରହିଛି, ଯାହା ବିବିଧ ସ୍ୱର ଏବଂ ମତାମତ ପାଇଁ ଏକ ମଞ୍ଚ ପ୍ରଦାନ କରୁଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍ ମୁରୁଗନ୍ ଏକ ମୁକ୍ତ ଓ ଦାୟିତ୍ୱସମ୍ପନ୍ନ ପ୍ରେସ୍ ସାମ୍ବାଦିକତା ନୈତିକତା ଓ ମାନଦଣ୍ଡକୁ ପାଳନ କରିବା ସୁନିଶ୍ଚିତ କରି ରାଷ୍ଟ୍ର ସେବାରେ ପ୍ରେସ୍ ର ଭୂମିକା ସୁନିଶ୍ଚିତ କରିବାରେ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ଭୂମିକାକୁ ପ୍ରଶଂସା କରିଥିଲେ। ଉଭୟ ଭିତରେ ଓ ବାହାରେ ଘଟୁଥିବା ପରିବର୍ତ୍ତନକୁ ନିରନ୍ତର ଭାବେ ଗ୍ରହଣ କରିବାକୁ ସେ ଗଣମାଧ୍ୟମକୁ ଆହ୍ୱାନ ଦେଇଥିଲେ। କପିରାଇଟ୍, ସୃଜନଶୀଳତା, ମୌଳିକତା ଏବଂ ଚୋରି ମାମଲାରେ ଏଆଇର ଉଲ୍ଲଂଘନ ବିରୋଧରେ ମନ୍ତ୍ରୀ ସତର୍କ କରାଇଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଅନ୍ୟ ସବୁ ଟେକ୍ନୋଲୋଜି ପରି ଏଆଇ ପାଇଁ ମଧ୍ୟ ନୈତିକ ମାନବିକ ତଦାରଖର ଆବଶ୍ୟକତା ରହିଛି। ଏହି ଅବସରରେ ମୁଖ୍ୟ ଅତିଥି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଥିଲେ ଯେ ମିଥ୍ୟା ଖବର, ଜାଣିଶୁଣି ଭୁଲ ଓ ଖରାପ ସୂଚନା, ରାଜନୈତିକ ଅଭିଳାଷ ଓ ପସନ୍ଦ, କ୍ଷମତା ଦଲାଲ ଭୂମିକା ଗ୍ରହଣ କରିବାର ପ୍ରବୃତ୍ତି ଓ ଆର୍ଥିକ ଚିନ୍ତାଧାରା ଆଜି ଗଣମାଧ୍ୟମ ପ୍ରତି ଲୋକଙ୍କ ଆସ୍ଥାକୁ କ୍ଷୁର୍ଣ୍ଣ କରିଛି। ବିଶ୍ୱସନୀୟତା ହେଉଛି ଆଜି ଗଣମାଧ୍ୟମ ସମ୍ମୁଖୀନ ହେଉଥିବା ସବୁଠାରୁ ବଡ଼ ଆହ୍ୱାନ ଏବଂ ଏହା ଆଶ୍ଚର୍ଯ୍ୟଜନକ ଯେ ଏହି ଦିଗକୁ ଅଣଦେଖା କରାଯାଉଛି।

## ମହାକାଶ ଶବ୍ଦକୁ ସଙ୍ଗୀତରେ ପରିଣତ କଲା ନାସା




**ନ୍ୟୁୟର୍କ:** ଆମେରିକୀୟ ମହାକାଶ ଏଜେନ୍ସି ନାସା ମହାକାଶୀୟ ଶବ୍ଦଗୁଚ୍ଛର ଏକ ଚମତ୍କାର ସଂଗୀତମୟ ସଂସ୍କରଣ ଜାରି କରିଛି। ସଙ୍ଗୀତ ନିର୍ଦ୍ଦେଶକ ସୋଫି କାଷ୍ଟନରଙ୍କ ସହାୟତାରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ବୋଲି ନାସା ନିଜ ୱେବ୍ସାଇଟରେ କହିଛି। ଏହା ସହ ଶ୍ରୀମତୀ କାଷ୍ଟନରଙ୍କ ସହାୟତାରେ ତିଆରି ହୋଇଥିବା ମ୍ୟୁଜିକ୍ ନୋଟ୍ଗୁଡ଼ିକର ଫଟୋ ମଧ୍ୟ ପୋଷ୍ଟ କରି ନାସା କହିଛି ଯେ, ଏହାର ଟେଲିସ୍କୋପ ଦ୍ୱାରା କଏଦ ହୋଇଥିବା ତଥ୍ୟ ମୂଳ ସଙ୍ଗୀତର ଆଧାର ପାଲଟିଛି ଯାହାକୁ ମଣିଷ ବଜାଇପାରିବ। ଟେଲିସ୍କୋପରୁ ମିଳିଥିବା ତଥ୍ୟକୁ ସୋନିଫିକେସନ୍ ନାମକ ଏକ ପ୍ରକ୍ରିୟା ଦ୍ୱାରା ନୋଟ୍ ଓ ଶବ୍ଦରେ ପରିଣତ କରାଯାଏ। ନାସା ପାଖରେ ବର୍ଷ ବର୍ଷ ଧରି ରେକର୍ଡ ହୋଇଥିବା ଏଭଳି ଶବ୍ଦର ଭଣ୍ଡାର ରହିଛି, ଯାହାକୁ ଏହାର ୱେବ୍ସାଇଟରେ ସୋନିଫିକେସନ୍ ପ୍ଲେଲିଷ୍ଟ ଭାବରେ ପୋଷ୍ଟ କରାଯାଇଛି। ସଦ୍ୟତମ ପ୍ରୋଜେକ୍ଟରେ ଶ୍ରୋତାମାନେ ତଥ୍ୟକୁ ଚିତ୍ର ଭାବରେ ଦେଖିବା ପରିବର୍ତ୍ତେ ଶ୍ରବଣ ଶକ୍ତି ମାଧ୍ୟମରେ ଅନୁଭବ କରିପାରିବେ। ଏହା ଏକ କାଳ୍ପନିକ କାହାଣୀ ଲେଖିବା ପରି ଯାହା ମୁଖ୍ୟତଃ ବାସ୍ତବ ତଥ୍ୟ ଉପରେ ଆଧାରିତ। ମହାକାଶର ଯେଉଁ ତଥ୍ୟକୁ ଶବ୍ଦରେ ରୂପାନ୍ତରିତ କରାଯାଇଛି ତାହାକୁ ଆମେ ସଂଗୀତରେ ରୂପାୟିତ କରୁଛୁ ବୋଲି କାଷ୍ଟନର କହିଛନ୍ତି।

## ସୁନ୍ଦର ହେବା ପାଇଁ ପ୍ରତିବର୍ଷ ୪୦% ଯୁବକ କରୁଛନ୍ତି ପ୍ଲାଷ୍ଟିକ ସର୍ଜରୀ

**ନୂଆଦିଲ୍ଲୀ:** ସୁନ୍ଦର ହେବା ପାଇଁ ପ୍ରାୟ ୪୦ପ୍ରତିଶତ ପୁଅ ପ୍ରତିବର୍ଷ ନାକ ଏବଂ ଓଠରେ ପ୍ଲାଷ୍ଟିକ୍ ସର୍ଜରୀ କରୁଥିବା ଏକ ରିପୋର୍ଟରୁ ଜଣାପଡିଛି। ଗୋଟିଏ ବର୍ଷରେ ଲକ୍ଷ୍ନୌରେ ୪୮ ଜଣ ଯୁବକ ସେମାନଙ୍କ ପ୍ଲାଷ୍ଟିକ୍ ସର୍ଜରୀ କରିଛନ୍ତି। କିଙ୍ଗ ଜର୍ଜ ମେଡିକାଲ କଲେଜର ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ବିଜୟ କୁମାର ଏହି ଆଶ୍ଚର୍ଯ୍ୟଜନକ ତଥ୍ୟ ଦେଇଛନ୍ତି। ତାଙ୍କ କହିବା କଥା ପ୍ରତିବର୍ଷ ୪୮ ଜଣ ଯୁବକ ଓ ଯୁବତୀ ତାଙ୍କ ନିକଟକୁ ନାକ ଏବଂ ଓଠ ଅସ୍ତ୍ରୋପଚାର ପାଇଁ ଆସୁଛନ୍ତି। ଅର୍ଥାତ୍ ପ୍ରତିଦିନ ଚାରିଜଣ ଯୁବକ ଓ ଯୁବତୀ ଅସ୍ତ୍ରୋପଚାର କରୁଛନ୍ତି। ସେ କହିଛନ୍ତି ଯେ ଅଧିକାଂଶ ଲୋକ କେବଳ ସୋସିଆଲ ମିଡିଆ ଦେଖି ସେମାନଙ୍କ ଚେହେରାକୁ ସୁନ୍ଦର କରିବା ପାଇଁ ଏହି କାମ କରୁଛନ୍ତି। ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ଅଧିକାଂଶ ଝିଅ ପ୍ଲାଷ୍ଟିକ୍ ସର୍ଜରୀ ପାଇଁ ଆସୁଥିଲେ। ପୂର୍ବରୁ କେବଳ ଗୋଟିଏ ବା ଦୁଇ ପୁଅ ଆସୁଥିଲେ, କିନ୍ତୁ ବର୍ତ୍ତମାନ ଏହି ସଂଖ୍ୟା ୪୦ ଏବଂ ୬୦ରେ ପହଞ୍ଚିଛି, ଅର୍ଥାତ୍ ୬୦% ଝିଅଏବଂ ୪୦% ପୁଅ ଆସୁଛନ୍ତି। ଅସ୍ତ୍ରୋପଚାର ପାଇଁ ତାଙ୍କ ନିକଟକୁ ଆସୁଥିବା ପୁଅଙ୍କ ବୟସ ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ। ଏହି ଅସ୍ତ୍ରୋପଚାର ବେଶୀ ଯନ୍ତ୍ରଣାଦାୟକ ନୁହେଁ। ସାମାନ୍ୟ ଯନ୍ତ୍ରଣା ହୁଏ ଏବଂ ୨-୩ ଦିନରେ ସେମାନଙ୍କୁ ଡିସଚାର୍ଜ ମଧ୍ୟ କରାଯାଏ। ସେ କହିଛନ୍ତି ଯେ ଅସ୍ତ୍ରୋପଚାର ଦୁଇଟି ଉପାୟରେ କରାଯାଏ। ଗୋଟିଏ ହେଉଛି ଯେତେବେଳେ ଇଂପ୍ଲାଣ୍ଟ ବାହାରୁ ଅଣାଯାଏ ଏବଂ ସେଗୁଡିକ ବ୍ୟବହୃତ ହୁଏ। ଦ୍ୱିତୀୟଟି ହେଉଛି ଯେତେବେଳେ ଶରୀରର ବିଭିନ୍ନ ଅଙ୍ଗରୁ ଚର୍ବି ବାହାର କରି ବ୍ୟବହାର କରାଯାଏ। ଯେତେବେଳେ ଇଂପ୍ଲାଣ୍ଟ ବାହାରୁ ଅଣାଯାଏ, ପ୍ଲାଷ୍ଟିକ୍ ସର୍ଜରୀ ମହଙ୍ଗା ହୋଇଥାଏ। ଏହାର ମୂଲ୍ୟ ୩୦ ରୁ ୫୦ହଜାର ଟଙ୍କା ମଧ୍ୟରେ ହୋଇଥାଏ। କିନ୍ତୁ ଯେତେବେଳେ ପ୍ଲାଷ୍ଟିକ୍ ସର୍ଜରୀ ବ୍ୟକ୍ତିଙ୍କ ଶରୀରର ଅନ୍ୟ ଅଂଶରୁ ଚର୍ବି ବାହାର କରି ଅସ୍ତ୍ରୋପଚାର କରାଯାଏ, ସେତେବେଳେ ଏହା କେବଳ ୧୦, ୦୦୦ ଟଙ୍କାରେ କରାଯାଇଥାଏ। ପ୍ରଫେସର ବିଜୟ କୁମାର କହିଛନ୍ତି ଯେ ଯଦି ଜଣେ ଭଲ ଡାକ୍ତର ଏବଂ ମେଡିକାଲ କଲେଜ ଦ୍ୱାରା ପ୍ଲାଷ୍ଟିକ୍ ସର୍ଜରୀ କରାଯାଏ ନାହିଁ, ତେବେ ମୁହଁ ନଷ୍ଟ ହେବାର ସମ୍ଭାବନା ମଧ୍ୟ ଥାଏ।

## ଭାରତୀୟ ସେନାରେ ସାମିଲ ହେବ ୫ଶହ ଡ୍ରୋନ୍



**ନୂଆଦିଲ୍ଲୀ:** ଆହୁରି ଶକ୍ତିଶାଳି ହେବ ଭାରତୀୟ ସେନା। ଭାରତୀୟ ସେନାରେ ସାମିଲ ହେବ ୫ଶହ ଟି ଡ୍ରୋନ। ଏମଇଟି ଚେନ୍ନାଇ ପକ୍ଷରୁ ନିର୍ମିତ ଏହି ଡ୍ରୋନ ବହୁ ଅସାଧ କାର୍ଯ୍ୟକ୍ରମରେ ନିଜର କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିବ। ଭାରତୀୟ ସେନା ପକ୍ଷରୁ ଉତ୍ତର-ପୂର୍ବ ଦୁର୍ଗମ ଅଞ୍ଚଳରେ ୫୦୦ଟି ଡ୍ରୋନ ନିୟୋଜିତ କରାଯିବ। ଦରକାରୀ ସାମଗ୍ରୀ ଏବଂ ମେଡିସିନ ମେଡିକାଲରେ ମାନବ ଅଙ୍ଗ, ଦୁର୍ଲଭ ରକ୍ତ ଓ ପ୍ଲାଜମା ପରିବହନରେ ସାହାଯ୍ୟ କରିବ। ଏହାର ଓଜନ ୧୦୦ କିଲୋଗ୍ରାମ ରହିଛି। ଏଥି ସହିତ ୧୫ରୁ ୨୦ କିଲୋ ପର୍ଯ୍ୟନ୍ତ ସାମଗ୍ରୀ ନେବାର କ୍ଷମତା ରହିଛି। ଏଥିରେ ଖଞ୍ଜାଯାଇଛି ପ୍ରୋକ୍ସିମେଟୀ ସେନ୍ସର ଯାହାକି କୁହୁଡି, ବର୍ଷା, ଭୀଷଣ ପବନରେ ମଧ୍ୟ ଗତି କରିପାରିବ। ନାଭିଗେସନ ମାଧ୍ୟମରେ ୧କିମିଠାରୁ ୨୦ କିଲୋମିଟର ଉଚ୍ଚକୁ ଉଡିପାରିବ। ଅନେଇ କଲାମ ଆଡଭାନ୍ସଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ କୁହାଯାଇଛି ଏହି ଡ୍ରୋନର ସଫଳ ପରୀକ୍ଷଣ ଲେହ ,ଲଦାଖ,ଘନ ଜଙ୍ଗଲର ଉତ୍ତର ପୂର୍ବ ଉଚ୍ଚ ସ୍ଥାନମାନଙ୍କରେ ହୋଇସାରିଛି।

**ହରିୟାଣା ସରକାରଙ୍କୁ ଝଟ୍କା**

## ୭୫% ସଂରକ୍ଷଣ ବ୍ୟବସ୍ଥାକୁ ରଦ୍ଦ କଲେ କୋର୍ଟ

**ନୂଆଦିଲ୍ଲୀ:** ହରିୟାଣାର କ୍ଷମତାସୀନ ବିଜେପି ସରକାରକୁ ଶକ୍ତ ଝଟକା ଲାଗିଛି। ଘରୋଇ କ୍ଷେତ୍ରର ଚାକିରିରେ ସ୍ଥାନୀୟ ଲୋକଙ୍କ ପାଇଁ ୭୫% ଆସନ ସଂରକ୍ଷଣ କରି ରଖିବା ପାଇଁ ସରକାର ପ୍ରଣୟନ କରିଥିବା ଆଇନ ଆଜି ରଦ୍ଦ ହୋଇଛି। ପଞ୍ଜାବ ଓ ହରିୟାଣା ହାଇକୋର୍ଟ ରାଜ୍ୟ ସରକାରଙ୍କ ୭୫% ସଂରକ୍ଷଣ ବ୍ୟବସ୍ଥାକୁ ଅସାମ୍ବିଧାନିକ ବୋଲି ମଧ୍ୟ କହିଛନ୍ତି। ଜଷ୍ଟିସ ଜିଏସ ସାନ୍ଧାୱାଲିଆ ଓ ଜଷ୍ଟିସ ହରପ୍ରୀତ କୌର ଜୀୱାନଙ୍କୁ ନେଇ ଗଠିତ ଡିଭିଜନ ବେଞ୍ଚ କହିଛନ୍ତି ଯେ ହରିୟାଣା ଷ୍ଟେଟ ଏମ୍ପଲୟମେଣ୍ଟ ଅଫ ଲୋକାଲ କ୍ୟାଣ୍ଡିଡେଟ ଆଇନ ୨୦୨୦ ରାଜ୍ୟର ଆଇନ ପ୍ରାଧିକରଣକୁ ଅତିକ୍ରମ କରୁଛି। ଏହା ସମ୍ବିଧାନର ଭାଗ ୩ର ମଧ୍ୟ ଉଲ୍ଲଙ୍ଘନ କରୁଛି। ତେଣୁ ଉକ୍ତ ଆଇନ ଅସାମ୍ବିଧାନକ ବୋଲି ଡିଭିଜନ ବେଞ୍ଚ କହିଛନ୍ତି। ୨୦୨୧ରେ ରାଜ୍ୟ ବିଧାନସଭାରେ ଲୋକାଲ କ୍ୟାଣ୍ଡିଡେଟ ଆଇନ ପାସ ହୋଇଥିଲା। ଏଥିରେ କୁହାଯାଇଥିଲା ଯେ ଘରୋଇ କମ୍ପାନୀଗୁଡ଼ିକ ସେମାନଙ୍କ ମୋଟ ପଦବୀର ୭୫% ଆସନ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପାଇଁ ସଂରକ୍ଷଣ କରି ରଖିବେ। ସ୍ଥାନୀୟ ଲୋକଙ୍କୁ ଅଧିକ ମାତ୍ରରେ ନିଯୁକ୍ତି ଦେବା ପାଇଁ ସରକାର ଏପରି ବ୍ୟବସ୍ଥା କରିଥିଲେ। ଯେଉଁ ଘରୋଇ ସଂସ୍ଥାରେ ୧୦ କିମ୍ବା ତା’ ଠାରୁ ଅଧିକ କର୍ମଚାରୀ ରହିଛନ୍ତି, ସେମାନଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ ହେବ ବୋଲି ସରକାର କହିଥିଲେ। କିନ୍ତୁ ଏହାକୁ ହରିୟାଣା ଇଣ୍ଡଷ୍ଟ୍ରୀଜ ଆସୋସିଏସନ, ଫରିଦାବାଦ ଇଣ୍ଡଷ୍ଟ୍ରୀଜ ଆସୋସିଏସନ ଓ ଅନ୍ୟ କିଛି ସଂସ୍ଥା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଫଳରେ ୨୦୨୨ ଫେବୃଆରୀରୁ ଏହି ଆଇନ ଉପରେ ରୋକ ଲାଗିଥିଲା। ଏବେ ହାଇକୋର୍ଟ ଏହି ଆଇନକୁ ସଂପୂର୍ଣ୍ଣ ଭାବେ ଉଚ୍ଛେଦ କରି ଦେଇଛନ୍ତି।

## ୨୦୨୭ ସୁଦ୍ଧା ଟ୍ରେନ୍ର ସବୁ ଯାତ୍ରୀଙ୍କୁ ମିଳିବ କନ୍ଫର୍ମ ଟିକେଟ !

**ନୂଆଦିଲ୍ଲୀ:** ଅନେକ ସମୟରେ ଆପଣ କୌଣସି ଦୂର ସ୍ଥାନକୁ ଯାତ୍ରା ପାଇଁ ଟ୍ରେନ ଉପରେ ନିର୍ଭର କରିଥାନ୍ତି। ତେବେ ବେଳେବେଳେ କନଫର୍ମ ଟିକେଟ ମିଳିନଥାଏ। ଟିକେଟ ୱେଟିଂ ତାଲିକାରେ ରହିଥାଏ ଓ ଏହି କାରଣରୁ ଅଧିକାଂଶ ଯାତ୍ରୀ ବାଧ ହୋଇ ଟିକେଟ ବାତିଲ କରନ୍ତି। ବିଶେଷକରି ପର୍ବପର୍ବାଣି ସମୟରେ ଅଧିକାଂଶ ଲୋକ ନିଜ ଘରକୁ ଯିବାକୁ ଟ୍ରେନ ଉପରେ ଯଦିଓ ନିର୍ଭର କରନ୍ତି କିନ୍ତୁ ଟିକେଟ ମିଳିନଥାଏ। ଏଭଳି ସମସ୍ୟାକୁ ଦୃଷ୍ଟିରେ ରଖି ରେଳବାଇ ଏବେ ବିସ୍ତୃତ ଯୋଜନା କରୁଛି। ଆଉ ଯୋଜନା ମୁତାବକ ଯଦି କାର୍ଯ୍ୟ ହୁଏ ତେବେ ପ୍ରତ୍ୟେକ ରେଳ ଯାତ୍ରୀ ୨୦୨୭ ସୁଦ୍ଧା କନଫର୍ମ ଟିକେଟ ପାଇବେ। ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଯାତ୍ରୀ ଭିଡ



ସହ କିଭଳି ସମସ୍ତେ ନିଶ୍ଚିତ ଟିକେଟ ପାଇପାରିବେ ସେଥିପାଇଁ ରେଳବାଇ ଯୋଜନା କରୁଛି। ଏଥିପାଇଁ ପ୍ରତିବର୍ଷ ନୂଆ ଧାରଣା ବିଛାଯିବ। ପ୍ରତିବର୍ଷ ୪୦୦୦-୫୦୦୦ କିଲୋମିଟର ଟ୍ରାକର ନେଟୱାର୍କ ବିଛାଯିବ। ବର୍ତ୍ତମାନ ପ୍ରତ୍ୟେକ ଦିନ ୧୦୭୪୮ ଟ୍ରେନ୍ ଚାଲୁଥିବାବେଳେ ଏହାକୁ ପ୍ରତିଦିନ ୧୩୦୦୦ ଟ୍ରେନରେ ବୃଦ୍ଧି କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆସନ୍ତା ୩-୪ ବର୍ଷ ମଧ୍ୟରେ ଟ୍ରାକରେ ୩୦୦୦ ନୂତନ ଟ୍ରେନ୍ ଲଞ୍ଚ କରିବାର ଯୋଜନା ରହିଛି ବୋଲି ସୂତ୍ରରୁ ଜଣାପଡିଛି। ପ୍ରତିବର୍ଷ ପ୍ରାୟ ୮୦୦ କୋଟି ଯାତ୍ରୀ ଟ୍ରେନରେ ଯାତ୍ରା କରନ୍ତି। ଆଉ ରେଳବାଇ ଯୋଜନା କରିଛି ଯେ ଯାତ୍ରୀଙ୍କ କ୍ଷମତାକୁ ୧୦୦୦ କୋଟିକୁ ବୃଦ୍ଧି କରିବା। ଯାତ୍ରା ସମୟ ହ୍ରାସ କରିବା ପାଇଁ ରେଳବାଇ ମଧ୍ୟ କାର୍ଯ୍ୟ କରୁଛି, ଯେଉଁଥିରେ ଅଧିକ ଧାରଣା ବିଛାଇବା ସହ ଟ୍ରେନର ବେଗ ବଢାଇବାକୁ ଲକ୍ଷ୍ୟ ରଖାଯାଇଛି। ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ, ପ୍ରତିବର୍ଷ ପ୍ରାୟ ୨୨୫ଟି ଏମିତି ଟ୍ରେନ୍ ନିର୍ମାଣ କରାଯାଉଛି ଯେଉଁଥିରେ ପୁସ୍ ପଲ୍ ଟେକ୍ନୋଲୋଜି ବ୍ୟବହାର କରାଯାଉଛି।

## ମ୍ୟାଁମାରରେ ପ୍ରବେଶ କରୁଛନ୍ତି ହଜାର ହଜାର ମିଜୋରାମ ନାଗରିକ

**ମ୍ୟାମାର:** ମ୍ୟାଁମାରରୁ ମିଜୋରାମରୁ ଜାରିରହିଛି ପଳାୟନ। ହଜାର ହଜାର ମ୍ୟାମାର ନାଗରିକ ମିଜୋରାମରେ ପ୍ରବେଶ କରିଛନ୍ତି। ମ୍ୟାମାରର ଚିନ ପ୍ରଜାତନ୍ତ୍ରରେ ଆର୍ମି ପକ୍ଷରୁ ଆକ୍ରମଣ କରାଯିବା ପରେ ସେମାନେ ଜୀବନ ବିକଳରେ ମିଜୋରାମକୁ ଚାଲିଆସୁଛନ୍ତି। ସୀମାନ୍ତରେ ଅବସ୍ଥିତ ଦୁଇଟି ଗ୍ରାମରେ ୫ ହଜାରରୁ ଅଧିକ ମ୍ୟାମାର ନାଗରିକ ଆଶ୍ରୟ ନେଇଛନ୍ତି। କେତେକ ଆହତ ନାଗରିକଙ୍କୁ ଆଇଜଲସ୍ଥିତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଛି। ସେପଟେ ବିଭିନ୍ନ ଜନବସତି ଉପରେ ଆର୍ମି ପକ୍ଷରୁ ଅଧିକ ଆକ୍ରମଣ ହେବା ଆଶଙ୍କା ଥିବାରୁ ଶରଣାର୍ଥୀଙ୍କ ସଂଖ୍ୟା ବହୁ ଅଧିକ ହେବା ଆଶଙ୍କା କରାଯାଉଛି। ମିଜୋରାମରେ ପହଞ୍ଚିଥିବା



ଶରଣାର୍ଥୀଙ୍କୁ ବିଭିନ୍ନ ମିଜୋ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି। ଭାରତ ସୀମାନ ନିକଟ ଅର୍ଥାତ ଚୀନ ପ୍ରଜାତନ୍ତ୍ରର ଖ୍ୱାମାୱି ଓ ରିଖୱଦରସ୍ଥିତ ଦୁଇଟି ସାମରିକ ଘାଟି ଉପରେ ପିପୁଲସ ଡିଫେନ୍ସ ଫୋର୍ସ ଆକ୍ରମଣ କରିବା ପରେ ଜବାବରେ ଆର୍ମି ପକ୍ଷରୁ ବିଭିନ୍ନ ଜନବସତି ଉପରେ ଆକ୍ରମଣ କରାଯାଇଥିଲା। ମ୍ୟାମାରର ଚୀନ ସମ୍ପ୍ରଦାୟ ସହିତ ମିଜୋମାନଙ୍କ ଜାତିଗତ ସମ୍ପର୍କ ରହିଛି।

**ନିତି ଆୟୋଗ ରିପୋର୍ଟ**

# ଚୀନ୍ ତୁଳନାରେ ଭାରତର ସ୍କୁଲ ସଂଖ୍ୟା ୫ ଗୁଣ ଅଧିକ

**ନୂଆଦିଲ୍ଲୀ :** ନିକଟରେ ପ୍ରକାଶିତ ନିତି ଆୟୋଗ ରିପୋର୍ଟ ‘ଲର୍ଣ୍ଣିଂସ୍ ଫ୍ରମ୍ ଲାର୍ଜ-ସ୍କେଲ୍ ଟ୍ରାନ୍ସଫର୍ମେସନ ଇନ୍ ସ୍କୁଲ୍ ଏଜୁକେସନ୍’ ଅନୁଯାୟୀ, ସମାନ ସଂଖ୍ୟକ ପିଲାଙ୍କ ପାଇଁ ଭାରତରେ ଚୀନ୍ ତୁଳନାରେ ପାଞ୍ଚ ଗୁଣ ଅଧିକ ସ୍କୁଲ ରହିଛି। ନିକଟରେ ରଏଟର୍ସ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, କଠୋର ନିୟନ୍ତ୍ରଣ, ମନ୍ଥର ଅର୍ଥନୀତି ଏବଂ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ଯୋଗୁଁ ଚୀନ୍ର ଅନେକ ଅନ୍ତର୍ଜାତୀୟ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ହେଉଛି କିମ୍ବା ଅନ୍ୟ ସ୍କୁଲ ସହ ମିଶ୍ରଣ ହେଉଛି। ୨୦୨୦ରେ ଦେଶବ୍ୟାପୀ ପ୍ରାୟ ୧୮୦,୦୦୦ ଘରୋଇ ଶିକ୍ଷାନୁଷ୍ଠାନ ଥିଲା ଯାହା ଚୀନ୍ର ସମସ୍ତ ଶିକ୍ଷାନୁଷ୍ଠାନର ଏକ ତୃତୀୟାଂଶରୁ ଅଧିକ। ଏହି ବିଦ୍ୟାଳୟଗୁଡ଼ିକରେ ୫୫.୬ ନିୟୁତ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ତେବେ ଚୀନ୍ରେ ଅନେକ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଛି ଯେଉଁଗୁଡ଼ିକ କେବଳ ବିଦେଶୀ ପାସପୋର୍ଟରେ ଛାତ୍ରଛାତ୍ରୀଙ୍କ ନାମ ଲେଖାଇଥାନ୍ତି। ମହାମାରୀ ପରେ ଏହି ପିଲାମାନେ ଦେଶ ଛାଡ଼ି ନିଜ ଦେଶକୁ ଚାଲିଯିବାରୁ ଏବଂ ଭୂ-ରାଜନୈତିକ ଉତ୍ତେଜନା ବୃଦ୍ଧି କାରଣରୁ ସେହି ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇଛି। କୋଭିଡ୍-୧୯ ମହାମାରୀ ପୂର୍ବରୁ ସ୍କୁଲଗୁଡ଼ିକର ଦ୍ରୁତ ବିସ୍ତାର ଯୋଗୁଁ ପାଶ୍ଚାତ୍ୟ ପରୀକ୍ଷା ପାଠ୍ୟକ୍ରମ ପ୍ରଦାନ କରୁଥିବା ଚୀନ୍ରେ ଘରୋଇ ଦ୍ୱିଭାଷୀ ବିଦ୍ୟାଳୟଗୁଡ଼ିକର ବୃଦ୍ଧି ଘଟିଥିଲା। ପିଲାମାନଙ୍କ ଉପରେ ଚାପ ହ୍ରାସ କରିବା ଏବଂ ପାରିବାରିକ ଖର୍ଚ୍ଚ ହ୍ରାସ କରିବା ଉଦ୍ଦେଶ୍ୟରେ ବେଜିଂ ୨୦୨୧ରେ ନୂଆ ନିୟମ ଲାଗୁ କରିବା ଏବଂ



ଘରୋଇ ଶିକ୍ଷାଦାନ ବ୍ୟବସାୟ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଏହି ବ୍ୟବସାୟ ହ୍ରାସ ପାଇଥିଲା। ନୀତି ଆୟୋଗ ରିପୋର୍ଟ ଅନୁଯାୟୀ, ଭାରତର ଅନେକ ରାଜ୍ୟର ୫୦ ପ୍ରତିଶତରୁ ଅଧିକ ପ୍ରାଥମିକ ବିଦ୍ୟାଳୟରେ ୬୦ରୁ କମ୍ ପିଲା ନାମ ଲେଖାଇଛନ୍ତି। ଅନେକ ବିଦ୍ୟାଳୟରେ ଭିତ୍ତିଭୂମି ଓ ଶିକ୍ଷକଙ୍କର ଅଭାବ ରହିଛି। ବିନା ପ୍ରଧାନଶିକ୍ଷକ ଏବଂ ଜଣେ ବା ଦୁଇଜଣ ଶିକ୍ଷକରେ ଅନେକ ବିଦ୍ୟାଳୟ ଚାଲିଛି। ଏଭଳି ନିମ୍ନମାନର ବିଦ୍ୟାଳୟକୁ ଛାତ୍ର ଓ ଅଭିଭାବକମାନେ ପସନ୍ଦ କରୁନାହାନ୍ତି। ବିଦ୍ୟାଳୟରେ ନାମଲେଖା ଅଭାବକୁ ଦୂର କରିବା ପାଇଁ ଏକ ସମାଧାନ ଭାବରେ ବିଦ୍ୟାଳୟ ମିଶ୍ରଣ କରିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ସାଥ-ଇ (ସଷ୍ଟେନେବୁଲ୍ ଆକ୍ସନ ଫର୍ ଟ୍ରାନ୍ସଫର୍ମିଂ ହ୍ୟୁମ୍ୟାନ କ୍ୟାପିଟାଲ-ଏଜୁକେସନ) ପ୍ରକଳ୍ପ ପାଇଁ ବଛାଯାଇଥିବା ରାଜ୍ୟଗୁଡ଼ିକରେ ଏଭଳି ସମାଧାନ କାର୍ଯ୍ୟକାରୀ ହୋଇଛି ଏବଂ ବିଦ୍ୟାଳୟରେ ନାମଲେଖା ଅଭାବକୁ ପୂରଣ କରିବାରେ ଅନୁକୂଳ ଫଳାଫଳ ମିଳିଛି। ମିଶ୍ରଣର ପ୍ରଭାବକୁ ନେଇ ଅନେକ ସମୟରେ ଆଶଙ୍କା ଦେଖାଦେଇଥାଏ। ତେବେ ସାଥ-ଇର ତୃତୀୟ ପକ୍ଷ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ, ମିଶ୍ରଣର ଲାଭ ଅନେକାଂଶରେ ସକାରାତ୍ମକ ହୋଇଥାଏ ଏବଂ ଶିକ୍ଷଣ ଫଳାଫଳରେ ଉନ୍ନତି ଆଣିପାରେ। ମିଶ୍ରଣ ବ୍ୟତୀତ ରାଜ୍ୟରେ ଅତି କମ୍ରେ ୧୦-୨୦ ପ୍ରତିଶତ ବୃହତ୍ ବିଦ୍ୟାଳୟର ବିକାଶ କରାଯାଇପାରିବ। ଏହି ବିଦ୍ୟାଳୟଗୁଡ଼ିକୁ ସମନ୍ୱିତ କେ-୧୨ ବିଦ୍ୟାଳୟ କରାଯାଇପାରିବ। ପରିବହନ ବ୍ୟବସ୍ଥା ମଧ୍ୟ କରାଯିବା ଉଚିତ ଯାହାଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ସ୍କୁଲ ଆସିପାରିବେ। ବଡ଼ ବଡ଼ ସ୍କୁଲ୍ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ଏନ୍ଇପିରେ ମଧ୍ୟ ଏହା ସୁପାରିସ କରାଯାଇଛି। ଏହି ରିପୋର୍ଟରେ ତିନୋଟି ପ୍ରୋଜେକ୍ଟ ସାଥ-ଇ ରାଜ୍ୟରେ କିପରି ବିଦ୍ୟାଳୟ ଏକତ୍ରୀକରଣ ପ୍ରୟାସ କରାଯାଇଥିଲା ତାହାର ବିସ୍ତୃତ ବିବରଣୀ ଦିଆଯାଇଛି। ଏହି ରିପୋର୍ଟରେ ଲିଡର ସ୍କୁଲର ବିକାଶ ପ୍ରୟାସ ବିଷୟରେ ମଧ୍ୟ ସୂଚନା ରହିଛି।

# ଆର୍ଥିକ ପରିଚାଳନାରେ ସାରା ଦେଶ ପାଇଁ ଓଡ଼ିଶା ଉଦାହରଣ

**ଭୁବନେଶ୍ୱର :** ପୁଣି ରୋଲ୍ ମଡେଲ୍ ହେଲା ଓଡ଼ିଶା। ଆର୍ଥିକ ପରିଚାଳନାରେ ସାରା ଦେଶ ପାଇଁ ଉଦାହରଣ ପାଲଟିଛି ରାଜ୍ୟ। ନୂଆ ଓଡ଼ିଶା, ରୂପାନ୍ତରିତ ଓଡ଼ିଶା, ନବୀନ ଓଡ଼ିଶାର ଆଉ ଏକ ସଫଳତା ସାମ୍ନାକୁ ଆସିଛି। ସାରା ଦେଶରେ ରାଜସ୍ୱ ବଳକା ଭାବେ ଏକ ନମ୍ବର ହୋଇଛି ଓଡ଼ିଶା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶିତା ଓ ଫାଇଭ୍ ଟି ସଂସ୍କାରର ଫଳସ୍ୱରୂପ ଏହା ସମ୍ଭବ ହୋଇପାରିଛି। ୨୦୨୧-୨୨ ଆର୍ଥିକ ବର୍ଷକୁ ନେଇ ପ୍ରସ୍ତୁତ ହୋଇଥିବା ରିପୋର୍ଟରେ ଓଡ଼ିଶା ୧ ନମ୍ବର ରାଜ୍ୟ ଭାବେ ୪୩ ହଜାର ୪୭୧ କୋଟି ଟଙ୍କାର ରାଜସ୍ୱ ବଳକା ପାଇଛି। ମହାରାଷ୍ଟ୍ର, ତାମିଲନାଡୁ, ରାଜସ୍ଥାନ, କର୍ଣ୍ଣାଟକ, ପଞ୍ଜାବ, ହରିୟାଣା, ଆସାମ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟକୁ ପଛରେ ପକାଇଛି ଓଡ଼ିଶା। ଏହି ସବୁ ରାଜ୍ୟ ରାଜସ୍ୱ ନିଅଣ୍ଟରେ ଚାଲୁଛନ୍ତି। ରାଜସ୍ୱ ବଳକାରେ ଓଡ଼ିଶା ପଛକୁ ବିଜେପି ଶାସିତ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ ଓ କଂଗ୍ରେସ ଶାସିତ ଝାଡଖଣ୍ଡ, ଛତିଶଗଡ଼ ଅଛନ୍ତି। ରାଜ୍ୟର ଆର୍ଥିକ ପରିଚାଳନାକୁ କେନ୍ଦ୍ର ସରକାର ଓ ନୀତି ଆୟୋଗ ଲଗାତର ଭାବେ ପ୍ରଶଂସା କରି ଆସୁଛନ୍ତି। ଓଡ଼ିଶା ଏବେ ଦେଶର ଆର୍ଥିକ ଶକ୍ତି ଭାବେ ଉଭା ହୋଇଛି। ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ଅନେକ କିଛି ଜନ ହିତକର ଯୋଜନା କରିବାରେ ସକ୍ଷମ ହୋଇପାରୁଛନ୍ତି। ରାଜ୍ୟର ରୂପାନ୍ତରଣରେ ଏହାର ରହିଛି ବଳିଷ୍ଠ ଯୋଗଦାନ। ସାଂସ୍କୃତିକ ପ୍ରାଣକେନ୍ଦ୍ର, ସ୍କୁଲ୍, ପାନୀୟ ଜଳ, ଜଳସେଚନ, ଚାଷୀ, ମିଶନ ଶକ୍ତି, ସ୍ୱାସ୍ଥ୍ୟସେବା, ଗ୍ରାମାଞ୍ଚଳ ବିକାଶ ଇତ୍ୟାଦିରେ ବ୍ୟାପକ ଉନ୍ନତି ଆସିପାରିଛି। ଏଥିସହ ପ୍ରାୟ କେନ୍ଦ୍ରୀୟ ସ୍କିମ୍‌ରେ ନିଜ ଭାଗ ଅର୍ଥ ବାଦ୍ ଜମି ଓ ପ୍ରଶାସନିକ ଖର୍ଚ୍ଚ ବାବଦରେ ଟଙ୍କା ଖର୍ଚ୍ଚ କରୁଛନ୍ତି ସରକାର।


## ୨୮ ଲକ୍ଷ ହେକ୍ଟର ରବି ଚାଷ ଲକ୍ଷ୍ୟ

**ଭୁବନେଶ୍ୱର:** ଚଳିତ ବର୍ଷ ରବିରେ ସମୁଦାୟ ୨୮ ଲକ୍ଷ ୧୩ ହଜାର ହେକ୍ଟର ରବି ଫସଲ ଚାଷ କରାଯିବ। ଏଥି ମଧ୍ୟରୁ ୯୧୨୦ ହେକ୍ଟରରେ ହାଇବ୍ରିଡ୍ ପରିବା, ୯୩୩୩ ହେକ୍ଟରରେ ଆଳୁ, ୨୩୨୫ ହେକ୍ଟରରେ ପିଆଜ, ୨୫୦୦ ହେକ୍ଟରରେ ରସୁଣ, ୧୫,୦୦୦ ହେକ୍ଟରରେ ଲଙ୍କା ଓ ୭୦୦୦ ହେକ୍ଟରରେ ଧଣିଆ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପର୍ଯ୍ୟାପ୍ତ ପରିମାଣରେ ବିହନ ଯୋଗାଇ ଦେବାକୁ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କିତ ସମୀକ୍ଷା ବୈଠକରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ, ଭାରତୀୟ ପାଣିପାଗ ବିଭାଗ, ଜଳସଂପଦ ବିଭାଗର ଅଧିକାରୀ, ସମସ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ଜଳସଂପଦ ବିଭାଗ ଯନ୍ତ୍ରୀ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସହିତ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମର ସମୀକ୍ଷା ହୋଇଥିଲା।

### ସାପ ଧରା ଉପରେ କଟକଣା

# ସ୍ୱୀକୃତିପ୍ରାପ୍ତ ହିଁ ଧରିବେ ସାପ

**ଭୁବନେଶ୍ୱର :** ସ୍ୱେଚ୍ଛାକୃତ ଭାବେ ସାପ ଉଦ୍ଧାର ଓ ପୁର୍ନବାସ କରାଉଥିବା ବ୍ୟକ୍ତିଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥିପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ମାର୍ଗଦର୍ଶିକା ଅନୁଯାୟୀ ନିର୍ଦ୍ଧାରିତ ଫର୍ମରେ ସେମାନଙ୍କ ନିକଟସ୍ଥ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ୧୫ ଦିନ ମଧ୍ୟରେ ଆବେଦନ କରିପାରିବେ। ଏ ସମ୍ପର୍କିତ ବିସ୍ତୃତ ମାର୍ଗଦର୍ଶିକା ସମସ୍ତ ବନଖଣ୍ଡ ଅଧିକାରୀ, ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ୱେବସାଇଟ୍‌ରେ ଉପଲବ୍ଧ ରହିଛି। ଏଣିକି ଯେଉଁମାନେ ସାପ ଧରିବେ ପ୍ରଥମେ ସେମାନଙ୍କୁ ରାଜ୍ୟ ସରକାରଙ୍କ ନିକଟରେ ପଞ୍ଜିକରଣ କରିବାକୁ ପଡ଼ିବ। ଏହାପରେ ଜଙ୍ଗଲ ବିଭାଗ ପକ୍ଷରୁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଯେଉଁମାନେ ସାପ ଧରିବେ ସେମାନଙ୍କ ବୟସ



୬୫ ବର୍ଷରୁ ଅଧିକ ହୋଇ ନଥିବା ଆବଶ୍ୟକ। ଲୋକେ ସାପ ଦେଖିବା କ୍ଷଣି ସଙ୍ଗେ ସଙ୍ଗେ ତାହାର ଫଟୋ ଉଠାଇ ସାପ ଧରାଳିଙ୍କ ନିକଟକୁ ପଠାଇବେ। ସାପଟିକୁ ଅନୁଧ୍ୟାନ କରିବା ପରେ କେତେ ସମୟ ମଧ୍ୟରେ ସାପ ଧରାଳି ସେଠାରେ ପହଞ୍ଚିବେ ତାହା ସୁନିଶ୍ଚିତ କରିବେ। ଯଦି ସାପ କୌଣସି ଲୋକଙ୍କୁ କାମୁଡିଛି, ତେବେ ସାପ ଧରାଳି ଆଶୁ ଚିକିତ୍ସା କରାଇବା ସହ ହସ୍ପିଟାଲ ପଠାଇବାର ବ୍ୟବସ୍ଥା କରିବେ। ଉଦ୍ଧାର ସାପକୁ ତୁରନ୍ତ ଜଙ୍ଗଲରେ ଛାଡ଼ିବେ। ଯଦି ସାପ ଆହତ ହୋଇଥିବ ତେବେ ତା'ର ମଧ୍ୟ ଚିକିତ୍ସା କରିବା ପରେ ଛାଡ଼ିବେ। ଏକାଧିକ ସାପ ଉଦ୍ଧାର ହୋଇଥିଲେ ଗୋଟିଏ ସ୍ଥାନରେ ଛାଡ଼ିବେ ନାହିଁ। ସ୍ଥାନୀୟ ବନ ବିଭାଗ କର୍ତ୍ତୃପକ୍ଷ ସେମାନଙ୍କ ଅଞ୍ଚଳରେ ସାପ କାମୁଡ଼ା ଏବଂ କାମୁଡ଼ା ଜନିତ ମୃତ୍ୟୁର ମାସିକ ରିପୋର୍ଟ ପ୍ରସ୍ତୁତ କରିବେ। ସାପ ଧରାଳିଙ୍କ ପାଇଁ ବୀମା ସହ ସ୍ୱତନ୍ତ୍ର ସୁରକ୍ଷା ଟୁଲ୍ କିଟ୍ ପ୍ରଦାନ କରାଯିବ। ପିଭିସି ପାଇପ, ବ୍ୟାଗ, ଫାଷ୍ଟ ଏଡ୍ କିଟ୍, ଟର୍ଚ୍ଚ, ସାପ କାମୁଡା ବ୍ୟାଣ୍ଡେଡ୍, ସାପ ଧରା ହୁକ୍, ଫ୍ରେମ ଲାଗିଥିବା କପଡା ବ୍ୟାଗ୍ ଆଦି ସାମଗ୍ରୀ ସେମାନଙ୍କୁ ଯୋଗାଇ ଦିଆଯିବ। ବନ ବିଭାଗ ପକ୍ଷରୁ କୁହାଯାଇଛି ଯେ ସାପ କାମୁଡ଼ିଲେ କିମ୍ବା ଜନବସତିରେ ସାପ ଦେଖାଦେଲେ ଲୋକ ଯଦି ହେଲ୍ପଲାଇନ୍‌ରେ ଫୋନ୍ କରୁଛନ୍ତି ତେବେ ମାନବସମ୍ବଳ ଅଭାବରୁ ସାପ ଉଦ୍ଧାରକାରୀ ଦଳ ଠିକ୍ ସମୟରେ ପହଞ୍ଚିପାରୁ ନାହାନ୍ତି। ଯେତେବେଳେ ଉଦ୍ଧାରକାରୀ ଦଳ ପହଞ୍ଚୁଛି ସେତେବେଳକୁ ଲୋକେ ସାପକୁ ବାଡ଼େଇ ମାରି ଦେଉଛନ୍ତି। ଯେଉଁମାନେ ସାପକୁ ଉଦ୍ଧାର କରୁଛନ୍ତି ସେମାନେ ଆବଶ୍ୟକୀୟ ସରଞ୍ଜାମ ସାଙ୍ଗରେ ନେଉ ନାହାନ୍ତି। ସାପ ଧରିବା ପରେ କେହି କେହି ଷ୍ଟଣ୍ଟ ଦେଖାଉଥିବାରୁ ସାପ କାମୁଡ଼ିବାରେ ସେମାନଙ୍କର ବି ମୃତ୍ୟୁ ହେଉଛି। ତେଣୁ କେବଳ ସ୍ୱୀକୃତିପ୍ରାପ୍ତ ସାପ ଧରାଳି ହିଁ ଏଣିକି ସାପ ଧରିବେ। ଯିଏ ଏହାକୁ ନମାନିବେ ସେମାନଙ୍କ ବିରୋଧରେ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁଠି ଲୋକଙ୍କ ଜୀବନକୁ ସାପର ଭୟ ଥିବ ଯଥା ଘର ଭିତରେ ବା ଜନଗହଳି ସ୍ଥାନରେ ସାପ ଦେଖାଗଲେ ତାକୁ ଉଦ୍ଧାର କରାଯିବ। ସାପ ଧରାଳିମାନେ ଲୋକଙ୍କ ମଧ୍ୟରେ ସାପର ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି କରିବେ। କେହି ବି ସାପ ଧରି ଷ୍ଟଣ୍ଟ ଦେଖାଇବେ ନାହିଁ। ଯଦି କେହି ଉଲ୍ଲଂଘନ କରିବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟ ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ




**ଭୁବନେଶ୍ୱର :** ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟ ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ଏଥିରେ କୃତ୍ରିମ ବୁଦ୍ଧିମତା ଯୁଗରେ ଗଣମାଧ୍ୟମ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ମୁଖ୍ୟ ଅତିଥି ଭାବରେ ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକ ସଂପର୍କ ବିଭାଗର ମନ୍ତ୍ରୀ ପ୍ରଦୀପ ଅମାତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଉତ୍କଳ ପ୍ରସଙ୍ଗର ସମ୍ପାଦିକା କସ୍ତୁରୀ ମହାପାତ୍ର, ମୁଖ୍ୟ ବକ୍ତା ଭାବରେ ଓଡିଶା ଲାଇଭର ପ୍ରତିଷ୍ଠାତା ସମ୍ପାଦକ ନୀଳାମ୍ବର ରଥ ଯୋଗ ଦେଇଥିଲେ। ଏ ଅବସରରେ ଗଣତନ୍ତ୍ରକୁ ସୁଦୃଢ ଓ ସକ୍ରିୟ କରିବାରେ ଗଣତନ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଏଆଇକୁ ବ୍ୟବହାର ଉପରେ ମତ ରଖିଥିଲେ ମନ୍ତ୍ରୀ। ପୂର୍ବରୁ ଲୋକ କାମ କରୁ ଥିଲେ, ଆଜି ମେସିନ କାମ କରୁଛି। ଆଜିର ବିଜ୍ଞାନ ଯୁଗରେ ଟେକନଲୋଜି ବ୍ୟବହାର କରାଯାଉଛି। ତାକୁ ସଠିକ ଢଙ୍ଗରେ ବ୍ୟବହାର କରିବାକୁ କହିଛନ୍ତି। କୃତ୍ରିମ ବୁଦ୍ଧିମତା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ନହୋଇ ନିଜସ୍ୱ ଚିନ୍ତାଚେତନାକୁ ସମାନ୍ତରଳ ଭାବରେ ବ୍ୟବହାର କରିବାର ଆବଶ୍ୟକତା ରହିଛି ବୋଲି ନୀଳାମ୍ବର ରଥ କହିଛନ୍ତି। ଏଥି ସହିତ ଗଣମାଧ୍ୟମର ପ୍ରତିନିଧି ମାନେ ମହିଳା ଓ ଶିଶୁ ସମ୍ପର୍କିତ ଖବର ପରିବେଷଣ ବେଳେ ବିଶେଷ ଯତ୍ନବାନ ହେବା ଉଚିତ। ଗଣତନ୍ତ୍ରକୁ ଛାଡି ଅନ୍ୟ କୌଣସି ତନ୍ତ୍ର ଭାରତବର୍ଷରେ ତିଷ୍ଠି ପାରିବ ନାହିଁ ବୋଲି ରାଜ୍ୟସ୍ତରୀୟ ପ୍ରେସ ଦିବସରେ ବିଭାଗର ନିର୍ଦ୍ଦେଶକ ସରୋଜ ସାମଲ କହିଥିଲେ। ଆଜିର ପ୍ରସଙ୍ଗରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳର ଭାଗ ନେଇଥିବା ବକ୍ତୃତା ପ୍ରତିଯୋଗିତାରେ ୬ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା। ସମ୍ବାଦପତ୍ର ପ୍ରଦର୍ଶନୀରେ ସହଯୋଗ କରିଥିବା ପେପର ମ୍ୟାନ ଇଣ୍ଡିଆ ଭାବରେ ପରିଚିତ ଶଶାଙ୍କ ସେଖର ଦାଶଙ୍କୁ ସମ୍ମାନିତ କରାଯାଇଥିଲା।

### ନୂଆବର୍ଷରୁ ଶ୍ରୀମନ୍ଦିରରେ ପାନ, ଗୁଟଖା ମନା

# ନିୟମ ନମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ

**ପୁରୀ :** ଶ୍ରୀମନ୍ଦିରରେ କଡ଼ାକଡ଼ି ଭାବେ ପାନ ଓ ଗୁଟଖା ନିଷେଧ ହେବ। ଭକ୍ତ କି ସେବାୟତ କେହି ପାନ ଓ ଗୁଟଖା ସେବନ କରି ଶ୍ରୀମନ୍ଦିରକୁ ଯାଇପାରିବେନି। ବରାହ ପୁରାଣ ଆଧାରରେ ଏହି କଟକଣା କରାଯାଇଛି। ଜାନୁଆରୀ ୧ରୁ ଡ୍ରେସକୋଡ୍ ଲାଗୁ ସହିତ ପାନ ଗୁଟଖାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବ। ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ଜରିମାନା ପଡ଼ିବ। ଶ୍ରୀମନ୍ଦିର ଭିତରେ କେହି ପାନଗୁଟଖା ଖାଇବେ ନାହିଁ କି ଛେପ ପକାଇ ପାରିବେ ନାହିଁ। ଶ୍ରୀମନ୍ଦିର ଭିତରେ ପଲିଥିନ ବ୍ୟବହାର ଉପରେ କଟକଣା ଲାଗିଛି।



ମନ୍ଦିର ଭିତରେ ସେବାୟତ, ପୋଲିସ କି ଭକ୍ତ କେହି ପାନ ଗୁଟଖା ଖାଇପାରିବେ ନାହିଁ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମଧ୍ୟ ପାନ ଗୁଟଖା ବ୍ୟାନ୍ କଲା ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିରରେ ପାନ ଗୁଟଖା ଉପରେ ପୂର୍ବରୁ ୫ଶହ ଟଙ୍କା ଜୋରିମାନା କରାଯାଇଥିଲେ ମଧ୍ୟ ବ୍ୟବସ୍ଥାଗତ ତ୍ରୁଟି ଯୋଗୁ ସଠିକ ଭାବେ କାର୍ଯ୍ୟକାରୀ ହୋଇପାରିନଥିଲା। ଏହା କୌଣସି କଟକଣା ନୁହେଁ, ମହାପ୍ରଭୁଙ୍କ ଆଦେଶ ବୋଲି ମାନିବା ଦରକାର। ବରାହ ପୁରାଣ ଓ ନୀଳାଦ୍ରି ମହୋଦୟରେ ଏନେଇ ଉଲ୍ଲେଖ ରହିଛି। ତାମ୍ବୁଳ ସେବନ କଲେ ଏହା ସେବା ଅପରାଧ ବୋଲି ଉଲ୍ଲେଖ ରହିଛି। ସେହି ଆଧାରରେ ଶ୍ରୀମନ୍ଦିର ପ୍ରଶାସନ ଏହି କଟକଣାକୁ ଲାଗୁ କରିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି।

# ଓଡ଼ିଶା ଓ ଭିଏତନାମର ଭିନ୍ ଲଙ୍ଗ୍ ରାଜ୍ୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର :** ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସହ ଭିଏତନାମ ଭିନ ଲଙ୍ଗ୍ ରାଜ୍ୟ ମଧ୍ୟରେ ବ୍ୟବସାୟ ଭିତ୍ତିକ ବୁଝାମଣାପତ୍ର ସ୍ୱାକ୍ଷରିତ। ଇଡକୋ ସମ୍ମିଳନୀ କକ୍ଷରେ ଉଭୟ ରାଜ୍ୟର ଏମଏସଏମଇ ବିଭାଗର କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଏମଏସଏମଇ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଅଧ୍ୟକ୍ଷତାରେ ଏହି ଏମଓୟୁ ସ୍ୱାକ୍ଷର ହୋଇଛି। ଓଡ଼ିଶା ସାରାର ଦେଶରେ ଦ୍ୱିତୀୟ ବୃହତ୍ତମ ନିବେଶର ମାନ୍ୟତା ପାଇଛି। ସୁଦୃଢ ପଲିଟି, ଉତ୍ତମ ପଲିସି, ଡେମୋଗ୍ରାଫି, ଜିଓଗ୍ରାଫି ଏବଂ ଅର୍ଥନୀତି ଦ୍ୱାରା ଓଡ଼ିଶା ଏହି ମାନ୍ୟତା ପାଇଛି। କୃଷି, ପର୍ଯ୍ୟଟ, ଶିଳ୍ପ, ଏମଏସଏମଇ, ଧାତୁ ଓ ଧାତମ ଆଦି ୬ଟି



ସେକ୍ଟର ଉପରେ ଗୁରୁତ୍ୱ ଦିଆଯାଇଛି। ଏବେ ଏମଏସଏମଇ ଅଧୀନରେ କେମିକାଲ, ଫାର୍ମାସିଟିକାଲ, ପ୍ଲାଷ୍ଟିକ, ସିଫୁଡ ଅଦି ବିଭାଗକୁ ଗୁରୁତ୍ୱ ଦିଆଯାଉଛି ବୋଲି କହିଛନ୍ତି ପ୍ରମୁଖ ଶାସନ ସଚିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଇଡକୋ, ଇପିକଲ ଏବଂ ବାଣିଜ୍ୟ ଓ ରପ୍ତାନୀ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ଏମଏସଏମଇ ବିଭାଗ ନିଜର ରପ୍ତାନୀ ନୀତି, ଉତ୍ପାଦ ଓ ସମ୍ପୂର୍ଣ୍ଣ ବିଭାଗ ଉପରେ ଏକ ଭିଡ଼ିଓ ଉପସ୍ଥାପନ କରିଥିଲେ।

## ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସଚେତନତା କାର୍ଯ୍ୟକ୍ରମ




**ଭୁବନେଶ୍ୱର,(ପିଆଇବି):** ବିକଶିତ ଭାରତ ସଂକଳ୍ପ ଯାତ୍ରା ଦ୍ୱିତୀୟ ଦିନରେ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି, କଳାହାଣ୍ଡି ସମେତ ରାଜ୍ୟର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ଆୟୋଜିତ ସଂକଳ୍ପ ଯାତ୍ରାରେ ବହୁସଂଖ୍ୟାରେ ହିତାଧିକାରୀ ଯୋଗ ଦେଇଥିଲେ। ମାଥିଲି ଠାରେ ସଂକଳ୍ପ ଯାତ୍ରାର ସଚେତନତା ରଥ ପହଞ୍ଚି ସାଧାରଣ ହିତାଧିକାରୀ ମାନଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଛି। କେତେକ ହିତାଧିକାରୀଙ୍କୁ ଯୋଜନାର ଲାଭ ନେବାକୁ ପଞ୍ଜୀକରଣ କରାଯିବା ସହିତ ସେମାନଙ୍କୁ ସହାୟତା ବିତରଣ କରାଯାଇଥିଲା। ସେହିପରି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। ଏହି ରଥ ବ୍ଲକ୍‌ର ବିଭିନ୍ନ ସ୍ଥାନ ପରିକ୍ରମା କରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ହିତାଧିକାରୀଙ୍କୁ ସଚେତନ କରିବ। ହିତାଧିକାରୀଙ୍କୁ ବାହନ ନିକଟରେ ପଞ୍ଜୀକରଣ କରାଯିବା ସହିତ ଆବଶ୍ୟକ ସ୍ଥଳେ ସହାୟତା ମଧ୍ୟ ବିତରଣ କରାଯିବ। ଅନ୍ୟପଟେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଗ୍ରାମପଞ୍ଚାୟତରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ତୃଣମୂଳସ୍ତରର ହିତାଧିକାରୀମାନଙ୍କୁ ସଚେତନ କରାଯାଇଛି। ସଚେତନତା ରଥ ବିଭିନ୍ନ ଗ୍ରାମପଞ୍ଚାୟତରେ ପହଞ୍ଚି ଏଲଇଡି ସ୍କ୍ରିନ୍ ମାଧ୍ୟମରେ କ୍ଷୁଦ୍ର ଚଳଚ୍ଚିତ୍ର ପରିବେଷଣ କରି ହିତାଧିକାରୀଙ୍କୁ ସଚେତନ କରିଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ସହାୟତା ବିତରଣ କରାଯିବା ସହିତ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜିତ ହୋଇଯାଇଛି। ଜିଲ୍ଲାର ଦେଓଗାଁ ପଞ୍ଚାୟତରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଥିଲା। ହିତାଧିକାରୀଙ୍କୁ ପ୍ରଚାର ପୁସ୍ତିକା ବିତରଣ କରାଯାଇଛି ସଚେତନତା କରାଯାଇଥିଲା। ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ଶତପ୍ରତିଶତ ପ୍ରସାର ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକଶିତ ଭାରତ ସଂକଳ୍ପ ଯାତ୍ରାର ଆରମ୍ଭ କରିଥିଲେ।

## ଆମ ହସ୍ପିଟାଲ ଯୋଜନାରେ ୧୪୯ ସାମିଲ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗଦର୍ଶନରେ ନିଜସ୍ୱ ଓ ସ୍ୱତନ୍ତ୍ର ପ୍ରକଳ୍ପ ଆମ ହସ୍ପିଟାଲ। ରାଜ୍ୟର ସବୁ ସରକାରୀ ହସ୍ପିଟାଲ ଏଥିରେ କାମ କରିବ। ହସ୍ପିଟାଲରେ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସହ ଭିତ୍ତିଭୂମିର ନବୀକରଣ କରାଯିବ। ଟିଭିରେ ସ୍ୱାସ୍ଥ୍ୟ ସମାଚାର ଓ ନ୍ୟୁଜ ଯେପରି ଦେଖି ହେବ, ମେଡିକାଲ ପରିସରରେ ପାଣି ସୁବିଧା, ରୋଗୀଙ୍କୁ ଲାଇନରେ ଠିଆ ହେବାକୁ ପଡ଼ିବନି, ରୋଗୀ ଓ ଆଟେଣ୍ଡାଣ୍ଟଙ୍କୁ ଅନ୍ୟାନ୍ୟ ସୁବିଧାର ସରଳୀକରଣ କରାଯିବ। ଉନ୍ନତ ସେବା ପାଇଁ ବିଭିନ୍ନ ହସ୍ପିଟାଲକୁ ସାର୍ଟିଫିକେଟ ପ୍ରଦାନ କରାଯିବ। ୧୪୯ ହସ୍ପିଟାଲ ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ନିଆଯାଇଛି। ପରେ ସବୁ ସରକାରୀ ମେଡିକାଲ ଏହି ଯୋଜନାକୁ ଆସିବ। ରୋଗୀ ଯେପରି ଚିକିତ୍ସା ସେବାରେ ସନ୍ତୁଷ୍ଟ ସହ ସୁସ୍ଥ ହୋଇ ଫେରିବେ ଏହାର ଲକ୍ଷ୍ୟ ରହିଛି। ସରକାରୀ ହସ୍ପିଟାଲକୁ ୮୦ ପ୍ରତିଶତ ରୋଗୀ ଯାଇଥାନ୍ତି। ସେଥିଲାଗି ସରକାରୀ ମେଡିକାଲରେ ଭିତ୍ତିଭୂମିର ଉନ୍ନତୀକରଣ ଲାଗି ଏହି ବ୍ୟବସ୍ଥା କରାଯାଉଥିବା କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର।

# କ୍ୟାବିନେଟ୍ ନିଷ୍ପତ୍ତି; ୧୫୬ କୋଟିରେ ନିର୍ମାଣ ହେବ ବ୍ରହ୍ମପୁର ରିଂ ରୋଡ୍

**ଭୁବନେଶ୍ୱର :** ବ୍ରହ୍ମପୁର ସହରରେ ରିଂ-ରୋଡ୍ ନିର୍ମାଣ ହେବ। ୧୫୬.୫୧କୋଟି ଟଙ୍କା ବ୍ୟୟରେ ପ୍ରାୟ ୧୨ କିମି ୩୦୦ମିଟର ରିଂ-ରୋଡ୍ ନିର୍ମାଣ କରାଯିବ। ଏଥିପାଇଁ ଟେଣ୍ଡର ଚୂଡ଼ାନ୍ତ ହୋଇଛି। ରାଜ୍ୟ କ୍ୟାବିନେଟ୍ ଏହି ଚୂଡ଼ାନ୍ତ ଟେଣ୍ଡର ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ବ୍ରହ୍ମପୁର ରିଂ-ରୋଡ୍ ନିର୍ମାଣ କାର୍ଯ୍ୟକୁ ଇପିସି କଣ୍ଟ୍ରାକ୍ଟ ମାଧ୍ୟମରେ କରାଯିବ। ଏହି ପ୍ରକଳ୍ପ ଦ୍ୱାରା ବ୍ରହ୍ମପୁର, ଛତ୍ରପୁର ଓ ଗୋପାଳପୁର ସହରର ବିକାଶ ସହିତ ବ୍ରହ୍ମପୁର ସହରର ଯାତାୟତ ସୁଗମ ହେବ। ଏହି ରିଂ-ରୋଡ୍ ନିର୍ମାଣ କାର୍ଯ୍ୟର ଟେଣ୍ଡର ଆଶୀର୍ବାଦ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ ଓ ଆରକେ ଇନଫ୍ରାକପ୍ ପ୍ରାଃ ଲିମିଟେଡ୍ ମିଳିତ ଭାବେ ନେଇଛନ୍ତି। ଏହି କାର୍ଯ୍ୟ ୨୪ମାସ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ସିଡ୍ୟୁଲ ଏରିଆରେ ରେଗୁଲେସନ-୨, ୧୯୫୬ ଆଇନରେ ପ୍ରଚଳିତ ପ୍ରାବଧାନରେ କେତେକ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଅନୁସୂଚିତ ଜନଜାତି ପରାମର୍ଶଦାତା ପରିଷଦର ସୁପାରିଶକୁ ଭିତ୍ତିକରି ରାଜ୍ୟ ସରକାରଙ୍କ ଅନୁମୋଦନରେ ଏହି ଆଇନରେ କେତେକ ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଫଳରେ ଜଣେ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତି ଉପଜିଲ୍ଲାପାଳଙ୍କଠାରୁ ଲିଖିତ ଅନୁମତି ନେଇ ସର୍ବସାଧାରଣ ଉଦ୍ଦେଶ୍ୟରେ ଜମିକୁ ବ୍ୟବହାର କରିପାରିବେ। ଅଥବା କୃଷି, ଆବାସିକ ଗୃହ ନିର୍ମାଣ, ପିଲାମାନଙ୍କ ଉଚ୍ଚଶିକ୍ଷା, ଆତ୍ମନିଯୁକ୍ତି, ବ୍ୟବସାୟ କିମ୍ବା କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଫାଇନାନ୍ସ ସଂସ୍ଥାରେ ଜମିକୁ ବନ୍ଧକ ରଖି ଋଣ ଆଣିପାରିବେ। ଅନ୍ୟ ଜଣେ ଅଣଅନୁସୂଚିତ ଜନଜାତି ବ୍ୟକ୍ତିଙ୍କୁ ସମ୍ପତ୍ତି ହସ୍ତାନ୍ତର କରିପାରିବେ। ଏହି ବ୍ୟକ୍ତି ଯେପରି ଭୂମିହୀନ ବା ଗୃହଶୂନ୍ୟ ନହୁଏ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ଉଚିତ୍। ଯଦି ଉପଜିଲ୍ଲାପାଳ ଅନୁମତି ନଦିଅନ୍ତି ତା'ହେଲେ ସମ୍ପୃକ୍ତ ବ୍ୟକ୍ତି ୬ମାସ ମଧ୍ୟରେ ଜିଲ୍ଲାପାଳଙ୍କୁ ଆବେଦନ କରିପାରିବେ, ଜିଲ୍ଲାପାଳଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ବୋଲି କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଛି। ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଗୋଠପାଟଣା ମୌଜାରେ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ ସୋସାଇଟି ସପକ୍ଷରେ ଆଉ ଏକ ନୂଆ ଲୋୟୋଲା ସ୍କୁଲ ପ୍ରତିଷ୍ଠା ପାଇଁ ୯.୪୦୦ଏକର ସରକାରୀ ଜମି ବିନା ପ୍ରିମିୟମରେ ଲିଜ୍ ସୂତ୍ରରେ ଯୋଗାଇବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ତେବେ ଏଥିପାଇଁ ସୋସାଇଟିକୁ ଜମିର ବଜାର ମୂଲ୍ୟର ୧୦% ହିସାବରେ ଏକକାଳୀନ ଇନ୍‌ସିଡେଣ୍ଟାଲ ଚାର୍ଜ ଓ ଜମିର ବଜାର ମୂଲ୍ୟର ୦.୨୫% ହିସାବରେ ବାର୍ଷିକ ଭୂରାଜସ୍ୱ ଓ ଭୂରାଜସ୍ୱର ୭୫% ହିସାବରେ ସେସ୍ ଦେବାକୁ ପଡ଼ିବ। ସେହିପରି ଗଞ୍ଜାମ ଜିଲ୍ଲାର ଧରାକୋଟ୍ ବ୍ଲକର ଜାନିଭାଲି ଗାଁ ନିକଟରେ ଋଷିକୁଲ୍ୟା ନଦୀ ଉପରେ ଜାନିଭିଲି ନାମକ ଏକ ବ୍ୟାରେଜ୍ ନିର୍ମାଣ ପ୍ରସ୍ତାବ ଓ ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ୮୬.୫୪କୋଟି ଟଙ୍କା(ଜିଏସଟି ବ୍ୟତୀତ) ଖର୍ଚ୍ଚ ହେବ। ଏହାସହିତ ୫ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ନିମନ୍ତେ ଅତିରିକ୍ତ ଏକ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟ ୨୪ମାସ ମଧ୍ୟରେ ଶେଷ ହେବ। ଏହି ପ୍ରକଳ୍ପ ଦ୍ୱାରା ଗଞ୍ଜାମ ଜିଲ୍ଲାର ୫୨୬୭୫ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିବ। ଏହାସହିତ ବ୍ରହ୍ମପୁର ମହାନଗର ନିଗମକୁ ୬୭.୫ ମିଲିୟନ ଲିଟର ପାନୀୟ ଜଳ ଦୈନିକ ଉପଲବ୍ଧ କରାଇହେବ। ଏହି ପ୍ରକଳ୍ପଟିର ୩୨ ହେକ୍ଟର ଅଂଚଳରେ ମାଛ ଚାଷ ସୁବିଧା ସହ ଭୂତଳ ଜଳର ପୁନଃଭରଣ ଓ ପରିବେଶ ସନ୍ତୁଳନ ରକ୍ଷା କରିହେବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଜଳଜୀବନ ମିଶନ ଯୋଜନାରେ ବଲାଙ୍ଗିର ଜିଲ୍ଲାର ୨ଟି ମେଗା ପାନୀୟ ଜଳ ପ୍ରକଳ୍ପର ଟେଣ୍ଡରକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟ ୩୦୭.୮୭କୋଟି ଟଙ୍କା ବ୍ୟୟରେ ହାଇଦ୍ରାବାଦର କେୟା ଆଣ୍ଡ କମ୍ପାନୀ କନଷ୍ଟ୍ରକ୍ସନ କରିବ। ଏହି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସଇଁତଳା ବ୍ଲକର ୨୦ଟି ପଞ୍ଚାୟତର ୧୧୬ଟି ଗାଁର ପ୍ରାୟ ୯୪୫୫୪ଜଣ ଲୋକ ଉପକୃତ ହେବେ। ଏହି ପ୍ରକଳ୍ପ ୨୪ମାସ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଫାଇଭ-ଟି ଅଧୀନରେ 'ଆମ ହସ୍ପିଟାଲ' ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହି ଯେଜାନାରେ ରାଜ୍ୟର ସମସ୍ତ ୧୮୫୮ଟି ସରକାରୀ ଡାକ୍ତରଖାନାକୁ ପର୍ଯ୍ୟାୟକ୍ରମେ ୫ବର୍ଷ ମଧ୍ୟରେ ରୂପାନ୍ତର କରାଯିବ। ୨୦୨୩-୨୪ରୁ ୨୦୨୭-୨୮ ମସିହା ମଧ୍ୟରେ ଏହି ୫ବର୍ଷିଆ ଯୋଜନାରେ ୩୩୮୮.୭୩କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରଥମବର୍ଷରେ ୧୪୯ଟି ସରକାରୀ ହସ୍ପିଟାଲର ସୁଦୃଢ଼ୀକରଣ କରାଯିବ। ସରକାରୀ ଡାକ୍ତରଖାନାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନପୂର୍ବକ ଚିକିତ୍ସା ସେବା ଓ ରୋଗୀ ଅନୁକୂଳ ପରିବେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରାଇବା ଏହି ଯୋଜନାର ଉଦ୍ଦେଶ୍ୟ। ଏହି ଯୋଜନାକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୦ - ୨୬ ନଭେମ୍ବର, ୨୦୨୩

# ଯୋଜନା ଅପେକ୍ଷା କାର୍ଯ୍ୟକାରିତା ବଡ

ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ଯୋଜନାର ଘୋଷଣା ନୂଆକଥା ନୁହେଁ। କିନ୍ତୁ ଏହା ଭୋଟରଙ୍କ ଉପରେ କିଭଳି ପ୍ରଭାବ ପକାଉଛି ସେଇଟା ହିଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଖାଲି ଆମ ରାଜ୍ୟରେ ନୁହେଁ, ଯେଉଁ ଯେଉଁ ରାଜ୍ୟରେ ନିର୍ବାଚନ ନିକଟତର ହେଉଛି ସେହି ସେହି ରାଜ୍ୟରେ ଶାସନ କରୁଥିବା ସରକାର ଲୋକଙ୍କ ଧ୍ୟାନ ଆକର୍ଷଣ ପାଇଁ ଅନେକ ଲୋଭନୀୟ ଯୋଜନା ଆଣୁଛନ୍ତି। ଯେତେ ଯୋଜନା ସେତେ ଅର୍ଥ ଖର୍ଚ୍ଚ। ତେଣୁ ଏହି ଅର୍ଥ ପରିଚାଳନା ହେଉଛି ସରକାରଙ୍କ ମ୍ୟାଜିକ। ରାଜସ୍ୱ ସଂଗ୍ରହ ଓ ଏହାର ସୁପରିଚାଳନା ହିଁ ଯୋଜନାର ମୂଳ ଆଧାର। ଯେଉଁ ସରକାର ଭୋଟରଙ୍କ ନିକଟରେ ଯୋଜନାର ସୁଫଳ ପ୍ରଦର୍ଶିତ କରିପାରନ୍ତି ସିଏ ଅଧିକ ଭୋଟ ହାସଲ କରିବାର ସାବାସୀ ନିଅନ୍ତି। ଏହି ଦୃଷ୍ଟିରୁ ବିଚାର କଲେ ଓଡିଶା ସରକାର ଅଧିକ ଯୋଜନା କରି ଏହାର ସଫଳ ରୂପାୟନ କରିପାରିଛନ୍ତି। ଗୋଟେ ସ୍ଥିର ସରକାର ହିଁ ଅଧିକ ଫଳପ୍ରଦ ସରକାର ଭାବେ ବିବେଚିତ ହୋଇଥାଏ, ଯାହାକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରରେ ଦେଖିବାକୁ ମିଳିଛି। ତେଣୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟରେ ଅନେକ ଗୁଡିଏ ବିକାଶମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଆରମ୍ଭ ହୋଇଯାଇଛି। ଅନେକ କାର୍ଯ୍ୟ ଚାଲିଥିଲା ବେଳେ ଅନେକ କାର୍ଯ୍ୟରେ ଶୁଭାରମ୍ଭ ହେବାକୁ ଯାଉଛି। ତାହା ରୂପାନ୍ତରଣ ହେଉ କି ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ମେଟ୍ରୋ ରେଳ ସେବା। ଯାହାର ସବୁ ମଞ୍ଜୁରୀ ମିଳିସାରିଛି। ନୂଆବର୍ଷରେ ପୁରୀରେ ଶ୍ରୀମନ୍ଦିର ଐତିହାସିକ କରିଡର ଲୋକାର୍ପିତ ହେବାକୁ ଯାଉଛି। ବାସ୍ତବିକ ଏହା ଏକ ଐତିହାସିକ ପଦକ୍ଷେପ। ଦୀର୍ଘବର୍ଷରୁ ଅବହେଳିତ ହୋଇ ପଡ଼ିଥିବା ଅଧିକାଂଶ ପ୍ରାଚୀନ ମନ୍ଦିର ସହ ପର୍ଯ୍ୟଟନ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଘଟିଛି। ମନ୍ଦିର ରୂପାନ୍ତରଣରେ ବହୁ ଅର୍ଥ ବ୍ୟୟ କରାଯାଇ ସେଠାକାର ସୌନ୍ଦର୍ଯ୍ୟ ବିକଶିତ କରାଯିବା ସହିତ ସ୍ଥାନୀୟ ଅଞ୍ଚଳର ପ୍ରଭୂତ ବିକାଶ ହେଉଛି। ଗତ କିଛିବର୍ଷ ମଧ୍ୟରେ ରାଜ୍ୟର ଅନେକ ମନ୍ଦିର ନୂଆ ରୂପ ନେଇସାରିଛି। ଏଥିରେ ଏକାମ୍ର କ୍ଷେତ୍ରର ଉପଲବ୍ଧିକୁ ଦେଖିଲେ ଯେକେହି ବିମୋହିତ ହେବ। ଯେଉଁଭଳି ଢଙ୍ଗରେ ଜବରଦଖଲ ହଟାଯାଇ ଲିଙ୍ଗରାଜ ମନ୍ଦିରର ଚତୁଃପାର୍ଶ୍ୱର ବିକାଶ ହୋଇଛି ଓ ଐତିହ୍ୟକୁ ପୁନଃ ଜାଗ୍ରତ କରାଯାଉଛି ତାହା ଭବିଷ୍ୟତକୁ ସ୍ମରଣୀୟ କରିରଖିବ। ସମ୍ପ୍ରତି ଏକ ରିପୋର୍ଟଅନୁସାରେ ଆମ ରାଜ୍ୟ ରାଜସ୍ୱ ଆଦାୟରେ ଅଗ୍ରଣୀ ରହିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ହେଉଛି ଶିଳ୍ପାୟନରେ ସେଭଳି କିଛି ଆଖିଦୃଶିଆ କାର୍ଯ୍ୟ ହେଉଥିବାର ପରିଲକ୍ଷିତ ହେଉନାହିଁ। ଅନ୍ୟକଥା ହେଲା ବେକାରୀ ଓ ଦାଦନ ସମସ୍ୟା ମଧ୍ୟ ଆମର ମୁଖ୍ୟ ସମସ୍ୟା। ତେଣୁ ରାଜ୍ୟରେ କୁଟୀର ଶିଳ୍ପ ଏବଂ କୃଷି କ୍ଷେତ୍ର ଉପରେ ଅଧିକ ଧ୍ୟାନ ଦିଆଯିବା ଦରକାର। ସେହିଭଳି ଜଳ ସେଚନକୁ ପ୍ରାଧାନ୍ୟ ଦେଇ ଧାନ ଚାଷ ସହ ଅନ୍ୟାନ୍ୟ ଫସଲ ଅଧିକ ଉତ୍ପାଦନ ହେବା ଦରକାର। ଗୋପାଳନ ଓ ମତ୍ସ୍ୟ ଚାଷ ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସେଥିପାଇଁ ମଧ୍ୟ ଅଧିକ ଯୋଜନାର ଆବଶ୍ୟକତା ରହିଛି। କେବଳ ଯୋଜନା ନକରି ଯୋଜନାର ବାସ୍ତବ କାର୍ଯ୍ୟକାରିତା ଉପରେ ତୀକ୍ଷ୍ଣ ନଜର ରଖି ସଫଳ ଚାଷୀଙ୍କୁ ପ୍ରୋତ୍ସାହନ ଦେଲେ ସମସ୍ତେ ଉପକୃତ ହୁଅନ୍ତେ। କେବଳ ଭୋଟ ପାଇଁ ଯୋଜନାର ଅର୍ଥ ବାଣ୍ଟିଦେଲେ ବାସ୍ତବ ଯୋଜନା ବାଟବଣା ହୁଏ। ତେଣୁ ଯୋଜନା କିଭଳି ସଠିକ ଢଙ୍ଗରେ କାର୍ଯ୍ୟ କରିବ ବିଭାଗ ତାହା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଚାଷ ଉପରେ ନଜର ଦେଲେ ଜଣାପଡେ ରାଜ୍ୟର ୭୩% ଲୋକ ଚାଷ ଉପରେ ନିର୍ଭର କରନ୍ତି। ତେଣୁ ସରକାର ଚାଷ ଓ ଚାଷୀଙ୍କୁ ଅଗ୍ରାଧିକାର ଦେବା କଥା। ତେଣୁ ଏଥିପାଇଁ ଯୋଜନା ନକରି ଯଦି ସରକାର ଯଦି ଭିନ୍ନଭଉନ୍ନତିର କଥା କହିବେ ସେଠାରେ ଚାଷର କେଉଁ ଉନ୍ନତି ସାଧିତ ହେବ ? ତେଣୁ ସବୁ ଜମିକୁ ଜଳସେଚିତ କରାଯାଇ ଆନୁସାଙ୍ଗିକ ସାହାଯ୍ୟ ଯୋଜନା ଆବଶ୍ୟକ ରହିଛି। ରାଜସ୍ୱ ଅର୍ଥ ସଠିକ ପରିଚାଳନା କରିବା ଯେକୌଣସି ସରକାର ପାଇଁ ବଡ଼ ଆହ୍ୱାନ। ଏଥିରେ ଦୁର୍ନୀତି ରହିଲେ ତାହା ସାଧାରଣ ଜନତାଙ୍କ ସ୍ୱାର୍ଥ ବିଗାଡିଦିଏ। ତେଣୁ ବ୍ୟବସ୍ଥା ଏଭଳି ରହିବା ଦରକାର ଯେଉଁଥିରେ ସରକାର ସ୍ୱଚ୍ଛ ରହିପାରିବେ ଓ ଲୋକଙ୍କ କାର୍ଯ୍ୟ ହାସଲ ହେବ। କିନ୍ତୁ କେତେକ ଲାଞ୍ଚୁଆ କର୍ମଚାରୀ ବ୍ୟବସ୍ଥାକୁ ବିଗାଡି ନିଜର ସ୍ୱାର୍ଥ ହାସଲ କରିନେଉଛନ୍ତି। ଯେଉଁଥିରେ ସାଧାରଣ ଲୋକ କ୍ଷତିଗ୍ରସ୍ତ ହେଉଛନ୍ତି। ଦୁର୍ନୀତିଗ୍ରସ୍ତଙ୍କ ପାଇଁ ବ୍ୟବସ୍ଥା ବିଗିଡ଼ିବା ସହ ରାଜକୋଷ ହରିଲୁଟ ହେଉଛି। ଜନକଲ୍ୟାଣ ଯୋଜନା ସମୂହ ସ୍ୱାର୍ଥ ରହିତ ହେଲେ ଏହା ବିକାଶକୁ ତ୍ୱରାନ୍ୱିତ କରିଥାଏ। ଅସାଧୁ ବ୍ୟବସାୟୀ ଯେପରି ଖାଉଟିଙ୍କ ପାଇଁ ବିପଦ ସେହିଭଳି ଦୁର୍ନୀତିଗ୍ରସ୍ତ ଅଧିକାରୀ ହିଁ ସରକାରଙ୍କ ଶତ୍ରୁ। ସେମାନେ ହିଁ ଯୋଜନା ଅର୍ଥ ହରିଲୁଟ କରିବା ଦ୍ୱାରା ଏହାର ସୁଯୋଗ ନେଇ ଠିକାଦାର କାର୍ଯ୍ୟରେ ଖିଲାପ କରେ, ନିମ୍ନ ମାନର କାର୍ଯ୍ୟ ହୁଏ। ଏହା ମଧ୍ୟ ସରକାରଙ୍କୁ ନିନ୍ଦିତ କରେ ଓ ଏହା ବିରୋଧୀଙ୍କୁ ସ୍ୱର ଉତ୍ତୋଳନ କରିବା ପାଇଁ ଏକ ପ୍ରକାର ସୁଯୋଗ ଦିଏ। ଯେତେପର୍ଯ୍ୟନ୍ତ ହାତେ ମାପି ଚାଖଣ୍ଡେ ଚାଲିବାର ପ୍ରକ୍ରିୟା ନହୋଇଛି ସେତେପର୍ଯ୍ୟନ୍ତ ବିରୋଧୀ ସରକାରଙ୍କୁ ଟାର୍ଗେଟ କରିବାର ଲକ୍ଷ୍ୟରେ ରହିବେ। ସବୁ କାର୍ଯ୍ୟ ଯେ ଭଲ ହେବ ଏହା ମଧ୍ୟ ସମ୍ଭବ ନୁହେଁ। ତଥାପି ସରକାର ଯୋଜନାର କାର୍ଯ୍ୟକାରୀ କରିବା ପୂର୍ବରୁ ଏହାର ନକାରାତ୍ମକ ଦିଗ ପ୍ରତି ଯତ୍ନବାନ ହେବା ଉଚିତ। ଭୋଟ ହାତେଇବା ଲକ୍ଷ୍ୟରେ ଯୋଜନା କରିବା ଅପେକ୍ଷା ଯେଉଁ ଯୋଜନା ଅଧିକ ଲୋକପ୍ରିୟତା ହାସଲ କରିବ ଏବଂ ସାଧାରଣ ଜନତା ଏହାର ସଫଳ ପାଇପାରିବେ ତାହା ଉପରେ ଅଧିକ ଚିନ୍ତା କରି କାର୍ଯ୍ୟ କଲେ ଏହା ଉଭୟ ପକ୍ଷକୁ ମଙ୍ଗଳ ପ୍ରଦାନ କରିଥାଏ।

ସମ୍ପାଦକୀୟ



ତାରକ ମହାନ୍ତି

# କମିଶନରେଟ ପୁଲିସର ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ



**ଆଶୁତୋଷ ନାୟକ**

ସ୍ୱାଧୀନତାର ୭୬ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ଆମ ସରକାର ଓ ପୁଲିସ ପ୍ରଶାସନର ଦାୟିତ୍ୱହୀନତା ସମ୍ବେଦନହୀନତା ଏବଂ ଭ୍ରଷ୍ଟବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଉତ୍ତରଦାୟୀ। ଦୀର୍ଘ ୨୦୦ବର୍ଷରୁ ଅଧିକ ସମୟ ପ୍ରଯ୍ୟନ୍ତ ଅହଂକାରୀ ନିଷ୍ଠୁର ଅତ୍ୟାଚାରୀ ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଭଗତ ସିଂ ଜୟଗୁରୁ, ଶୁକଦେବ, ସୁବାଷ ବୋଷ, ତାନ୍ତିଆଟୋପେ ରାଣୀଲକ୍ଷ୍ମୀବାଇ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ, ବଳିଦାନ, ଆପ୍ରାଣ ଉଦ୍ୟମ, ମାତୃଭୂମି ପାଇଁ ନିସ୍ୱାର୍ଥ ଭଲପାଇବା ପାଇଁ ଆମ ଦେଶ ଇଂରେଜମାନଙ୍କ ଗୁଲାମୀରୁ ମୁକ୍ତ ହେଇଥିଲା। ଆମ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱପ୍ନ, ଆଶା, ବିଶ୍ୱାସ, ଭରସା ଥିଲା ସ୍ୱାଧୀନତା ପ୍ରାପ୍ତି ପରେ ଗରିବ ଓ ମଧ୍ୟବିତ୍ତ ଅସହାୟ ଜନତା ଯେଉଁମାନେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ସଂଘର୍ଷ କରୁଛନ୍ତି ସେମାନଙ୍କ ଜୀବନରେ ପରିବର୍ତ୍ତନ ଘଟିବ, ସେମାନଙ୍କୁ ନ୍ୟାୟ ମିଳିବ, ଉନ୍ନତ ଶିକ୍ଷା ସ୍ୱାସ୍ଥ୍ୟ ସେବା ଏବଂ ଉତ୍ତମ ପୁଷ୍ଟିକର ଖାଦ୍ୟ ମିଳିବ। କିନ୍ତୁ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଏହା 'ଆକାଶ କଇଁଆ ଚିଲିକା ମାଛ' ସଦୃଶ।

ଆମ ସରକାର ଜନ୍ମରୁ ମୃତ୍ୟୁ ପ୍ରଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ମାଳ ମାଳ ବିଶ୍ୱସ୍ତରୀୟ ଐତିହାସିକ ଯୋଜନା ଲାଗୁ ପାଇଁ ପ୍ରଶଂସା ଏବଂ ପୁରସ୍କାର ଗୋଟାଉଛନ୍ତି। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଗରିବ ମଧ୍ୟବିତ୍ତ ଅସହାୟ ଜନତା ନ୍ୟାୟ ପାଇବା ପାଇଁ ଆଜିବି ସଂଘର୍ଷ କରୁଛନ୍ତି। 'ତେଲିଆ ମୁଣ୍ଡରେ ତେଲ' ଏହି ଉକ୍ତି ସତ୍ୟ ପ୍ରମାଣିତ ହେଉଛି।

ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭା ରେ ଦେଇଥିବା ମନ୍ତବ୍ୟ ଅନୁସାରେ ବର୍ତ୍ତମାନ ଆମ ଦେଶରେ ପାଖା ପାଖି ୫ କୋଟିରୁ ଅଧିକ ମାମଲା ବିଭିନ୍ନ କୋର୍ଟରେ ବିଚାରଧୀନ ଅଛି। ଭାରତର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟରେ ୬୯୦୦୦ରୁ ଅଧିକ ମାମଲା ଏବେବି ବିଚାରଧୀନ ଅଛି। ଏହା ବ୍ୟତୀତ ଆମ ଦେଶର ୨୫ ଟି ହାଇକୋର୍ଟରେ ୫୯ ଲକ୍ଷ ମାମଲା ଏବେବି ବିଚାରଧୀନ ଅଛି। ଏହିସବୁ ମାମଲାର ତୁରନ୍ତ ବିଚାର ପାଇଁ ଆମ ସରକାରଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନାର ବିଷୟ। ଆମ ବ୍ୟବସ୍ଥାର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଜନତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଦିନକୁ ଦିନ ସାଧାରଣ ଜନତା ଆମ ସରକାର, ପ୍ରଶାସନ ଏବଂ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି।

ରାଜଧାନୀ ଭୁବନେଶ୍ୱର ଏବଂ ବ୍ୟସ୍ତବହୁଳ ସର୍ବପୁରାତନ କଟକ ସହରକୁ ଅପରାଧୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ମୁକ୍ତ କରିବା ପାଇଁ ଓଡିଶା ସରକାର ୨୦୦୮ରେ କମିଶନରେଟ ପୁଲିସ କଟକ ଓ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ହୋଇଥିଲା। କମିଶନରେଟ ପୁଲିସର ଅଫିସିଆଲ ଲୋଗୋରେ 'ଆମେ ଯତ୍ନବାନ -ଆମେ ସାହସୀ' ସ୍ଲୋଗାନ ସ୍ଥାନିତ ହୋଇଛି। କିନ୍ତୁ ନେତା, ମନ୍ତ୍ରୀ, ରାଜନୈତିକଦଳର ବ୍ୟକ୍ତିବିଶେଷ ଏବଂ ତାଙ୍କର ଛତ୍ରଛାୟାରେ ଗଢି ଉଠିଥିବା ଅସାମାଜିକ ତତ୍ତ୍ୱ, ଗୁଣ୍ଡା, କ୍ରିମିନାଲ, ଅପରାଧୀ, ଗ୍ୟାଙ୍ଗଷ୍ଟାର ଭଳି ପ୍ରଭାବଶାଳୀ କୋଟିପତି ଯେଉଁମାନେ ବିଭିନ୍ନ ଅପରାଧ ଯେପରି ଧର୍ଷଣ, ଗଣଧର୍ଷଣ, ହତ୍ୟା, ଲୁଣ୍ଠନ, ଦଙ୍ଗା, ଗ୍ୟାଙ୍ଗୱାର, ଡକାୟତି ଭଳି ଜଘନ୍ୟ କାର୍ଯ୍ୟରେ ସଂଶିଷ୍ଟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାରେ କମିଶନରେଟ ପୁଲିସ ପଛଘୁଞ୍ଚା ଦେଉଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ। କେତେକ ଅସାଧୁ ଭ୍ରଷ୍ଟାଚାରୀ ପୋଲିସ ଅଫିସର ମାନଙ୍କ ସହିତ ଅପରାଧୀ ଅସାମାଜିକ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ରହିଥିବାର ବାରମ୍ବାର ଅଭିଯୋଗ ହୁଏ ଏବଂ ଅନେକାଂଶରେ ଏହା ସତ୍ୟ ପ୍ରମାଣିତ ହୁଏ। କମିଶନରେଟ ପୁଲିସ ଅଣ୍ଡରରେ ଏବେ କଟକ ଓ ଭୁବନେଶ୍ୱରର ୪୩ଟିପୁଲିସ ଷ୍ଟେସନ କାର୍ଯ୍ୟ କରୁଛି। ଓଡିଶା ସରକାରଙ୍କ ଗୃହ ରାଜ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୨୦୨୧ରେ ୧,୫୫୪୨୦ଟି ମାମଲା କମିଶନରେଟ ପୁଲିସ ପଞ୍ଜିକୃତ କରିଥିଲା ଏବଂ ୨୦୨୨ରେ ଏହା ରେକର୍ଡ ସ୍ତର ରେ ପହଞ୍ଚିଥିଲା ଯାହାକି ୧,୭୮୧୯୦ଟି ମାମଲା। ଏହି ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ ଥିଲା।

ଏହିଭଳି ପରିସ୍ଥିତିର ବାରମ୍ବାର ପୁନରାବୃତ୍ତି ଘଟିଲେ ଏହା ଆମ ସ୍ମାର୍ଟ ସିଟି ରାଜଧାନୀ ଭୁବନେଶ୍ୱର ଓ କଟକ ସହର କ୍ରାଇମ୍ କ୍ୟାପିଟାଲରେ ପରିଗଣିତ ହେବ। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରର ୨୦୨୧ତଥ୍ୟ ଅନୁସାରେ ଅପରାଧୀ ମାନଙ୍କ ବିରୁଦ୍ଧରେ ଚାର୍ଜସିଟ ଫାଇଲ କରିବାରେ ଆମ ରାଜ୍ୟ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି। ଓଡିଶାର କନଭିକସନ ରେଟ ମାତ୍ର ୧୧.୨% ରହିଛି। ଏହା ଅତ୍ୟନ୍ତ ନୈରାଶ୍ୟଜନକ ଅଟେ। ଓଡିଶା ହାଇକୋର୍ଟଙ୍କ ଅଫିସିଆଲ ଡାଟା ଅନୁସାରେ ୦୯-ସେପ୍ଟେମ୍ବର -୨୩ ସୁଦ୍ଧା ସମୁଦାୟ ୧,୪୫୨୮୧ଟି ମାମଲା ହାଇକୋର୍ଟରେ ବିଚାର ନହୋଇ ଏବେବି ପଡିରହିଛି। ବିଭିନ୍ନ କୋର୍ଟରେ ବିଚାରଧୀନ ମାମଲା ଆମରାଜ୍ୟ ଓଡିଶାରେ ୯୮.୭%। ୨୦୨୧ରେ ପଞ୍ଜିକୃତ ହୋଇଥିବା ମାମଲା ମଧ୍ୟରୁ ୬,୯୫,୧୯୮ଟି ମାମଲା ଏବେବି ବିଚାର ନହୋଇ ପଡ଼ିରହିଛି। ସେହି ମାମଲା ଗୁଡ଼ିକର ଟ୍ରାଇଲ ଆଜି ପ୍ରଯ୍ୟନ୍ତ ଆରମ୍ଭ ହୋଇନାହିଁ। ଏପରି ଅନେକ ଘଟଣା ଯାହାକି ପୁଲିସର କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ କିଛି ବର୍ଷ ହେବ ଆମ ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରରେ ଅସାମାଜିକ ବ୍ୟକ୍ତି,ମଦ୍ୟପ, ପେଶାଦାର ଦୁର୍ଦାନ୍ତ ଅପରାଧୀ ଓ ଡକାୟତ ମାନଙ୍କର ଭୂସ୍ୱର୍ଗ ପାଲଟିଛି। ସେମାନେ ଅତ୍ୟନ୍ତ ଚତୁରତାର ସହ ବେଫିକର ହୋଇ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି। ଏପରିକି ରାଜଧାନୀରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ପାଦୁର୍ଭାବ ଏତେ ମାତ୍ରାରେ ବଢ଼ିଯାଇଛି ସେମାନେ ଏବେ ପୁଲିସ ଅଫିସରମାନଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି।

ହକି ବିଶ୍ୱକପ ଅବ୍ୟାହତି ପୂର୍ବରୁ ଘଟିଥିଲା ଏକ ଅଭାବନୀୟ ଘଟଣା। ଭୁବନେଶ୍ୱର ମହିଳା ଥାନାରେ ଥିବା ସବ୍ଇନସ୍ପେକ୍ଟର ଶୁଭଶ୍ରୀ ନାୟକ ଡ୍ୟୁଟି ସାରି ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ପାର୍ଶ୍ୱରେ ଥିବା ରିଜର୍ଭ ଅଫିସ କ୍ୱାଟର୍ସକୁ ଫେରୁଥିଲେ। ସେତେବେଳେ ରାତି ୧:୩୦ ହୋଇଥିଲା। ସେହି ସମୟରେ ଇନୋଭା ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ପିଛା କରିଥିଲେ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ମଧ୍ୟରୁ ଜଣେ ଖଣ୍ଡା ଧରି ଚିତ୍କାର କରିଥିଲା। ପ୍ରାଣ ବିକଳରେ ସେହି ମହିଳା ଅଫିସର ସାହାଯ୍ୟ ପାଇଁ ନିଜର ସ୍ୱାମୀ ଓ ଭାଇଙ୍କୁ ଡାକିଥିଲେ। ଏବେ କିଛିଦିନ ପୂର୍ବରୁ ଏୟାରଫିଲଡ ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ଟି ହୃଦୟ ବିଦାରକ ଘଟଣା ପୁଣି ଥରେ କମିଶନରେଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଯୌତୁକ ପାଇଁ ଜଣେ ନିରୀହ ବଧୂ ଉପରେ ବର୍ବରତା ଓ ନିଷ୍ଠୁରତାର ସହ ହତ୍ୟା କରାଯାଇଛି। ଆଉ ଜଣେ ଅସାମାଜିକ ବ୍ୟକ୍ତି ୪ବର୍ଷର ଶିଶୁ କନ୍ୟାକୁ ବର୍ବରତାର ସହ ଦୁଷ୍କର୍ମ କରିବା ପରେ ଅତି ଜଘନ୍ୟ ଭାବେ ତଣ୍ଟିକାଟି ହତ୍ୟା କରିଥିଲା। ଏହା ଅତ୍ୟନ୍ତ ହୃଦୟ ବିଦାରକ ଓ ଲୋମହର୍ଷଣକାରୀ ଘଟଣା। ଆଉ ଜଣେ ବ୍ୟକ୍ତି ଯିଏକି ସଦାସର୍ବଦା ନିଶାଦ୍ରବ୍ୟ ସେବନ କରେ, ସେ ନିଜର ପ୍ରେମିକାକୁ ହତ୍ୟା କରି ଝୁଲାଇ ଦେଇଥିଲା। ଗୋଟିଏ ଦିନରେ ଭୁବନେଶ୍ୱର ଏୟାରଫିଲଡ୍ ଅଞ୍ଚଳରେ ତିନିଜଣ ମହିଳାଙ୍କୁ ହତ୍ୟା କମିଶନରେଟ ପୁଲିସର ଦାୟିତ୍ୱହୀନତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି।

ତେଣୁ ସମୟ ଆସିଛି ଆମ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମ୍ବେଦନତା ପ୍ରକାଶ କରନ୍ତୁ। ସମସ୍ତଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ଆମ ଭାରତୀୟ ଆଇନ ବ୍ୟବସ୍ଥାରେ ଏହା ଉଲ୍ଲେଖ ଅଛି ଯେ ଆଇନର ଊର୍ଦ୍ଧରେ କେହି ନୁହଁନ୍ତି। ଅପରାଧୀ ଯେତେବି ଶକ୍ତିଶାଳୀ, ପ୍ରଭାବଶାଳୀ, କ୍ଷମତାର ଅଧିକାରୀ ହୋଇଥିଲେବି ଆଇନ୍ ଅନୁସାରେ ସେ ନିଶ୍ଚିତ ଦଣ୍ଡିତ ହେବେ। କିନ୍ତୁ ବାସ୍ତବରେ ଆମ ସମାଜରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ। ଯାହା ପାଖରେ ଅଜସ୍ର ଅର୍ଥ,କ୍ଷମତା, ପଦପଦବୀ ଥାଏ ସେ ଆଇନକୁ ପ୍ରଭାବିତ କରିପାରେ। 'ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ' ଏହି ଉକ୍ତି ସତ୍ୟ ପ୍ରମାଣିତ ହୁଏ। ଏବେ ଘଟିଥିବା ରେଞ୍ଜରୋଭର ଦୁର୍ଘଟଣା ମାମଲା ଏହାର ଜ୍ୱଳନ୍ତ ଉଦାହରଣ। କମିଶନରରେଟ ମୁଖ୍ୟାଳୟ ନିକଟ ପାୱାରହାଉସ ଛକରେ ପୂର୍ବତନ ମନ୍ତ୍ରୀ ନବଦାସଙ୍କ ପୁଅ ବିଶାଳ ଦାସଙ୍କ ରେଞ୍ଜରୋଭର ଗାଡି ଧକ୍କାରେ ଜଣେ ନିରୀହ ଯୁବତୀ ଲୋପାମୁଦ୍ରାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ଆଉ ଜଣେ ଅବସରପ୍ରାପ୍ତ ସିଆଇଏସଫ୍ ଯବାନ ଏବେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। କିନ୍ତୁ ଅତ୍ୟନ୍ତ ବିଡମ୍ବନାର ବିଷୟ ଏହାକି କମିଶନରେଟ ପୁଲିସ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି।

*ଗୋପାଳପୁର, ବାଲେଶ୍ୱର*
*ଦୂରଭାଷ : ୭୦୨୦୬୧୧୩୦୦*

# ଓଡ଼ିଶାର ମେଗା ମିଶନ: ମିଲେଟ ମିଶନ



**ଶ୍ରୀବତ୍ସ ନାୟକ**

ପୁଷ୍ଟିଶସ୍ୟ ବା ମିଲେଟ୍ କହିଲେ ମାଣ୍ଡିଆ, କାଙ୍ଗୁ, ସୁଆଁ,ଜହ୍ନା, ସୋରଗମ୍,ବାଜରା ଓ ମାଣ୍ଡିଆ ଭଳି କେତେକ ଶସ୍ୟ ଜାତୀୟ ଫସଲକୁ ମିଲେଟ୍ ବୁଝାଯାଏ। ମିଲେଟ୍ ଶ୍ରେଣୀ ବିଭକ୍ତ ସମସ୍ତ ଶସ୍ୟମାନଙ୍କ ମଧ୍ୟରୁ ଓଡ଼ିଶାରେ ଉତ୍ପାଦନ ହେଉଥିବା ମାଣ୍ଡିଆ ହେଉଛି ଘରେଘରେ ପରିଚିତ। କାହିଁ କେଉଁ ଆଦିମ କାଳରୁ ମାଣ୍ଡିଆ ବା ଫିଙ୍ଗର୍ ମିଲେଟ୍ ଓଡ଼ିଶାରେ ଉତ୍ପାଦନ ହୋଇଆସୁଛି। ଏହି ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥାଏ। ଏଥିରେ କ୍ୟାଲସିୟମ,ଫାଇବର ଓ ପ୍ରୋଟିନ୍ ରହିଛି, ଯାହା ମଧୁମେହ, ଉଚ୍ଚ ରକ୍ତଚାପ, ଅଷ୍ଟିଓପୋରୋସିସ୍ ଓ ମୋଟାପଣ ଭଳି ସମସ୍ୟା ସହ ଲଢ଼ିବାରେ ବେଶ୍ ଫାଇଦା ଦେବା ସହ ମନୁଷ୍ୟ ଶରୀରର ଓଜନ ନିୟନ୍ତ୍ରଣ କ୍ଷେତ୍ରରେ ଅମୋଘ ଅସ୍ତ୍ର ଭାବେ କାର୍ଯ୍ୟ କରିଥାଏ। ଏତଦବ୍ୟତୀତ ଏହା ଶରୀରକୁ ଥଣ୍ଡା ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ। ମାଣ୍ଡିଆ ଜାତୀୟ ଶସ୍ୟଗୁଡିକ ହେଉଛି ପ୍ରକୃତି ପଦତ୍ତ ଚମତ୍କାରୀ ଶସ୍ୟ। ଏଥିରେ ପୋଷକତତ୍ୱ ଓ ପ୍ରାକୃତିକ ଭିଟାମିନ ଯଥା ସନ୍ତୁଳିତ ଆମିନୋ ଏସିଡ, ପ୍ରାକୃତିକ ତନ୍ତୁ ,ଖଣିଜ ଲବଣ ଯଥା -ଜିଙ୍କ୍, ଫୋସ୍ଫରସ ପ୍ରଭୃତିରେ ସମୃଦ୍ଧ ଥିବାରୁ ଏହା ମଣିଷ ଓ ପ୍ରାଣୀ ସମାଜ ପାଇଁ ନିରାପଦ ଓ ପୁଷ୍ଟିକର ଖାଦ୍ୟ ଗୁଡିକ ମଧ୍ୟରେ ପ୍ରଥମେ ଗଣତି ହୁଏ। ସ୍ଥାନୀୟ ପରିବେଶ ଓ ଜଳବାୟୁ ପରିବର୍ତନ ପରିପ୍ରେକ୍ଷୀରେ ମାଣ୍ଡିଆ ଜାତୀୟ ଶସ୍ୟ ଗୁଡିକ ଜଳବାୟୁ ସହିତ ଖାପ ଖୁଆଇ ବଢି ପାରିଥାନ୍ତି, ତେଣୁ ପରିବେଶବିତ୍ ମାନେ ଏହାକୁ ଶୁଷ୍କାଞ୍ଚଳର ସୁନା ବୋଲି କହିଥାନ୍ତି। ଏକଦା ଏହା ଓଡ଼ିଶା ବାସୀଙ୍କ ନିତିଦିନିଆ ସାଥୀ ଥିଲା। ସମୟ ପରିବର୍ତ୍ତନ ସହ ବଦଳିଗଲା ସବୁ କିଛି। ଆଧୁନିକତାର ଦ୍ୱାହି ଦେଇ ପାଶ୍ଚାତ୍ୟ ସଭ୍ୟତାକୁ ପାଶ୍ଚାତଧାବନ୍ କରି ଲୋକମାନେ ସେମାନଙ୍କର ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ କରିଦେଲେ ଫଳରେ ବଜାରରେ ଏହାର ଚାହିଦା ଧୀରେ ଧୀରେ ହ୍ରାସ ପାଇଲା। ମାଣ୍ଡିଆ ଉତ୍ପାଦନରେ କଠିନ ପରିଶ୍ରମ, ସଂରକ୍ଷଣ ସୁବିଧାର ଅଭାବ, ସରକାରଙ୍କ ସମର୍ଥନର ଅଭାବ,ଉନ୍ନତ କୃଷି ଭିତ୍ତିକ ଅଭ୍ୟାସରେ ନବସୃଜନର ଅଭାବ, ଉପଯୁକ୍ତ ଜମିର ଉତ୍ତମ ଗୁଣବତ୍ତା ବିହନର ସୀମିତ ଉପଲବ୍ଧି, ବିକେନ୍ଦ୍ରୀକରଣ ପ୍ରକ୍ରିୟାକରଣ ୟୁନିଟର ଅଭାବ ଓ ସୀମିତ ମିଲେଟ୍ ବଜାର ଲିଙ୍କେଜ୍ ଯୋଗୁଁ ଓଡ଼ିଶାର ଚାଷୀମାନେ ମିଲେଟ୍ ଉତ୍ପାଦନରୁ ମୁହଁ ଫେରେଇନେଲେ। ଅନ୍ୟପକ୍ଷରେ ଦେଖିଲେ କପା, ମକା, ଧାନ, ପନିପରିବା ଇତ୍ୟାଦି ଅର୍ଥକାରୀ ଫସଲ ହେଉଥିବାରୁ ଚାଷୀମାନେ ପ୍ରଚୁର ଅର୍ଥ ପିପାସୁ ହୋଇ ଅର୍ଥକାରୀ ଫସଲ କରିବାରେ ଧ୍ୟାନ ଦେଲେ। ଫଳରେ ଓଡ଼ିଶାରେ ଏମିତି ଏକ ସମୟ ଆସିଲା ଯେଉଁଠି ବଜାରରେ ମାଣ୍ଡିଆ ନିଶ୍ଚିହ୍ନ ହୋଇଗଲା।

ଏନ୍ ଏଫ୍ ଏଚ୍ ଏସ୍ -୪ର ତଥ୍ୟ ଅନୁସାରେ ଅପଚୟ ଓ ଓଜନ ହ୍ରାସ ସୂଚଙ୍କାଙ୍କ ଅନୁସାରେ ପାଞ୍ଚ ବର୍ଷରୁ କମ୍ ଶିଶୁ ପୁଷ୍ଟିହୀନତାର ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ଶ୍ରେଷ୍ଠ ୧୦ ମଧ୍ୟରେ ସ୍ଥାନପାଇଥିଲା। ଫଳରେ ରାଜ୍ୟ ସରକାର ଓଡ଼ିଶାରେ କିଭଳି ଶିଶୁମାନେ ପୃଷ୍ଟିସାର ଖାଦ୍ୟ ପାଇପାରିବେ ତା ଉପରେ ଧ୍ୟାନ ଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲଘୁ କ୍ଷୁଦ୍ର ଶସ୍ୟର ପୁନରୁଦ୍ଧାର ତଥା ପୃଷ୍ଟିସାର ତଥ୍ୟର ପ୍ରଚାର ପ୍ରସାର ପାଇଁ ୨୦୧୭ ମସିହାରେ 'ଓଡ଼ିଶା ମିଲେଟ ମିଶନ' (ଓଏମଏମ) ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରି ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। କିପରି ମିଲେଟ୍ ର ଏକକାଳୀନ ଉତ୍ପାଦନ, ପ୍ରକ୍ରିୟାକରଣ,ବ୍ୟବହାର ଓ ମାର୍କେଟିଂ ହୋଇପାରିବ ଏହା ଥିଲା ଯୋଜନାର ମୂଳଲକ୍ଷ୍ୟ। ଏହି ମିଶନ ମାଧ୍ୟମରେ ରାଜ୍ୟସରକାର ଚାଷୀମାନଙ୍କୁ ବାର୍ଷିକ ୯୫୦୦ ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇବା ସହ ଚାଷୀମାନଙ୍କୁ ନିୟମିତ ତାଲିମ ଦେବା,ଉନ୍ନତମାନର ବିହନ,ଖତ ଓ ଜୈବିକସାର ଯୋଗାଇ ଦେଇଥିଲେ ଫଳସ୍ୱରୂପ ଓଡ଼ିଶାରେ ୨୦୧୭-୧୮ରେ ୩୩୩୩ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହେଉଥିବାବେଳେ ୨୦୨୧-୨୨ ବେଳକୁ ଏହା ବୃଦ୍ଧିପାଇ ହୋଇଥିଲା ୫୩,୨୩୦ ହେକ୍ଟର। ୨୦୧୮ ମସିହାରେ ଏନସିଡିସିର ତଥ୍ୟ ଅନୁସାରେ ବିଗତ ୫ ବର୍ଷରେ ମାଣ୍ଡିଆ ଉତ୍ପାଦନ ହେକ୍ଟର ପିଛା ଦୁଇଗୁଣ ବୃଦ୍ଧିପାଇଛି ଫଳରେ ଚାଷୀ ପରିବାରର ରୋଜଗାର ୯,୪୭୭ରୁ ବଢ଼ି ୨୦,୭୦୧ ଟଙ୍କା ହୋଇଛି। ଆର୍ଥିକ ବର୍ଷ ୨୦୧୮-୧୯ରେ ମାତ୍ର ୧,୭୯୮ ଟନ ମାଣ୍ଡିଆ ଉତ୍ପାଦନ କରିଥିବା ଓଡ଼ିଶା ୨୦୧୯-୨୦ ରେ ୯୪୯୪ ଟନ୍, ୨୦୨୦-୨୧ ରେ ୨୦୩୮୪ ଟନ୍ ଓ ୨୦୨୧-୨୨ ରେ ୩୨୩୦୧ ଟନ୍ ଉତ୍ପାଦନ କରିଛି। ଫୁଡ୍ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଜେସନ (ଫାଓ)ର ତଥ୍ୟ ଅନୁସାରେ ସର୍ବାଧିକ ପୁଷ୍ଟିଶସ୍ୟ ଉତ୍ପାଦନରେ ଭାରତ ବିଶ୍ୱରେ ପ୍ରଥମ। ଫାଓର ରିପୋର୍ଟକୁ ଆଧାର କଲେ ଜଣାପଡ଼େ ୨୦୧୬ରୁ ୨୦୨୦ ମଧ୍ୟରେ ଭାରତରେ ପୁଷ୍ଟିଶସ୍ୟର ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଛି। ୨୦୧୬ରେ ଭାରତ ୧୦,୨୮୦ ମେଟ୍ରିକ ଟନ୍, ୨୦୧୭ରେ ୧୧,୫୫୬.୮୯ ମେଟ୍ରିକ ଟନ୍, ୨୦୧୮ରେ ୧୧,୬୩୩.୦୮ ମେଟ୍ରିକ ଟନ୍, ୨୦୧୯ରେ ୧୦,୨୩୫.୮୩ ମେଟ୍ରିକ ଟନ୍ ଏବଂ ୨୦୨୦ରେ ୧୨,୪୮୮.୪୭ ମେଟ୍ରିକ ଟନ୍ ପୁଷ୍ଟିଶସ୍ୟ ଉତ୍ପାଦନ କରିବାର ରେକର୍ଡ କରିଛି। କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଦ୍ୱାରା ୨୦୨୧ରେ ଜାତୀୟ ପୋଷକ ଶସ୍ୟ ସମ୍ମିଳନୀରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ମାଣ୍ଡିଆ ପ୍ରୋତ୍ସାହନ ରାଜ୍ୟ ଏବଂ ୨୦୨୨ରେ ମାଣ୍ଡିଆ ଅଭିଯାନକୁ ବ୍ୟାପକ କରିବା ପାଇଁ ଶ୍ରେଷ୍ଠ ରାଜ୍ୟ ଭାବରେ ପୁରସ୍କୃତ ହୋଇଛି। ବର୍ଷ ୨୦୨୩ କୁ ଜାତିସଂଘ ଆନ୍ତର୍ଜାତୀୟ ମିଲେଟ ବର୍ଷ ଭାବେ ପାଳନ କରୁଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଗତ ନଭେମ୍ବର ମାସ ୯ ଓ ୧୦ ତାରିଖରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଏହି ଦୁଇଦିନ ଧରି ଆୟୋଜନ କରିଛି ପୁଷ୍ଟିଶସ୍ୟ ସମ୍ବନ୍ଧୀୟ ଏକ ଅନ୍ତର୍ଜାତୀୟ ସମ୍ମିଳନୀ। ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି 'ଆଧୁନିକ ଯୁଗର ଆହ୍ୱାନ ନିମନ୍ତେ ପ୍ରାଚୀନ ଶସ୍ୟ-ମିଲେଟ୍ସ'। ଏଥିରେ କେନିୟା, ଇଜିପ୍ଟ, ତାଞ୍ଜାନିଆ, ନେପାଳ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଜୋର୍ଡାନ ଭଳି ବିଭିନ୍ନ ଦେଶରୁ ଚାଷୀ, ଗବେଷକ, ବ୍ୟବସାୟୀ, ମିଳିତ ଜାତିସଂଘର ବିଭିନ୍ନ ସଂସ୍ଥା ଯଥା- ଖାଦ୍ୟ ଏବଂ କୃଷି ସଙ୍ଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭେଲପମେଣ୍ଟ, ଦକ୍ଷିଣ-ପୂର୍ବ ଏସିଆ ଏବଂ ମଧ୍ୟପ୍ରାଚ୍ୟ ଦେଶର କୃଷି ପରାମର୍ଶଦାତା, ଭାରତରେ ଅବସ୍ଥାପିତ ବିଭିନ୍ନ ଦେଶର ଦୂତାବାସ ଅଧିକାରୀ, ବିଭିନ୍ନ ରାଜ୍ୟର କୃଷି ସଚିବ ପ୍ରମୁଖ ଯୋଗଦେଇଛନ୍ତି।

ଜନସଂଖ୍ୟା ବୃଦ୍ଧି, ଜଳବାୟୁର ଅନିୟମିତତା ସମୟରେ ମିଲେଟ୍ କିଭଳି ବରଦାନ ସାଜିଛି, ଅଦ୍ୟାବଧି ଓଡ଼ିଶାର ୧୯ ଟି ଜିଲ୍ଲାରେ ମାଣ୍ଡିଆ ଚାଷ ହେଉଥିବା ବେଳେ ବୈଜ୍ଞାନିକ ପଦ୍ଧତି ଓ ପାରମ୍ପରିକ ଜ୍ଞାନକୌଶଳର ମିଶ୍ରଣରେ ଏହା କିଭଳି ସମଗ୍ର ଓଡ଼ିଶାକୁ ସମ୍ପ୍ରସାରିତ କରାଯିବ, ଆଧୁନିକ ସମାଜ ନିମନ୍ତେ ମଣ୍ଡିଆର ଗୁରୁତ୍ୱ ଆଦି ଅନେକ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆଗାମୀ ଦଶ ବର୍ଷରେ ମାଣ୍ଡିଆର ଉତ୍ପାଦନ ବୃଦ୍ଧି ଓ ମୂଲ୍ୟବୃଦ୍ଧି ପାଇଁ ଓଡ଼ିଶା ସରକାର ତତ୍ପରତା ଦେଖାଇଛନ୍ତି। ଚାଷୀମାନଙ୍କୁ ମାଣ୍ଡିଆ ଉତ୍ପାଦନ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ମଣ୍ଡିଆର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ( ଏମ ଏସ ପି) ୩୮୪୬ ଟଙ୍କା ଦେଇ ସରକାର ଚାଷୀମାନଙ୍କ ଠାରୁ ମାଣ୍ଡିଆ କ୍ରୟ କରିବା ସହ ଆଗାମୀ ବର୍ଷ ମାଣ୍ଡିଆ କ୍ରୟ କରିବା ପାଇଁ ୨୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଓଡ଼ିଶାକୁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ତଥା ଓଡ଼ିଶାବାସୀଙ୍କ ଆର୍ଥିକ ଅଭିବୃଦ୍ଧି, ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ କରିବା, ବୃଷ୍ଟିପୃଷ୍ଟ (ରେନ୍ ଫେଡ୍) ଚାଷୀଙ୍କୁ ନ୍ୟାୟ ଓ ସମାନତା ଯୋଗାଇବା, ଚାଷୀଙ୍କୁ ଆୟ ଓ ଜୀବିକା ସହାୟତା ପ୍ରଦାନ କରିବା, ପୃଷ୍ଟିଶସ୍ୟର ପୁନରୁଦ୍ଧାର ସହ ଏହାକୁ ମୁଖ୍ୟ ସ୍ରୋତରେ ସାମିଲ କରିବା, ଦୈନିକ ଭୋଜନରେ ମିଲେଟ୍ କୁ ପୁନଃର୍ଜୀବିତ କରିବା କ୍ଷେତ୍ରରେ ରୋଡମ୍ୟାପ ପ୍ରସ୍ତୁତ କରିଛି ଓଡ଼ିଶା। କେବଳ ସେତିକି ନୁହେଁ ମିଲେଟ କାଫେ ଓ ମିଶନ ଶକ୍ତି ମାଧ୍ୟମରେ ମାଣ୍ଡିଆ ନିର୍ମିତ ପୁରୀ, କାକରା, ଦୋଷା, ଇଡଲି,ବିସ୍କୁଟ,ଲଡୁ,ମିଶ୍ଚର,ଏଣ୍ଡୁରି,ମୁଡ଼ୁକି ଆଦି ଓଡ଼ିଶା ବ୍ୟଞ୍ଜନ ସହ ପାଶ୍ଚାତ୍ୟ ବ୍ୟଞ୍ଜନ ଯଥା ସାଣ୍ଡୱିଚ, ପିଜା,ବର୍ଗର ଆଦି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବଜାରରେ ସୁଲଭ ଦରରେ ବିକ୍ରୀ କରୁଛନ୍ତି ଯାହା ମହିଳା ମାନଙ୍କୁ ସ୍ୱାବଲମ୍ବୀ କରାଇବା ସହ ଚାଷୀ ମାନଙ୍କ ଜୀବନ ଜୀବିକା ରେ ଉନ୍ନତି ଆଣୁଅଛି। ଏହି ସମ୍ମିଳନୀ ରେ ଅନ୍ତର୍ଜାତୀୟ ଖାଦ୍ୟମେଳା, କୁଇଜ୍ ପ୍ରତିଯୋଗିତା, ରନ୍ଧନ ପ୍ରତିଯୋଗିତାମାନ ଆୟୋଜନ କରାଯିବା ସହ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ମାଣ୍ଡିଆ ନିର୍ମିତ ସୁ-ବ୍ୟଞ୍ଜନ ଅତିଥି ମାନଙ୍କୁ ପରଷି ଦେଇଥିଲେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ।

ଅନ୍ତର୍ଜାତୀୟ ପୃଷ୍ଟି ଶସ୍ୟ ସମ୍ମିଳନୀ ରେ ବିଶ୍ୱ ଦେଖିଲା ଓଡ଼ିଶାର ସଫଳ ମାଣ୍ଡିଆ ଯାତ୍ରା, 'ମିଲେଟ ମିଶନ'। ଏହି ମିଶନରେ ଓଡ଼ିଶାର ସଫଳତାର କାହାଣୀ ତଥା ମାଣ୍ଡିଆକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଓଡ଼ିଶାର ବ୍ଲୁ ପ୍ରିଣ୍ଟ ଅନ୍ୟାନ୍ୟ ରାଜ୍ୟ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ଏକଦା ଗରିବର ଭୋକର ସାଥୀ ପାଲଟିଥିବା ମାଣ୍ଡିଆ ଆଜି ବିଶ୍ୱରେ ଜନାଦୃତ ହେବାପାଇଁ ଯାଉଛି। ଏହି ଯୋଜନା ଏବେ ଏକ ବିପ୍ଲବରେ ପରିଣତ ହେଲାଣି। ଆର୍ଥିକ ସ୍ତରରେ ଓଡ଼ିଶାକୁ ସମୃଦ୍ଧ କରିବା ଓ ବିଶ୍ୱକୁ ପୃଷ୍ଟିଶସ୍ୟ ଯୋଗାଇବା ପାଇଁ ଓଡ଼ିଶାର ଏହି ମେଗା ମିଲେଟ୍ ମିଶନ ଅହରହ କାର୍ଯ୍ୟରତ। ଖାଲି ଦେଖିବା ବାକି ରହିଲା ଏହାର ପ୍ରୟୋଗାତ୍ମକ ଚିତ୍ର କଣ ହେଉଛି ?

*ଅଧ୍ୟାପକ, ବାଣିଜ୍ୟ ବିଭାଗ*
*ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,କଟକ*

# ପୂଣ୍ୟ ପଞ୍ଚକ



**ପ୍ରେମାନନ୍ଦ ପାଣିଗ୍ରାହୀ**

ଓଡିଶାର ଧର୍ମୀୟ ଓ ସାଂସ୍କୃତିକ ପରମ୍ପରାରେ କାର୍ତ୍ତିକ ମାସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାସ ଭାବେ ସ୍ଥାନ ପାଇଛି । କାର୍ତ୍ତିକ ମାସ ହେଉଛି ତୁଳସୀ ଉପାସନାର ମାସ, ଦୀପ ଦାନର ମାସ, ନାମ ସଂକୀର୍ତ୍ତନର ମାସ, ପଞ୍ଚୁକ ବ୍ରତ ପାଳନର ମାସ, ଭାଗବତ ଚିନ୍ତନର ମାସ, ବୋଇତ ବନ୍ଦାପନାର ମାସ । "ସ୍କନ୍ଦ ପୁରାଣ"ରେ କାର୍ତ୍ତିକ ମାସକୁ ଅନ୍ୟ ସମସ୍ତ ମାସ ଠାରୁ ପବିତ୍ର ମାସ ଭାବେ ପ୍ରତିପାଦିତ କରାଯାଇ କୁହାଯାଇଛି - "ନ କାର୍ତ୍ତିକ ସମୋ ମାସୋ, ନ କୃତ୍ତେନ ସମଂ ଯୁଗମ୍, ନବେଦ ସଦୃଶଂ ଶାସ୍ତ୍ରଂ, ନ ତୀର୍ଥଂ ଗଙ୍ଗାୟୋ ସମଂ" । ଅର୍ଥାତ୍ - କାର୍ତ୍ତିକ ପରି ମାସ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ, ବେଦ ସମ ଶାସ୍ତ୍ର ନାହିଁ, ଗଙ୍ଗାତୁଲ୍ୟ ତୀର୍ଥ ନାହିଁ। କାର୍ତ୍ତିକ ମାସରେ ଧର୍ମପ୍ରାଣ ଆବାଳ ବୃଦ୍ଧବନିତା ପ୍ରତ୍ୟେହ ପ୍ରାତଃ କାଳରେ ପବିତ୍ର ଜଳରେ ସ୍ନାନ ସମାପନ ପୂର୍ବକ ସୂର୍ଯ୍ୟ ଆରାଧନା କରିଥାନ୍ତି । ଦେବଦର୍ଶନ ଓ ନାମ ସଂକୀର୍ତ୍ତନ, ତୁଳସୀ ପୂଜା, କାର୍ତ୍ତିକ ମାହାତ୍ମ୍ୟ ପାଠ, ସୁଦ୍ଧ ନିରାମିଷ ହବିଷ୍ୟ ଭୋଜନ, ଆକାଶ ଦୀପ ପ୍ରଜ୍ୱଳନ କଲେ ସମସ୍ତ ପ୍ରକାର ପାପ ନାଶ ହୋଇଯାଏ ବୋଲି ବିଶ୍ୱାସ ରହିଛି।

କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ବା ବଡ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚ ଦିନକୁ ମହାପଞ୍ଚକ କୁହାଯାଏ। ଧର୍ମଗତ ଦୃଷ୍ଟିକୋଣରୁ ହିନ୍ଦୁମାନଙ୍କ ପାଇଁ ଏହି ମହାପଞ୍ଚକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଯେତେବେଳେ ଚନ୍ଦ୍ରମା କୁମ୍ଭ ଓ ମୀନ ରାଶିରେ ପ୍ରବେଶ କରନ୍ତି ସେହି ସମୟକୁ ପଞ୍ଚକ କୁହାଯାଏ। ତେବେ ଧର୍ମଶାସ୍ତ୍ର ଅନୁସାରେ ଏହି ପାଞ୍ଚ ଦିନରେ ପାଞ୍ଚୋଟି ନକ୍ଷତ୍ର ଅବସ୍ଥାନ କରିଥାନ୍ତି ଯଥା ଧନିଷ୍ଠା, ଶତଭିଷା, ପୂର୍ବଭାଦ୍ରପଦ, ଉତ୍ତର ଭାଦ୍ରପଦ ଓ ରେବତୀ । ମହାଭାରତ କାହାଣୀରୁ ଜଣାଯାଏ, ପିତାମହ ଭୀଷ୍ମ ଇଚ୍ଛାମୃତ୍ୟୁ ବରପ୍ରାପ୍ତି ହୋଇଥିଲେ । ମହାଭାରତ ଯୁଦ୍ଧରେ କୌରବଙ୍କ ସପକ୍ଷରେ ଲଢି ଅନ୍ୟାୟ ଭାବରେ ପାଣ୍ଡବଙ୍କ ସୈନ୍ୟଙ୍କୁ ବଧ କରିଥିଲେ। ଏହି ପାପରୁ ମୋକ୍ଷ ପାଇବା ପାଇଁ ସେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତିକୁ ଅପେକ୍ଷା କରିଥିଲେ । ମହାପଞ୍ଚକରେ ସେ ଶରଶଯ୍ୟାରେ ଥାଇ ମୃତ୍ୟୁକୁ ଅପେକ୍ଷା କରିଥିବାରୁ ଏହି ପଞ୍ଚକର ନାମ ଭୀଷ୍ମପଞ୍ଚକ। କାର୍ତ୍ତିକ ମାସରେ ରସରାଜ ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋପୀମାନଙ୍କ ସହ ଯେଉଁ ରାସ କ୍ରୀଡା ଶର୍ଯନା କରିଥିଲେ ତା'ର ସ୍ମାରକୀକୁ ଉଜ୍ଜୀବିତ ରଖିବା ପାଇଁ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ରାଧାକୃଷ୍ଣ ମନ୍ଦିରମାନଙ୍କରେ ଭାଗବତର ରାସ ପଞ୍ଚାଧ୍ୟାୟୀ ପାଠ କରାଯାଉଥିବାରୁ ଏହି ପଞ୍ଚକକୁ ରାସପଞ୍ଚକ କୁହାଯାଏ । ଏପରିକି କାର୍ତ୍ତିକ ମାସର ଏହି ପଞ୍ଚକରେ ଆମିଷାଶୀ ପକ୍ଷୀ ବଗ ଆମିଷ ପରିହାର କରି ନିରାହର କରୁଥିବାରୁ ଉକ୍ତ ପଞ୍ଚକର ମାନ ବକ ପଞ୍ଚକ । ଏହି ମହାପଞ୍ଚକକୁ ଏପରି ପବିତ୍ର ଭାବରେ ଗ୍ରହଣ କରାଯାଏ ଯେ ପ୍ରତ୍ୟେକ ହିନ୍ଦୁ ଆମିଷ ପରିହାର ପୂର୍ବକ ଶୁଦ୍ଧ ଭାବନା ତଥା ଧର୍ମୀୟ ମନୋଭାବରେ ଶ୍ରୀହରି ସ୍ମରଣ କରି ସମୟ ଅତିବାହିତ କରିଥାନ୍ତି । ଯେଉଁମାନେ ମାସ ସାରା କାର୍ତ୍ତିକ ସ୍ନାନ କରିପାରିନଥାନ୍ତି ସେମାନେ ମହାପଞ୍ଚକରେ ଦେହରେ ବଟା ଅଁଳା ବୋଳି ହୋଇ କାର୍ତ୍ତିକ ସ୍ନାନ କଲେ ସମାନ ପରିମାଣର ପୂଣ୍ୟ ଅର୍ଜନ କରିଥାନ୍ତି । ଏପରିକି ଯେଉଁମାନେ ମହାକାର୍ତ୍ତିକରେ ମାସ ସାରା ଆକାଶଦୀପ ଜଳାଇପାରନ୍ତି ନାହିଁ ସେମାନେ କାର୍ତ୍ତିକ ପଞ୍ଚକ ପାଞ୍ଚଦିନ ଆକାଶ ଦୀପ ପ୍ରଜ୍ୱଳନ କରିବା ଫଳରେ ପିତୃ ଲୋକ ଓ ଦେବତାମାନଙ୍କ ଆର୍ଶୀବାଦ ପାଇଥାନ୍ତି ।

ହିନ୍ଦୁଧର୍ମର ଆଚାର ବିଚାରରେ ବିଧବାମାନଙ୍କ ନିମନ୍ତେ ଉକ୍ତ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ବିଧବା ହବିଷ୍ୟ ପାଳନ ପୂର୍ବକ କୁମ୍ଭାଟୁଆ ଦାନ୍ତକାଠିରେ ଦାନ୍ତ ଘଷି ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ତୁଳସୀ ବୃକ୍ଷ ସ୍ଥଳରେ ମୁରୁଜରେ ଠାକୁରଙ୍କ ଚିତ୍ର ଆଙ୍କି ମା' ବୃନ୍ଦାବତୀଙ୍କୁ ଆରାଧନା କରିଥାନ୍ତି । ଜିହ୍ୱା ଲାଳସା ତ୍ୟାଗ କରି ଖାଦ୍ୟରେ ସଂଜମ ରକ୍ଷା କରିଥାନ୍ତି। ଏକାଗ୍ରତା ଅବଲମ୍ବନ କରି ତୈଳ ମର୍ଦ୍ଦନ, କାଂସ୍ୟ ପାତ୍ରରେ ଭୋଜନକୁ ବର୍ଜନ କରିଥାନ୍ତି । କାର୍ତ୍ତିକ ପଞ୍ଚକରେ ସେମାନେ ଅନ୍ୟ ହାଣ୍ଡି ରନ୍ଧା ଖାଦ୍ୟ ଭୋଜନ କରନ୍ତିନାହିଁ । ସ୍ୱତନ୍ତ୍ର ଚୁଲାରେ ଘୃତ ମିଶ୍ରିତ ଅରୁଆ ଅନ୍ନ ସାଙ୍ଗକୁ ମୁଗ, ସାରୁ, ଓଉ, ବନ୍ତଳକଦଳୀ, ମାଟି ଆଳୁ, ଅଦା, ନଡିଆ ଆଦି ପଡି ତରକାରୀ ପ୍ରସ୍ତୁତ କରିଥାନ୍ତି। ଏଥିରେ ବିଲାତି ଆଳୁ ଓ ବାଇଗଣ ମିଶାଯାଏ ନାହିଁ । ଏହି ହବିଷ୍ୟାନ୍ନ ଓ ହଳଦୀ ପଡିନଥିବା ତଥା ଛୁଙ୍କ ହୋଇନଥିବା ତରକାରୀକୁ ତୁଳସୀ ଚଉଁରା ନିକଟରେ ଅର୍ପଣ କରିବା ପରେ ତାହାକୁ ନିରୋଳା ସ୍ଥାନରେ ଭଗବାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରି ଭୋଜନ କରିଥାନ୍ତି। ଏଥି ସହିତ ଅଗସ୍ତି ଶାଗ ଓ ଅଁଳା କୋଳି ମଧ୍ୟ ବ୍ୟବହାର କରିଥାନ୍ତି । କାର୍ତ୍ତିକ ମାସରେ ହବିଷ୍ୟାନ୍ନ ଭୋଜନ ଦିବ୍ୟ ଭୋଜନ ସଙ୍ଗେ ତୁଳନୀୟ ।


ମହାପଞ୍ଚକ ଅବସରରେ ଶ୍ରୀ ଜଗନ୍ନାଥଙ୍କ ନୀତିକ୍ରାନ୍ତିରେ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ । ଜଗନ୍ନାଥଙ୍କୁ ଏହି ପାଞ୍ଚଦିନରେ ପାଞ୍ଚଗୋଟି ବେଶ କରାଯାଏ । ଏକାଦଶୀ ତିଥିରେ ଲକ୍ଷ୍ମୀ ନାରାୟଣ ବେଶ, ଦ୍ୱାଦଶୀରେ ବାଙ୍କଚୂଡ ବା ବାମନ ବେଶ, ତ୍ରୟୋଦଶୀରେ ତ୍ରିବିକ୍ରମ ବେଶ, ଚର୍ତ୍ତୁଦ୍ଦଶୀରେ ଲକ୍ଷ୍ମୀ ନୃସିଂହ ବେଶ, ପୂର୍ଣ୍ଣିମା ଦିନ ନାଗାର୍ଜୁନ ବେଶରେ ସଜ୍ଜିତ କରାଯାଏ। ପଞ୍ଚକ ବ୍ରତପାଳନରେ କେବଳ ଯେ ଧର୍ମ ଓ ସାମାଜିକ ଚଳଣି ପରିଦୃଷ୍ଟ ହୁଏ ତାହା ନୁହେଁ ଏଥି ସହିତ ଜଡିତ ରହିଛି କଳିଙ୍ଗର ପ୍ରାଚୀନ ନୌବାଣିଜ୍ୟର ଐତିହାସିକ ସ୍ମୃତି । କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରେ ଡଙ୍ଗାଭସା ପର୍ବ ଏହା ସୂଚାଇ ଦିଏ । ଧାର୍ମିକ ଚେତନାର ଅପାସୋରା ସ୍ୱାକ୍ଷର ହେଉଛି ଏହି ମହାପଞ୍ଚକ।

*ଭୁଷଳ, ଭୁବନ, ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

## ଧାରାବାହିକ ଉପନ୍ୟାସ





**କ୍ଷୀରୋଦ ଦାସ**

ଭାଗ-୨୧

(ପୂର୍ବପ୍ରକାଶ ଉତ୍ତାରୁ)

"ତୁମକୁ ଶେଷଥର ପାଇଁ ଅନୁରୋଧ କରୁଛି, କହିବ ଯଦି ତୁମ ପାଦ ଧରିବି, ପୁଅ ପାଇଁ ଏତେ କଠୋର ହୁଅ ନାହିଁ। ନ'ଟା ନାଇଁ ଛ'ଟାନାଇଁ, ଗୋଟିଏ ବୋଲି ଛୁଆ ମୋର। ସେଇ ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ। ତା' ଆଡୁ ଦୃଷ୍ଟି ଫେରାଇ ନିଅନା। ସେ କେମିତି ଖଲାସ ହେବ, ସେଇ ବ୍ୟବସ୍ଥା କର...

: ତମକୁ ଶେଷଥର ପାଇଁ ମୁଁ ଅନୁରୋଧ କରୁଛି, ତା ବିଷୟରେ କେବେ ବି ମୋ ସହିତ ଆଲୋଚନା କରିବ ନାହିଁ। ସେସବୁ ଶୁଣିଲେ ତିକ୍ତ ହୋଇଯାଉଛି ମନ। ଛାତି ସନ୍ଧିରେ କିଛି ଗୋଟାଏ ଅଟକି ଯାଇ ଖୁବ୍ ଜୋର୍‌ରେ ବିନ୍ଧା ଛିଟିକା କରୁଛି। ଯିଏ ପାପ କରିଛି, ସିଏ ଶାସ୍ତି ଭୋଗିବ, ଏକଥାକୁ ଗ୍ରହଣ କରିବାକୁ ତୁମେ ଏତେ ଅମଙ୍ଗ କାହିଁକି ? ବାସ୍ତବତାକୁ ଆପଣାଇବାକୁ ଏତେ କୁଣ୍ଠିତା କଣ ପାଇଁ? - କହିଲେ ଶୁଭକାନ୍ତ।

: ଆହା, କେଡେ ସୁନ୍ଦର କଥା ଶୁଣୁଛି ଏ କାନ! ବୁଝିଲ, ଏଗୁଡା ଯାତ୍ରା କି ସିନେମାରେ ଶୋଭାପାଏ ସିନା, ବାସ୍ତବ ଜୀବନରେ ଏହାର ତୋଳାଏ ବି ମୂଲ୍ୟ ନାହିଁ। ସେ ମହାପାତ୍ର ବାବୁ, ପଟ୍ଟନାୟକ ବାବୁଙ୍କୁ ଦେଖୁଛଟି ! କେମିତି ରାତିଦିନ ଏକାକାର କରି ଲାଗିଛନ୍ତି ନିଜ ନିଜର ପିଲାମାନଙ୍କ ପାଇଁ! ସେମାନେ ଆଉ ବାପ ନୁହନ୍ତି, ତମେ ଏକା ଆଦର୍ଶବାନ ପିତା! କୋଉ ବାପ ନିଜ ଛୁଆକୁ ପଛକରି ପର ପିଲା ପାଇଁ ମୁଣ୍ଡ ଖେଳାଏ ? ମୋ ସାନକଥା ମାନ, ସେମାନଙ୍କ ସହ ମିଶି କୌଣସି ଉପାୟରେ ମୋ ପୁଅକୁ ଜେଲ୍‌ରୁ ମୁକୁଳାଅ...

: ଅସମ୍ଭବ। ଏ ପିଣ୍ଡରେ ପ୍ରାଣ ଥିବା ଯାଏ ସେପରି ଅବିବେକୀ କାମ ମୁଁ କରିପାରିବି ନାହିଁ। ସେଇ ପାପରେ ମୁଁ ଭାଗୀ ହୋଇପାରିବି ନାହିଁ। - କହିଲେ ଶୁଭକାନ୍ତ।

: ନିଜ ଛୁଆର ଭଲ ପାଇଁ କିଛି କରିବା ପାପ! ଆଜି ପ୍ରଥମ ଥର ପାଇଁ ଶୁଣିଲି ଏକଥା। ପିଲାମାନଙ୍କ ଭୁଲ୍‌କୁ ଆମେ ବାପା ମା' ହୋଇ ମା ଦେବାନି ତ ଆଉ କିଏ ଦେବ?

: ଭୁଲ୍‌କୁ କ୍ଷମା କରାଯାଇପାରେ। ହେଲେ ପାପକୁ? ପାପୀକୁ?

ଜାଣିବାକୁ ଚାହିଁଲେ ଶୁଭକାନ୍ତ ପତ୍ନୀଙ୍କଠାରୁ, ହେଲେ ସେ ଜାଣିଥିଲେ ଏକଥା ରାଜଲକ୍ଷ୍ମୀଙ୍କ ମଗଜରେ ପଶିବ ନାହିଁ। କାରଣ ତାଙ୍କର ସେଠାରେ ଇଞ୍ଚେ ବି ସ୍ଥାନ ନାହିଁ। ସବୁ ସ୍ଥାନକୁ ଅକ୍ତିଆର କରି ରଖିଛି ଅହେତୁକ ପୁତ୍ରମୋହ।

: ମୁଁ ମା'। ମୋର ମମତାର କ'ଣ କିଛି ମୂଲ୍ୟ ନାହିଁ! କିଛି ଶକ୍ତି ନାହିଁ!

: କିଏ କହିଲା ନାହିଁ ବୋଲି? ମମତାର ଶକ୍ତି ଅସୀମ। କିନ୍ତୁ ସେଇ ଶକ୍ତି ସଠିକ୍ ସ୍ଥାନରେ, ସଠିକ ପାତ୍ରରେ ପ୍ରୟୋଗ ନ ହେଲେ ବିଭ୍ରାଟ ଘଟେ। ଅଥର୍ବ ଓ ଶକ୍ତିହୀନ ହୋଇଯାଏ ମମତା।

: ତୁମେ ଡାକ୍ତର ନା ଦାର୍ଶନିକ?

: ତୁମେ ମା' ନା ଶତ୍ରୁ?

ଆହତ ହେଲେ ରାଜଲକ୍ଷ୍ମୀ। ଠପଠପ୍ ଲୁହ କେଇବୁନ୍ଦା ଖସିପଡିଲା ତାଙ୍କ ଦୁଇ ଆଖିରୁ, ପରାଜୟର ପ୍ରତୀକ ହୋଇ।

ସେଇ ଲୁହକୁ ପରବାୟ କଲେନି ଶୁଭକାନ୍ତ। ପୁଅ ଜେଲ୍ ଗଲା ଦିନଠାରୁ ରାଜଲକ୍ଷ୍ମୀ ସିନା ଆଖିରେ କାନ୍ଦି ଲୁହ ଝରାଉଛନ୍ତି! ହେଲେ ତାଙ୍କ ହୃଦୟ ଭିତରର ଘା'ରୁ ଥପଥପ ଝରୁଥିବା ରକ୍ତକୁ କିଏ ଦେଖୁଛି? କିଏ ବୁଝୁଛି?



: ମା' ପିଲାକୁ ନିଜ ମମତା ଦ୍ୱାରା ଠିକ୍ ବାଟରେ ପରିଚାଳିତ କରେ। ଶତ୍ରୁ ତାକୁ କୁପଥଗାମୀ କରାଏ। ଆଜି ଯେଉଁ ବାଟରେ ତୁମ ପୁଆ ଯାଇଛି ଓ ଯାଉଛି, ସେଥିରୁ ଚିନ୍ତା କର ତୁମେ ମା' ନା ଶତ୍ରୁ! ନିଜକୁ ବିଶ୍ଳେଷଣ କର।" -ଇଚ୍ଛା ନ ଥିଲେ ବି ବାଧ ହୋଇ କହିଲେ ଶୁଭକାନ୍ତ।

: ସେସବୁ ଚିନ୍ତା କରିବାକୁ ଅନେକ ସମୟ ଅଛି। ଏବେ ମୋର କେବଳ ଗୋଟିଏ ଚିନ୍ତା- ମୋ ପୁଅ କେମିତି ଆସିବ ମୋ ପାଖକୁ। ବାସ୍।"

: ମୋର ବି ଗୋଟିଏ ଚିନ୍ତା - ତୁମ ପୁଅ ଦ୍ୱାରା କ୍ଷତବିକ୍ଷତ ହୋଇଥିବା ସେଇ ସରଳ ଝିଅଟି କେମିତି ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ହେବ, ବାସ୍।

: ତମେ ସତରେ ମୋ ପୁଅର ବାପଟି! - ଶୁଭକାନ୍ତଙ୍କୁ ଚାହିଁ ପଚାରିଲେ ରାଜଲକ୍ଷ୍ମୀ।

: ସେକଥା ତୁମଠାରୁ ଆଉ ଠିକ୍ ଭାବରେ କିଏ କହିପାରିବ? -ଉତ୍ତର ଦେଲେ ଶୁଭକାନ୍ତ।

: ପଞ୍ଚଷଠି ବର୍ଷ ବୟସ ଭିତରେ ମୁଁ କେଉଁଠି ଦେଖିନି, ଜଣେ ବାପା ନିଜ ଛୁଆ ପ୍ରତି ଏତେ ନିର୍ମମ, ଏତେ ହୃଦୟହୀନ ହେବାର!

: ବାସ୍ତରି ବର୍ଷ ବୟସ ଭିତରେ ମୁଁ ବି କେଉଁଠି ଦେଖିନି ଜଣେ ମା' ନିଜର ଅନ୍ଧ ସ୍ନେହ ଓ ମୋହରେ ନିଜ ପୁଅର ଜୀବନକୁ ଅନ୍ଧକାରମୟ କରିପକାଇବାର!

ତାଙ୍କ ପ୍ରତି ବାରମ୍ବାର ଆକ୍ରମଣ ହେଉଥିବାର ଦେଖି ରାଜଲକ୍ଷ୍ମୀ ନିଜକୁ ଆଉ ସମ୍ଭାଳିପାରିଲେ ନାହିଁ। ନାହିଁ ନ ଥିବା ଏକ କୋହ ଓ କ୍ରୋଧ ତାକୁ କବଳିତ କରି ସାରିଥିଲା ସେତେବେଳକୁ। ସେ ସ୍ୱାମୀଙ୍କୁ ଚ୍ୟାଲେଞ୍ଜ କଲେ-

"ଆଜି ହେଲା ମଙ୍ଗଳବାର। ଆଜିକୁ ଠିକ୍ ପନ୍ଦର ଦିନ ପରେ, ଠିକ୍ ଆଜିର ଦିନରେ ମୋ ପୁଆ ଆସିଥିବ ମୋ ପାଖକୁ। ଦୁନିଆର କୌଣସି ଶକ୍ତି ମା'ର ମମତା ଆଗରେ ଠିଆ ହୋଇପାରିବ ନାହିଁ। ତୁମେ ଦେଖ..."

ରାଜଲକ୍ଷ୍ମୀଙ୍କ ପରି କୌଣସି ଶପଥ ନେଇ ପାରିଲେ ନାହିଁ ଶୁଭକାନ୍ତ। କୌଣସି ଚ୍ୟାଲେଞ୍ଜ ଦେଇପାରିଲେ ନାହିଁ ପତ୍ନୀଙ୍କୁ। କାରଣ ମଣିଷର ଶକ୍ତି ବିଷୟରେ ସେ ବେଶ୍ ସଚେତନ।

ଏବେ ସେ ଭୂମିରେ ଠିଆ ହୋଇଛନ୍ତି, ପରମୁହୂର୍ତ୍ତରେ ଯେ ଭୂମିରେ ଶୋଇ ନ ଥିବେ, କିଏ କହିବ।?

(କ୍ରମଶଃ)

## ଶୁଭ ଦୀପାବଳି

**ବିଜୟଲକ୍ଷ୍ମୀ ଦାସ**



ଆସିଛିରେ ଆଜି ଶୁଭଦୀପାବଳୀ
ପାଳିବା ଆନନ୍ଦ ମନେ।

ଘର ବାହାରକୁ ଆଲୋକେସଜାଇ
ଖୁସୀରେ ହେବା ମଗନେ।

କାର୍ତ୍ତିକମାସର ଅମାବାସ୍ୟା ରାତି
ଅନ୍ଧାରରେ ଭରିଥାଏ।

ମାଳମାଳଦୀପେ ଆଲୋକେସଜାଇ
ଅନ୍ଧାର ଦୂରେଇ ଯାଏ।

କାଉଁରିଆକାଠି ବଳିତା ଜଳାଉ
ପିତୃପୂରୁଷଙ୍କ ପାଇଁ।

ଅନ୍ଧାରରେ ଆସି ଆଲୋକରେଯାଅ
ଶୁଭ ଆଶୀଷକୁ ଦେଇ।

ଘନ ଅନ୍ଧକାର କରାଳ କାଳିମା
ମନରୁ ଦୂରେଇଦେବା
ଶାନ୍ତି,ମୈତ୍ରୀ,ପ୍ରିତୀ ବନ୍ଧନରେ ଆମେ
ଆଲୋକ ଜଳେଇଦେବା।

ଦୀପାବଳୀ ଦିନପ୍ରଭୂ ରାମଚନ୍ଦ୍ର
ରାବଣକୁ ବଧି ଥିଲେ।

ସୀତା,ଲକ୍ଷ୍ମଣଙ୍କୁ ସାଥୀରେ ନେଇସେ
ଅଯୋଧ୍ୟାକୁ ଫେରିଥିଲେ।
ଅଯୋଧ୍ୟା ନଗରୀ ଆଲୋକେସଜାଇ
ପ୍ରଭୂଙ୍କୁ କଲେ ସ୍ୱାଗତ।

ସେହିଦିନଠାରୁ ଏହି ଦୀପାବଳୀ
ପାଳନ ହୁଏ ସର୍ବତ୍ର।

ମା'ଶ୍ୟାମାକାଳୀ ରକ୍ତବୀର୍ଯ୍ୟମାରି
ପୂଜାପାଇଲେ ଏ ଦିନ।

ସାଗର ଦୁଲଣୀ ମା କମଳିନୀ
ଯାତ ହୋଇଥିଲେ ପୁଣ।

ମାଟିଦୀପେ ଆଜି ଆଲୋକେସଜାଇ
ହସୁଛି ଆମରି ଦେଶ।

ବାଣନୁହେଁ ବଡ ଆଲୋକରେଭରୁ
ପୁରୁ ସଭିଙ୍କର ହସ।

*କାଳୁରାମ ନଗର, ପୋଖରୀ ଫୁଟ*
*ଭୁବନେଶ୍ୱର*

## ଚୁକ୍ତି ପତ୍ର

**ଡକ୍ଟର ମନୋରଞ୍ଜନ ବିଷୋୟୀ**



ତୁମେ ସତ୍ୟ ତୁମେ ହିଁ କଳ୍ପନା
ସତ୍ୟର ପାହାଚ ସରେ ତୁମ ପାଖେ
କଳ୍ପନାର ଆଖି ଆଡୁଆଲୁ ତୁମେ ଆସ
ବିସ୍ମୟର ପ୍ରଶ୍ନବାଚୀ ବିନ୍ଦୁ ପରି ।

ଜୀବନର ଇସ୍ତାହାର ଲେଖୁ ଲେଖୁ
ହରଣ ଗୁଣନ ଆଉ ମିଶାଣ ଫେଡ଼ାଣ
ଫେଣ୍ଟାଫେଣ୍ଟି ବର୍ଣ୍ଣାଳୀରେ
ଅଛିଣ୍ଡା ଅଙ୍କର ଉତ୍ତର ବି ହଜେ ।

ଅବୁଝାର ସ୍ୱରଲିପି ତୁମେ
ତୁମ ପାଇଁ ହସ୍ତଲିପି ଲେଖୁ ଲେଖୁ
ସୂର୍ଯ୍ୟ ଆସେ ତାରା ଫୁଟେ
ଆକାଶ ଓ ପୃଥିବୀର ଫୁସ୍‌ଫାସ୍ କଥା ଶୁଭେ
ମୋ ନିଃଶବ୍ଦ ଇଲାକାର ଝରକା ସେପାଖୁ ।

କେବେ ତୁମ ଦେଖା ମିଳେ
ବସନ୍ତର ଓଢ଼ଣା ଉହାଡ଼େ

ପୁଣି କେବେ ଝରାପତ୍ର ଆବରଣ ତଳୁ
ତୁମକୁ ମୁଁ ତୋଳିନେବା ସ୍ୱପ୍ନ ଦେଖେ
ଛନ୍ଦ ତୋଳେ ମୋ ପୁରୁଷାକାର ।

ଯେତେସବୁ ଗୋପନୀୟ ନାଲି ଫିତା କଥା
ସବୁଥିରେ ତୁମ ହସ୍ତାକ୍ଷର
ସତ୍ୟ ଆଉ ସଂଶୟର ସୀମାନ୍ତରେ
ତୁମ ସାଥେ ଚୁକ୍ତି କରି
ମାପିବାକୁ ଇଚ୍ଛା ମୋର
ମୋ ପୌରୁଷ ମୋ କାମନା
ଜୀବନର ଯେତେସବୁ ଗୋପନ ଇଚ୍ଛା ।

*ଦାମୋଦରପୁର, ଗଂଜାମ-୭୬୧୦୨୬*
*ସଂପର୍କ: ୮୮୯୫୧୪୧୭୨୭*

## ମହା କାର୍ତ୍ତିକର ଆଗମନେ...

**ରାମଚନ୍ଦ୍ର ବେହେରା**



ମହା କାର୍ତ୍ତିକର ଶୁଭ ଆଗମନେ
ଶୈବପୀଠ ଆଜି ଲୋକାରଣ୍ୟ
ସତ୍ୟନିଷ୍ଠ ଚିତ୍ତେ ଶିବଙ୍କୁ ପୂଜିଲେ
ମିଳିଥାଏ କୋଟି କୋଟି ପୁଣ୍ୟ।

ଚଉରା ମୂଳରେ ଜେଜେ ମା' ପାଳନ୍ତି
ପବିତ୍ର ହବିଷ ପୂଜା ନୀତି
ଶ୍ରୀକ୍ଷେତ୍ରେ ପୂଜିଲେ ଜଗତନାଥଙ୍କୁ
ଜାଗିଉଠେ ମନେ ଭାବ ଭକ୍ତି।

ହେମନ୍ତ ଆଗମେ ଗହିର ବିଲରେ
ଧାନ ଫୁଲ ହସେ ଖିଲି ଖିଲି
ପନି ପରିବାରେ ନଦୀ ପଠା ହସେ
ଶୀତଳ ବାଆରେ ଝୁଲି ଝୁଲି।

ନିଶିର ଅବଧି ବଢି ବଢି ଯାଏ
ଖୁସିଲାଗେ ପ୍ରଭାତ ଭ୍ରମଣ
ପାହାନ୍ତି ପ୍ରହର ହେମାଳ ବାଆରେ
ଶୀତର ହୁଅଇ ଆଗମନ।

ଆଲୋକର ପର୍ବ ଶୁଭ ଦୀପାବଳି
ଆସୁଛି ଅନ୍ଧାର ସାଥେ ଧରି

ପିତୃ ପୁରୁଷଙ୍କୁ ସଭିଏଁ ଡାକିବେ
କାଉଁରିଆ କାଠି ଜାଳି ଜାଳି।

ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କର
ଅଯୋଧ୍ୟା ଫେରିବା ଦିବସକୁ
ପ୍ରଦୀପ ଜଳାଇ ସ୍ୱାଗତ କରିବା
ପାଳି ଦୀପାବଳି ପରବକୁ।

କାର୍ତ୍ତିକ ମାସରେ ସଭିଙ୍କ ନିଳୟେ
କାର୍ତ୍ତିକ ପୁରାଣ ହୁଏ ପାଠ
ପବିତ୍ର ପଞ୍ଚୁକ ମାନି ସର୍ବଜନେ
ପାଳିଥାନ୍ତି ଡଙ୍ଗାଭସା ଯାତ।
କାର୍ତ୍ତିକ ମାସଟି ଧର୍ମ ମାସ ବୋଲି
ପୁରାଣ ଶାସ୍ତ୍ରରେ ଅଛି ଲେଖା
ଆସ କାର୍ତ୍ତିକରେ ସତ୍ୟ ନ୍ୟାୟ ଧର୍ମ
ନକରିବା କେବେ ଅଣଦେଖା।

*ତେନ୍ତୁଳିପଦା,ଜଗତସିଂହପୁର*
*ଦୂରଭାଷ : ୭୩୫୫୬୩୪୩୪୬*

## ଅନ୍ୱେଷଣ

**ଅଧ୍ୟାପକ ଅଜୟ ପଟ୍ଟନାୟକ**



ମୁଁ କୁଆଡୁ ଆସିଲି, କୁଆଡ଼େ ଯିବି, କାହା ପାଖକୁ ଯିବି, ମନକଥା କାହା ଆଗରେ କହିବି? ହୃଦୟର ଦୁଃଖ, ବ୍ୟଥା, କାହା ଆଗରେ କହିବି? କିଏ ବୁଝିବ ମନର ବ୍ୟଥା ଏ ଦୁନିଆରେ? ଏ ପ୍ରଶ୍ନ ଏବେ ଦିନରାତି କ୍ଷତବିକ୍ଷତ କରୁଛି, ମୋର ଅବସର ଜୀବନକୁ ପ୍ରତ୍ୟେକ ମୁହୂର୍ତ୍ତରେ।

ଆଜିକାର ଯୁବପିଢ଼ିଙ୍କ ଯୁକ୍ତି ଅନୁସାରେ, ପ୍ରତ୍ୟେକ ମନୁଷ୍ୟ ପରି ମୁଁ କ'ଣ ବାପା, ମା'ଙ୍କର ଦେହଜକ୍ଷୁଧାର ସୃଷ୍ଟି, ଆବେଗପୂର୍ଣ୍ଣ ଏକ ମୁହୂର୍ତ୍ତର ପରିଣତି, ଏକ ପ୍ରାକୃତିକ ପ୍ରକ୍ରିୟାର ଅବାଞ୍ଛିତ, ଅଲୋଡ଼ା ପରିଣତି? ମୁଁ ବି ସେଇ ପ୍ରକ୍ରିୟାରେ ସାମିଲ ହୋଇ ଘଟଣାକ୍ରମରେ ପୁନରାବୃତ୍ତି କରିଚାଲିଯିବି? ଏମିତି କ'ଣ ଚାଲିଥିବ ଏ ଦୁନିଆଁ? ଏହାର ମୂଲ୍ୟ କ'ଣ? ସେହି ଗତାନୁଗତିକ ଚଳଣୀ। ନୂତନତା କାହିଁ? ବଞ୍ଚିବାର ଆକର୍ଷଣ କାହିଁ?

ଆଦ୍ୟ କାଳରେ ଜୀବନକୁ ରଙ୍ଗୀନ କରି ଗଢ଼ି ତୋଳିବା, ଉପଭୋଗ କରିବାର ପ୍ରଚେଷ୍ଟା, ଗଳାକଟା ପ୍ରତିଦ୍ୱନ୍ଦିତା, କିଛି ସଫଳତା, କିଛି ବିଫଳତା। ଶେଷ ଭାଗରେ ବାର୍ଦ୍ଧକ୍ୟ ଜନିତ ଅକ୍ଷମତା, ଅସହାୟତା, କିଂକର୍ତ୍ତବ୍ୟ ବିମୂଢ଼ ହୋଇ ମୃତ୍ୟୁକୁ ଅପେକ୍ଷା କରିବା ହିଁ ଜୀବନ। ଏହା ଯଦି ହୁଏ ଜୀବନ, ମୋର ଆଉ ଆବଶ୍ୟକ ନୁହେଁ ଏ ଜୀବନ ଓ ଭବିଷ୍ୟତରେ ପୁଣି ମଣିଷ ଜନ୍ମ।

ଯିବାକୁ ଅନେକ ଜାଗା, ବୁଲିବାକୁ, ଦେଖିବାକୁ ଅନେକ ସୁନ୍ଦର ମନୋହର ଈଶ୍ୱରଙ୍କ ବିଶାଳ ସୃଷ୍ଟି ସମ୍ଭାର, ଏ.ଟି.ଏମ୍.ରେ ପଇସାର ପ୍ରଚୁର ସମର୍ଥନ। କିନ୍ତୁ ରୋଗଗ୍ରସ୍ତ ବାର୍ଦ୍ଧକ୍ୟ ଶରୀର ମନକୁ ଆଉ ସମର୍ଥନ ଦେଉନାହିଁ।

କ'ଣ କହିଲେ? ଟିଭି ପାଖକୁ ଯିବି? ୨୪X୭ ମାଳମାଳ ହିନ୍ଦୀ ଓ ଓଡ଼ିଆ ଚାନେଲ। ସେହି ବାବା, ମାତା, ଚିଟ୍‌ଫଣ୍ଡ, ଖଣି ଦୁର୍ନୀତି, ଜମି ହଡ଼ପ, ଦାରୁଖୋଜା, ମହାପ୍ରଭୁ ଜଗନ୍ନାଥଙ୍କୁ ଉପବାସ ରଖାଯିବା, ବ୍ରହ୍ମ ଅଘଟଣ, ଦଇତାପତିଙ୍କ ଧନାଢ଼୍ୟ ଓ ରାଜକୀୟ ବେଶଭୂଷାର ବାରମ୍ବାର, ବିରକ୍ତିକର ପ୍ରଦର୍ଶନ, ଯାହା ଘଟଣାର ଗୁରୁତ୍ୱକୁ ମାଟିରେ ମିଶାଇ ଦେଉଥିବ ବା ଦେଶର, ରାଜ୍ୟର, ଭାଗ୍ୟବିଧାତାମାନଙ୍କର ଜନସେବାର ବାସ୍ତବ ଚେହେରା ଓ କ୍ଷମତା ହାସଲର ଅବାନ୍ତର ଉଲଗ୍ନ ପ୍ରଚେଷ୍ଟା। ଟିଭି ଚ୍ୟାନେଲରେ ସେହି ଚଳଚ୍ଚିତ୍ରଗୁଡ଼ିକର ପୁନଃ ପ୍ରଦର୍ଶନ ଓ ସିରିଏଲ୍ ଗୁଡ଼ିକୁ ଜବରଦସ୍ତ, ଅନାବଶ୍ୟକ ଭାବେ ଲମ୍ବାଇ ବ୍ୟବସାୟିକ ଫାଇଦାର ଅବିରତ ଉଦ୍ୟମ। ଅବଶ୍ୟ କିଛି ଚାନେଲ, ଏହାର କିଛି ପ୍ରୋଗ୍ରାମ, କିଛି ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ, କିଛି ପୁରୁଣା ଗୀତ ମନକୁ ହାଲ୍‌କା କରିଦିଏ। ଖବରକାଗଜଗୁଡ଼ିକ ଟିଭି ଚିତ୍ରଣର ଲିଖିତ ପାଣ୍ଡୁଲିପି, ଅଧିକାଂଶ ସମୟରେ ଖବରକାଗଜର ପ୍ରଥମ ପୃଷ୍ଠା ବିରାଟ ବିଜ୍ଞାପନ ମଣ୍ଡିତ ଥାଏ। ଅବଶ୍ୟ କିଛି ଭାବ ଉଦ୍ରେକକାରୀ ପ୍ରବନ୍ଧ, ସମସାୟିକ ବାସ୍ତବ ସମସ୍ୟାର ରୂପାୟନ ମିଳେ ଯାହା ଅତି ବେଶୀରେ ଘଣ୍ଟେ ଦୁଇଘଣ୍ଟାର ପଠନର ସାମଗ୍ରୀ ଓ ବେଶ୍ ଉପଭୋଗ୍ୟ।

ହଁ, ବି.ଏମ୍.ସି. ଦ୍ୱାରା ସୃଷ୍ଟ, ବି.ଡ଼ି.ଏ. ଦ୍ୱାରା ପରିଚାଳିତ ପାର୍କମାନଙ୍କରେ ମର୍ଣ୍ଣିଂ ଓ ଇଭିନିଂ ୱାକ୍ କରି କିଛି ସମୟ ବିତାଇ ହେବ। କିଛି କିଛି ଦିନ ପରେ ସେହି ପୁରୁଣା ଚେହେରା, ଶସ୍ତା ରାଜନୀତି ଗପ, ପର ଚର୍ଚ୍ଚା, ମୋବାଇଲର ଅତ୍ୟାଚାର। ଆଧୁନିକ ଯୁବକଯୁବତୀମାନଙ୍କର ଖୁଲମଖୁଲା, ଅଶାଳୀନ କାର୍ଯ୍ୟାବଳୀ ବେଳେବେଳେ ଅସ୍ୱସ୍ତିକର ପରିବେଶ ସୃଷ୍ଟି କରେ। ଏମିତି କଅଁଳିଆ ବୟସରେ ପ୍ରେମ/ଭଲପାଇବା ଭଳି ଆବେଗପୂର୍ଣ୍ଣ ଆକାଂକ୍ଷିତ ଜୀବନକୁ କଦର୍ଥ କରି ଦେହଜ ପ୍ରେମରେ ସୀମିତ ରହି ଯୌନ ପିପାସା ମେଣ୍ଟାଇ ଲମ୍ବା ଜୀବନକୁ ଉଦାସ କରି ଭବିଷ୍ୟତର ରଙ୍ଗୀନ ପାରିବାରିକ ଜୀବନକୁ ସ୍ୱାଦହୀନ, ଯାନ୍ତ୍ରିକ କରିଦେଉଛନ୍ତି। ଅଭିଯୋଗ ଆସୁଛି ପ୍ରାକ୍ ଯୌନ ଜୀବନ ଯୋଗୁଁ ବିବାହ ପରେ ସନ୍ତାନ ସୃଷ୍ଟିରେ ସମସ୍ୟା ଦେଖାଯାଉଛି। ପ୍ରେମ ବିଶୁଦ୍ଧ ହେଲେ ଉପଭୋଗ୍ୟ ଓ ଦୀର୍ଘକାଳୀନ ହୋଇଥାଏ। ପାର୍କରେ ଯେଉଁ ବେଞ୍ଚରେ ବସିବାକୁ ଯିବ, ସେଠି କେବଳ ପୁଅଝିଅଙ୍କର ମିଥୁନ ଅବସ୍ଥା। ନିରୋଳାରେ ଟିକିଏ ବସିହେବ ନାହିଁ। ମୋବାଇଲ୍‌ରେ ସେହି ଘଣ୍ଟା ଘଣ୍ଟା ଅବାନ୍ତର କଥୋପକଥନର ଶବ୍ଦମାଳା ବା କିଛି ବେଞ୍ଚରେ ଦୁଇ ତିନିଜଣ ଅବସରପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କର ବାର୍ଦ୍ଧକ୍ୟ ଜନିତ ରୋଗ ସମସ୍ୟା। ପୁଅ-ବୋହୂଙ୍କର ଅବହେଳା, ନିର୍ଯାତନା, ନିଃସଙ୍ଗତାର କାହାଣୀ, ସତେଯେମିତି ସେମାନେ ତାଙ୍କ ଯୁବା ବୟସରେ, ଚାକିରୀ କାଳରେ ଗାଁ'ରେ ରହି ନିଜ ବାପା-ମା'ଙ୍କର ପ୍ରବଳ ଯତ୍ନ ନେଉଥିଲେ ଓ ଏବେ ତାଙ୍କ ପିଲାମାନେ ତାହା କରୁନାହାନ୍ତି।



'ନଥିବାରୁ ଅନ୍ୟ କିଛି ବିକଳ୍ପ ବ୍ୟବସ୍ଥା, ତୁମଠାର ପ୍ରଭୁ ରଖୁଅଛି ଆସ୍ଥା' ପରି ସବୁଠାରୁ ନିରାଶ ହେଲେ ଈଶ୍ୱରଙ୍କ ପାଖରେ ଶରଣାପନ୍ନ ହେବା କଥା। ସହରରେ ଗାଁ' ଅପେକ୍ଷା ବେଶୀ ମନ୍ଦିର, ନିଜେ ରହୁଥିବା ଅଞ୍ଚଳରେ ଏତେ ସଂଖ୍ୟକ ମନ୍ଦିର ଯେ ଗୋଟେ ମନ୍ଦିରକୁ ଯିବାକୁ ଚିନ୍ତା କରି ଆଉଗୋଟେ ମନ୍ଦିରରେ ପଶିଯିବାକୁ ହୋଇଥାଏ। ସନ୍ଧ୍ୟାରେ ମନ୍ଦିରର ପୂଜା, ଆରତୀ, ଭଜନ, କୀର୍ତ୍ତନ ପିଲାଦିନ ଗାଁ'ର କୀର୍ତ୍ତନ ମଣ୍ଡଳୀର ସ୍ମୃତି ଉଜାଗର କରିଥାଏ। ଖୁବ୍ ଶାନ୍ତି ଲାଗେ ମନ୍ଦିରରେ ଅଚିହ୍ନା ଅଜଣା ଭାବେ ନିରୋଳାରେ ପ୍ରଭୁଙ୍କୁ ଚିନ୍ତନ କରିବା। କିନ୍ତୁ ସେଠି ବି ଭିଡ଼ର ଅନ୍ତ ନାହିଁ; ଠାକୁରଙ୍କ ସହ ଆଖି ମିଳାଇବାର ସୁଯୋଗ କମ୍ ମିଳେ ଗହଳିରେ। ଆଶ୍ଚର୍ଯ୍ୟଜନକ ଭାବେ ଯୁବପିଢ଼ିଙ୍କ ଗହଳି ବେଶ୍ ବାରି ହୋଇଯାଏ। ଏତେ କମ୍ ବୟସରେ ଈଶ୍ୱର ଭକ୍ତି ନା ହତାଶାରୁ ପରିତ୍ରାଣ ବା ଭେଟାଭେଟିର ଏକ ସୁରକ୍ଷିତ ଅଞ୍ଚଳ, ମନରେ ପ୍ରଶ୍ନବାଚୀ ଉଠେ। ତା'ଛଡ଼ା ମନ୍ଦିର ବି ଆବାସିକ ସଂଘ, ତା'ର କର୍ମକର୍ତ୍ତାମାନଙ୍କ ପାରିବାର ପଣିଆର ଆଲୋଚନା କେନ୍ଦ୍ର ହୋଇଉଠେ। ତେଣୁ ଅନ୍ୟ ଅଞ୍ଚଳର ମନ୍ଦିରରେ ସନ୍ଧ୍ୟାରେ ବେଶ୍ କିଛି ସମୟ ନିରୋଳାରେ କଟାଯାଇପାରେ।

ସବୁଠାରୁ ଉତ୍ତମ ଉପାୟ ଉପାଦେୟ ପୁସ୍ତକ, ପତ୍ରିକା ପଢ଼ି ସମୟ କଟାଇବା ସହ ଜୀବନର ବହୁମୁଖୀ ସମସ୍ୟାରୁ ଜ୍ଞାନ ଉପାର୍ଜନ କରିବା, ଅନୁଭୂତି ଲାଭ କରିବା ଓ ପୁସ୍ତକ, ପତ୍ରପତ୍ରିକାକୁ ବନ୍ଧୁ କରିବା। କିନ୍ତୁ ବାର୍ଦ୍ଧକ୍ୟଜନିତ ସ୍ପୋଣ୍ଡିଲାଇଟିସ୍ ରୋଗ ଯୋଗୁଁ ଦୀର୍ଘ ସମୟ ବେକ ନୁଆଇଁ ପଢ଼ିବା ଲେଖିବା ସମ୍ଭବ ହେଉନାହିଁ। ସନ୍ଧ୍ୟାରେ ବିଭିନ୍ନ ସମୟରେ ସାଂସ୍କୃତିକ ଉତ୍ସବମାନ ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥାଏ। କିନ୍ତୁ ଇଚ୍ଛା ଥିଲେ ବି ରାତିର ଉଜ୍ଜ୍ୱଳ ଆଲୁଅରେ, ଗହଳିରେ ଗାଡ଼ି ଚଳାଇ ଯିବା ସମ୍ଭବ ହେଉନାହିଁ। ତାହାର ବିବରଣୀ ପରଦିନ ଖବରକାଗଜରେ ପଢ଼ି ପଢ଼ି ବ୍ୟସ୍ତ ହେବାକୁ ହୋଇଥାଏ।

କିନ୍ତୁ ଏହାରି ଭିତରେ ହିଁ ଅବସର ଜୀବନ ବିତାଇବାକୁ ପଡ଼ିବ। ସବୁ 'ନାହିଁ' ଭିତରେ 'ହଁ' ଖୋଜିବାକୁ ହେବ। ଗହଳି ଭିତରେ ନିଜକୁ ହଜାଇବାକୁ ପଡ଼ିବ। ସମୁଦ୍ର ତଟର ବେଳାଭୂମି ଉପରେ, ପାର୍କର ସବୁଜ ଗାଲିଚା ଉପରେ ଶୋଇ ଆକାଶର ବିଶାଳତା, ସମୁଦ୍ରର ଗଭୀରତା ଚିନ୍ତା କରି, ନିଜର କ୍ଷୁଦ୍ର ଜୀବନ, ବିଗତ ଯୌବନ, ସୌଭାଗ୍ୟ, ଦୁର୍ଭାଗ୍ୟ, ସଫଳତା – ବିଫଳତା, ହଜାଇବା - ପାଇବା ପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଇ ଚିନ୍ତା କରିବା ହିଁ ଏକମାତ୍ର ବିକଳ୍ପ।

ଶେଷରେ ନିଜେ କଷ୍ଟ ସ୍ୱୀକାର କରି ଚାକିରୀ ଓ ଋଣ ପଇସାରେ ସହରରେ କରିଥିବା ରମଣୀୟ ପ୍ରାସାଦର ଅତିଥିମାନଙ୍କ ପାଇଁ ଉଦ୍ଦିଷ୍ଟ ଛୋଟ ୮X୧୦ ରୁମ୍‌ରେ ପରିତ୍ୟକ୍ତ ଛୋଟ ଖଟରେ ଅକର୍ମଣ୍ୟ ହୋଇ ଶୋଇ ରହି ଅନ୍ୟ ସମସ୍ତଙ୍କୁ ମାନସିକ, ଶାରୀରିକ ଯନ୍ତ୍ରଣା ଦେଇ, କେବେ ଏ ଶରୀର ନିଥର ହୋଇଯିବ ତାକୁ ହିଁ କ'ଣ ଅପେକ୍ଷା କରିବାକୁ ହେବ? ସେହି ହିଁ କ'ଣ ହେବ ଅନ୍ତିମ ଅନ୍ୱେଷଣ! ନାଁ, ଅନ୍ତିମ ଅନ୍ୱେଷଣ ହେବ ଭାଗବତ ଚିନ୍ତା ଓ ପରମାତ୍ମାଙ୍କ ସୁଖମୟ ମିଳନ।

*ପ୍ଲଟ୍.ନଂ-ଜି.ଏ.-୧୧୬,*
*କେନ୍ଦ୍ରୀୟ ବିଦ୍ୟାଳୟ ରୋଡ଼*
*ନୀଳାଦ୍ରୀବିହାର, ଭୁବନେଶ୍ୱର*
*ଦୂରଭାଷ : ୯୪୩୭୧୨୮୧୭୯*



# ‘ଓଡିଶାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଦିଗହରା’



**ଭୁବନେଶ୍ୱର :** ବିଶିଷ୍ଟ ଅର୍ଥନୀତିଜ୍ଞ ଅମର୍ତ୍ୟସେନ୍ କହିଥିଲେ "ଯେଉଁ ଦେଶ ଶିକ୍ଷାକୁ ଗୁରୁତ୍ୱ ଦିଏ ସେହି ଦେଶ ସେତେ ବିକଶିତ" ହୋଇଥାଏ କିନ୍ତୁ ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଓଡିଶାରେ ଶିକ୍ଷା ବ୍ୟବସ୍ଥା ଦିଗହରା। ରାଜ୍ୟ ସରକାର ଆମ ପିଲାମାନଙ୍କୁ ସେମାନଙ୍କର ମୌଳିକ ଅଧିକାରରୁ ବଂଚିତ କରିଛନ୍ତି। ୨୦୧୭ରେ ‘ମୋ ସ୍କୁଲ’ର ପରିକଳ୍ପନା କରି, ସବୁ ସ୍କୁଲର କାନ୍ଥ ବାଡରେ "ଆମେ ପଢିବୁ, ଗଢିବୁ, ଶ୍ରେଷ୍ଠ ହେବୁ" ବୋଲି ସ୍ଲୋଗାନ ମାନ ଲେଖାଥିବାର ଦେଖିବାକୁ ମିଳିଥିଲା, କିନ୍ତୁ ବାସ୍ତବରେ ପଢିବା, ଗଢିବା ଓ ଶ୍ରେଷ୍ଠ ହେବା ପାଇଁ ଯାହା ଯାହା ଆବଶ୍ୟକ ସେ ସବୁ ଆବଶ୍ୟକତା ପୂରଣ କ୍ଷେତ୍ରରେ ରାଜ୍ୟ ସରକାର ପଛୁଆ। ଶିକ୍ଷାନୁଷ୍ଠାନ ଗୁଡିକର ଅବସ୍ଥା ନକହିଲେ ଭଲ, କେଉଁଠି ସ୍କୁଲ ଘର ଛାତରୁ ପାଣି ଗଳିଲାଣିତ, କେଉଁଠି ଛାତ ପୁରା ଗଳି ପଡିଲାଣି। କେଉଁଠି ପାଚେରୀ ଭାଙ୍ଗି ଗଲାଣିତ, ପୁଣି କେଉଁଠି ପିଲାମାନେ ଗଛ ମୂଳେ ପାଠ ପଢୁଥିବାର ଦେଖାଗଯାଉଛି ବୋଲି ରାଜ୍ୟ ମୁଖପାତ୍ର ଶ୍ରୀମତୀ ସୋନାଲି ସାହୁ କହିଛନ୍ତି। ବିଦ୍ୟାଳୟ ଗୁଡିକରେ ଆବଶ୍ୟକତା ମୁତାବକ ଶିକ୍ଷକ ନାହାଁନ୍ତି। ରାଜ୍ୟର ୪୬ହଜାର ସ୍କୁଲରୁ ୧୯ହଜାର ସ୍କୁଲରେ ହେଡ୍‌ମାଷ୍ଟର ନାହାଁନ୍ତି। ୮ହଜାର ସ୍କୁଲରେ ୧୨ହଜାର ସହାୟକ ଶିକ୍ଷକ ନାହାଁନ୍ତି। ୩୦ହଜାର ସ୍କୁଲରେ କମ୍ପ୍ୟୁଟର ନାହିଁ କି କମ୍ପ୍ୟୁଟର ଶିକ୍ଷକ ନାହାଁନ୍ତି। ୨୦ହଜାରରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ ବିଜୁଳି ସଂଯୋଗ ନାହିଁ। ୪୦ହଜାର ସ୍କୁଲର ଖେଳ ପଡିଆ ନାହିଁ। ପ୍ରାୟ ୧୦ହଜାର ସ୍କୁଲରେ ଶୌଚାଳୟ ନାହିଁ। ବିଜ୍ଞାନ ଶିକ୍ଷକ, ସଂସ୍କୃତ ଶିକ୍ଷକଙ୍କୁ ତ ଦେଖିବାକୁ ମିଳୁନି। ରାଜ୍ୟରେ ୨୦୦ପିଲାରେ ଜଣେ ଶିକ୍ଷକ। ସେଥିରୁ ଅଧେ ଦିନ ଭୁବନେଶ୍ୱରର ପିଏମ୍‌ଜି ଛକରେ ଧାରଣା ଦେବାରେ ଯାଉଛି, ପଢ଼େଇବ କିଏ? ସ୍କୁଲ୍ ସବୁ ମାଷ୍ଟର ବିନା ପଡିଆ। ୧୦୦ଜଣ ଶିକ୍ଷକଙ୍କ ମଧ୍ୟରୁ ୨୨ଜଣ ମାଷ୍ଟର ସରକାରଙ୍କର ବିଭିନ୍ନ କାର୍ଯ୍ୟରେ ଲିପ୍ତ ରହିଛନ୍ତି। ପ୍ରାୟ ୬୨ପ୍ରତିଶତ ସ୍କୁଲରେ ତାଲିମପ୍ରାପ୍ତ ରୋଷେୟା ନାହାଁନ୍ତି। ୫୦ପ୍ରତିଶତରୁ ଅଧିକା ସ୍କୁଲରେ କାଉନସେଲର୍ ନାହାଁନ୍ତି। ଯେଉଁମାନେ ପିଲାଙ୍କୁ ବୁଝାସୁଝା କରି ପଢିବା ପାଇଁ ଆଗ୍ରହ ସୃଷ୍ଟି କରାଇବେ। ସିଏଜି ରିପୋର୍ଟ ଅନୁସାରେ ୮ଟି ଆକାଂକ୍ଷିତ ଜିଲ୍ଲାରେ ୨୦୧୫-୧୬ରେ ୪୫ପ୍ରତିଶତ ପିଲା ରକ୍ତହୀନତାର ଶିକାର ହେଉଥିଲାବେଳେ ୨୦୨୧-୨୨ରେ ତାହା ବଢ଼ି ୬୫ ପ୍ରତିଶତରେ ପଂହଚିଛି। ଏଥିରେ ପିଲା କେମିତି ପଢ଼ିବେ, ବଢ଼ିବେ ଓ ଶ୍ରେଷ୍ଠ ହେବେ। ସେହି ୮ଟି ଆକାଂକ୍ଷିତ ଜିଲ୍ଲାରେ ୯୪ହଜାର ପିଲା ସମ୍ପୂର୍ଣ୍ଣ ଅସୁରକ୍ଷିତ ବୋଲି ଶ୍ରୀମତୀ ସାହୁ କହିଛନ୍ତି। ସର୍ବଭାରତୀୟ ସ୍ତରରେ ଓଡ଼ିଶାରେ "ଡ୍ରପାଉଟ୍" ସଂଖ୍ୟା ସବୁଠୁ ଅଧିକ। ସଦ୍‌ତମ ଉଦାହରଣ ହେଉଛି, ୨୦୨୩ ମାର୍ଚ୍ଚ ମାସରେ ମ୍ୟାଟ୍ରିକ ପରୀକ୍ଷା ଦେବା ପାଇଁ ୫ଲକ୍ଷ ୩୨ହଜାର ୭୪୯ ଛାତ୍ରଛାତ୍ରୀ ଫର୍ମ ଫିଲପ କରିଥିଲେ କିନ୍ତୁ ସେଥିରୁ ୯୦ହଜାର ୨୯ଜଣ ପରୀକ୍ଷା ଦେଇପାରି ନଥିଲେ। ଏହି "ଡ୍ରପାଉଟ୍"ର କାରଣ "ଚାଇଲ୍ଡ ଲେବର" ସଂଖ୍ୟା ଓଡିଶାରେ ହୁ ହୁ ହୋଇ ବଢୁଛି। ଏନ୍‌ସିଆରବି ରିପୋର୍ଟ ଅନୁସାରେ ପ୍ରତିଦିନ ରାଜ୍ୟରୁ ୧୧ଜଣ ଶିଶୁ ନିଖୋଜ ହେଉଛନ୍ତି। ସେମାନେ କୁଆଡେ ଗଲେ, କ’ଣ କରୁଛନ୍ତି ସେମାନଙ୍କ ବିଷୟରେ ସରକାରଙ୍କ ପାଖରେ କୌଣସି ଅତାପର୍ତା ନାହିଁ। ଅନ୍ୟପଟେ ରାଜ୍ୟ ସରକାର କ୍ରମାଗତଭାବେ ଶିକ୍ଷକମାନଙ୍କ ସହିତ ପ୍ରତାରଣା କରିଆସୁଥିବା କାରଣରୁ ରାଜ୍ୟରେ ଶିକ୍ଷାରମାନ ଖରାପ ହେଉଛି। ଶିକ୍ଷକମାନଙ୍କ ଭିତରେ ‘କ୍ଲାସିଫିକେସନ" କରାଯିବା କାରଣରୁ ଏହାର ପ୍ରଭାବ ସିଧାସଳଖଭାବେ ଛାତ୍ରଛାତ୍ରୀଙ୍କ ଉପରେ ପଡୁଛି ବୋଲି ଶ୍ରୀମତୀ ସାହୁ କହିଛନ୍ତି। ସ୍କୁଲ ଗୁଡିକୁ ୫-ଟି ରୂପାନ୍ତରଣ ନାଁରେ ଦଳୀୟ କଂଟ୍ରାକ୍ଟରମାନଙ୍କୁ ପୋଷିବା ରାଜ୍ୟ ସରକାରଙ୍କ ମୂଳଲକ୍ଷ୍ୟ। ବିନା ଟେଣ୍ଡରରେ ନିର୍ଦ୍ଦିଷ୍ଟ ୨ଜଣ ଅଣଓଡ଼ିଆ କଂଟ୍ରାକ୍ଟରଙ୍କୁ ସ୍କୁଲ ଗୁଡିକର କାମ ୫୦-୫୦ପିସିରେ କରିବା ପାଇଁ ଦିଆଯିବା ଦୁର୍ଭାଗ୍ୟଜନକ। କେବଳ ରଙ୍ଗମାରିଦେଲେ ଶିକ୍ଷାର ବିକାଶ ହୋଇଯାଏ ନାହିଁ। ଆମ ଶିକ୍ଷା ବ୍ୟବସ୍ଥା ଏଭଳି ଯେ, ୧୦୦ଜଣ ପିଲା ମଧ୍ୟରୁ ୪୭ଜଣ ପିଲା ପାଠ ବିଷୟରେ କିଛି ଜାଣନ୍ତି ନାହିଁ। ସରକାର ସ୍କୁଲରେ ଶିକ୍ଷକ ପରିବର୍ତ୍ତେ ଶିକ୍ଷା ସହାୟକ ରଖୁଛନ୍ତି। ପ୍ରତି ସ୍କୁଲରେ ଅନ୍ୟୂନ ୨ଜଣ ଶିକ୍ଷକ ରଖିବାକୁ କହିଲେ ସରକାର ପାଖ ସ୍କୁଲରେ ମିଶାଇ ଦେଉଛନ୍ତି। ୧୦୦ଜଣରୁ ୭୬ଜଣ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ପିଲାଙ୍କୁ ଫେଡାଣ ମଧ କରିଆସୁନାହିଁ। ଏପଟେ ଶିକ୍ଷାନୁଷ୍ଠାନ ଗୁଡିକର ବିକାଶ ନାଁରେ ୫-ଟି ଜରିଆରେ ୪,୨୦୦କୋଟି ଚଲୁ କରି ଏବେ ମୋ ସ୍କୁଲ ଅଭିଯାନରେ ୫-ସି ଲାଗୁ କରିଛନ୍ତି ବୋଲି ଶ୍ରୀମତୀ ସାହୁ କହିଛନ୍ତି। ସେଥିପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତିନି ତିନିଥର ଚିଠି ଲେଖି ରାଜ୍ୟରେ ପିଏମ୍‌ଶ୍ରୀ ସ୍କୁଲ ଯୋଜନାକୁ ଲାଗୁ କରିବାକୁ ଜଣାଇଥିଲେ। ଏହି ଯୋଜନା ଦ୍ୱାରା ଜାତୀୟ ଶିକ୍ଷା ନୀତିର ମୂଳ ଉଦ୍ଦେଶ୍ୟକୁ ଲକ୍ଷ୍ୟ ରଖାଯାଇଥିଲା। ପିଏମ୍‌ଶ୍ରୀ ସ୍କୁଲ ଯୋଜନାରେ ପ୍ରତି ବ୍ଲକରେ ସର୍ବାଧିକ ୨ଟି ପିଏମ୍‌ଶ୍ରୀ ବିକଶିତ କରାଯିବାର ବ୍ୟବସ୍ଥା ରହିଛି। ରାଜ୍ୟରେ ଏହି ଯୋଜନା ଲାଗୁ ନକରିବା ଦ୍ୱାରା ପ୍ରାୟ ୬୨୮ଟି ଆଧୁନିକ ବିଦ୍ୟାଳୟ ରାଜ୍ୟ ହରାଇଲା। ଏହି ଯୋଜନାରେ ଡିବିଟିମାଧ୍ୟମରେ ସ୍କୁଲକୁ ଟଙ୍କା ଯିବା ସହିତ ସ୍କୁଲର ଭିତିଭୂମି ପାଇଁ ଆସିଥିବା ୪୦ପ୍ରତିଶତ ଅର୍ଥ ଖର୍ଚ୍ଚର ଦାୟିତ୍ୱ ସ୍ଥାନୀୟ କମିଟି ନେଇଥାନ୍ତେ। ଆଧୁନିକ ଟେକନୋଲୋଜି, ଭରଚ୍ୟୁଆଲ ଲ୍ୟାବ ସହ ଧନ୍ଦାମୂଳକ ଶିକ୍ଷା, ଉଦ୍‌ମୀତା ତଥା କ୍ରୀଡାକୁ ଗୁରୁତ୍ୱ ଦିଆଯିବା ସହିତ ବିଦ୍ୟା ସମୀକ୍ଷା କେନ୍ଦ୍ର ଦ୍ୱାରା ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ପ୍ରଦର୍ଶନର ମୂଲ୍ୟାଙ୍କନ କରାଯିବା ଏହି ଯୋଜନାର ମୂଳଲକ୍ଷ୍ୟ। ଗ୍ରୀନ୍ ସ୍କୁଲ ପରିକଳ୍ପନାରେ ପିଏମ୍‌ଶ୍ରୀ ସ୍କୁଲକୁ ନିର୍ମାଣ କରାଯିବା ଓ ପୃଷ୍ଟିକର ବଗିଚା, ବର୍ଜ୍ୟପରିଚାଳନା, ପ୍ଲାଷ୍ଟିକ ମୁକ୍ତ ପରିବେଶ ଉପରେ ସଚେତନ କରାଯିବା ସହ ଭାଷା ଆଧାରିତ ଶିକ୍ଷାକୁ ପ୍ରାଧାନ୍ୟ ଦେବାର ଏହି ଯୋଜନାର ମୂଳଲକ୍ଷ୍ୟ ଥିଲା କିନ୍ତୁ ରାଜ୍ୟ ସରକାରଙ୍କ ହୀନରାଜନୀତି ପାଇଁ ଓଡ଼ିଶାର ପିଲାମାନେ ଏହି ଯୋଜନାରୁ ବଂଚିତ ଅଛନ୍ତି ବୋଲି ଶ୍ରୀମତୀ ସାହୁ କହିଛନ୍ତି।

# ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ବାୟୋ ମିଥେନ୍ ଗ୍ୟାସ ପ୍ଲାଣ୍ଟ

**ଭୁବନେଶ୍ୱର :** ଅଳିଆ ଅଲଗା ଅଲଗା ନଦେଲେ ନେବନାହିଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ରାଜଧାନୀବାସୀଙ୍କୁ ସଚେତନ କରାଇବା ପାଇଁ ଏପରି କହିଛନ୍ତି ବିଏମସି କମିଶନର ବିଜୟ ଅମୃତା କୁଳାଙ୍ଗେ। ବିଏମସି ବାୟୋ ମିଥେନ ଗ୍ୟାସ୍ ପ୍ଲାଣ୍ଟ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପ୍ଲାଣ୍ଟ ପାଇଁ ଓଦା ଅଳିଆ ବ୍ୟବହାର ହେବ। ଏବେ ମଧ୍ୟ ଅନେକ ଲୋକେ ଅଲଗା ଅଲଗା ଅଳିଆ ଦେଉନାହାନ୍ତି। ତେଣୁ ଅଲଗା ଅଲଗା ଅଳିଆ ଦେବା ପାଇଁ ଲୋକଙ୍କୁ ଅନୁରୋଧ କରୁଛୁ ବୋଲି ବିଏମସି କମିଶନର କହିଛନ୍ତି। ଓଦା ଅଳିଆକୁ ପ୍ରକ୍ରିୟା କରଣ କରିବାକୁ ଖୁବ୍ ଶୀଘ୍ର ଭୁବନେଶ୍ୱର ମହାନଗରରେ ୪ଟି ଜାଗାରେ ବାୟୋ ମିଥେନ୍ ଗ୍ୟାସ ପ୍ଲାଣ୍ଟ ନିର୍ମାଣ କରାଯିବ। ପିପିପି ମୋଡ୍ରେ ଭୁବନେଶ୍ୱର ଉପକଣ୍ଠ ରୋକଟ, ମେହେର ପଲ୍ଲୀ, କୋଟିଲପୁଟ ଓ ବାସୁଆଘାଇରେ ବାୟୋ ମିଥେନ୍ ଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ ହେବ। ପ୍ଲାଣ୍ଟରୁ ନିର୍ଗତ ଗ୍ୟାସକୁ ସିଏନ୍‌ଜି ଗ୍ୟାସ୍‌ରେ ପରିଣତ କରି ବିକ୍ରି କରାଯିବ। ପ୍ଲାଣ୍ଟରୁ ନିର୍ଗତ ଆବର୍ଜନାକୁ ସିମେଣ୍ଟ ଫ୍ୟାକ୍ଟ୍ରିରେ ବିକ୍ରି କରାଯିବାକୁ ଲକ୍ଷ୍ୟ ରଖିଛି ବିଏମ୍ସି। ୫୦ଟିବିଟି କ୍ଷମତା ବିଶିଷ୍ଟ ୪ଟି ପ୍ଲାଣ୍ଟରେ ଦୈନିକ ୨୦୦ ଟନ୍ ଓଦା ଅଳିଆକୁ ପ୍ରକ୍ରିୟା କରଣ କରାଯିବ। ୪ଟି ପ୍ଲାଣ୍ଟରେ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବା ନେଇ ଆକଳନ ହୋଇଥିବା ବେଳେ ଏବେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଏମସି ସୂଚନା ଦିଅଯାଇଛି। ଭୁବନେଶ୍ୱରରୁ ଦୈନିକ ପ୍ରାୟ ୭୦୦ ଟନ୍ ଅଳିଆ ନିର୍ଗତ ହେଉଛି। ସେଥିରୁ ୪୦୦ ଟନ୍ କେବଳ ଓଦା ଅଳିଆ ବାହାରୁଛି। ଏବେ ଏମସିସି ଓ ଏମଆରଏଫ୍‌ରେ ଓଦା ଅଳିଆକୁ ପ୍ରକ୍ରିୟା କରଣ କରାଯାଇ ମୋ’ ଖତ ପ୍ରସ୍ତୁତ ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ‘ଡିପ୍‌ଫେକ୍’କୁ ...

ଏହାଛଡ଼ା ଏହି ଅପରାଧ ପାଇଁ ଏକ ଲକ୍ଷ ଟଙ୍କା ଜରିମାନା ଓ ତିନି ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ହୋଇପାରେ। ନିକଟରେ ବଲିଉଡ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନା, କ୍ୟାଟ୍ରିନା କୈଫ୍ ଓ କାଜୋଲଙ୍କ ଡିପ୍‌ଫେକ୍ ଭିଡ଼ିଓ ସୋସିଆଲ ମିଡିଆରେ ସାମ୍ନାକୁ ଆସିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏଭଳି ଭିଡ଼ିଓ ବନାଉଥିବା ଲୋକଙ୍କୁ କଠୋର ଦଣ୍ଡ ଦେବାକୁ ବିଗ୍ ବି ଅମିତାଭ ବଚ୍ଚନ ମଧ୍ୟ ଦାବି କରିଥିଲେ।

### ରାଜ୍ୟରେ ପିଏମ୍‌ଶ୍ରୀ ...

ଚୁକ୍ତି ସ୍ୱାକ୍ଷର କରୁନାହାଁନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଡ଼ିଶାରୁ ନିର୍ବାଚିତ ନହୋଇଥିଲେ ବି ପ୍ରତିଟି ଓଡିଆ କେମିତି ବଡ ଲୋକ ହେବ? କେମିତି ସୁନ୍ଦର ଭବିଷ୍ୟତ ଗଢିବ ସେନେଇ ପ୍ରତି ମୁହୂର୍ତ୍ତରେ ଚିନ୍ତା କରୁଛନ୍ତି ଧର୍ମେନ୍ଦ୍ର। ହେଲେ ଏଠାକାର ଅପାରଗ ସ୍ଥାଣୁ ସରକାର କେବଳ ନିଜ ଯୋଜନାର ଡିଡିମ୍ବ ପିଟୁଛି ସତ ହେଲେ ସତ କଣ ତାହା ଜଳଜଳ ହୋଇ ଦିଶୁଛି। ୨୦୨୨ ସେପ୍ଟେମ୍ବର ୭ ତାରିଖରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ସାରା ଦେଶରେ ୧୪ ହଜାର ୫୦୦ରୁ ଅଧିକ ପିଏମ୍ ଶ୍ରୀ ସ୍କୁଲ ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରହିଛି। ଜାତୀୟ ଶିକ୍ଷା ନୀତି ଆଧାରରେ ସ୍କୁଲରେ ସ୍ମାର୍ଟ କ୍ଲାସରୁମ୍ ପ୍ରତିଷ୍ଠା, ଅତ୍ୟାଧୁନିକ ଲାବ୍, କ୍ରୀଡ଼ାକୁ ଗୁରୁତ୍ୱ ଦେଇ ଭିତ୍ତିଭୂମିର ବିକାଶ ଲାଗି ପିଏମ୍‌ଶ୍ରୀରେ ବ୍ୟବସ୍ଥା ରହିଛି। ଚୁକ୍ତି ସ୍ୱାକ୍ଷରିତ କରିଥିବା ରାଜ୍ୟଠାରୁ ସ୍କୁଲ୍ ତାଲିକା ପାଇବା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅନୁଦାନ ଦେବେ। ତେଣୁ ଏହାକୁ ତୁରନ୍ତ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବାରମ୍ବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କଲେ ମଧ୍ୟ ଏହାକୁ ଜାଣି ନଜାଣିଲା ଭଳି ଚୁପ୍ ହୋଇ ରହୁଛନ୍ତି। ପୂର୍ବରୁ ପିଏମ୍ ଆବାସ ଯୋଜନା ଘରେ ବିଜୁ ପକ୍କାଘର ଷ୍ଟିକର ମାରିବା ଓ ରାସନ ଚାଉଳକୁ ନିଜ ଚାଉଳ କହି କେନ୍ଦ୍ର ଯୋଜନାକୁ ହାଇଜାକ୍ କରିବାକୁ ଚେଷ୍ଟା କରିଥିଲା ରାଜ୍ୟ। ତେବେ ଛାତ୍ରଛାତ୍ରୀଙ୍କ ହିତ ପାଇଁ କେନ୍ଦ୍ର ସରକାରଙ୍କ ପିଏମ୍‌ଶ୍ରୀ ଲାଗୁ କରିବାକୁ କୁଣ୍ଠାବୋଧ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### କ୍ୟାବିନେଟ୍ ...

ବିଭାଗର ସଚିବ ରୂପାରୋଶନ ସାହୁ ମଧ୍ୟ ନଭେମ୍ବର ୧୬ରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ‘ରେଗୁଲେସନ-୨,୧୯୫୬’ର ପ୍ରସ୍ତାବିତ ସଂଶୋଧନ ପାଇଁ ୧୪ତାରିଖର କ୍ୟାବିନେଟ୍ ନିଷ୍ପତ୍ତିକୁ ସ୍ଥଗିତ ରଖିବା ଓ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଆଦିବାସୀ ଉପଦେଷ୍ଟା ପରିଷଦର ସମାଧାନ ନଆସିବା ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନନେବାକୁ ଅନୁରୋଧ କରିଛନ୍ତି। ଆଦିବାସୀ ଉପଦେଷ୍ଟା ପରିଷଦର ୨୦୨୩ ଜୁଲାଇ ୧୧ ତାରିଖ ବୈଠକରେ ରେଗୁଲେସନ-୨,୧୯୫୬ର ସଂଶୋଧନ ନିମନ୍ତେ ସୁପାରିଶ କରାଯାଇଥିଲା। କ୍ୟାବିନେଟ୍ ଏହି ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିବା ପରେ ବିଭିନ୍ନ ଭାଗରୁ ସ୍ୱର ଉଠିଛି। ତେଣୁ ପରବର୍ତ୍ତୀ ପଦକ୍ଷେପ ପର୍ଯ୍ୟନ୍ତ କ୍ୟାବିନେଟ୍ ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ସେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଅନୁରୋଧ କରିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ଯେଉଁ ନିଷ୍ପତ୍ତି ନେଇଛି ତାକୁ ସ୍ଥଗିତ ରଖିବାର ଅଧିକାର ବା କ୍ଷମତା କ’ଣ ଜଣେ କ୍ୟାବିନେଟ୍ ମନ୍ତ୍ରୀ ଓ ଜଣେ କମିଶନର ପାହ୍ୟାର ଅଧିକାରୀଙ୍କ ଅଛି କି? କ୍ୟାବିନେଟ୍ ନିଷ୍ପତ୍ତିକୁ କେବଳ କ୍ୟାବିନେଟ୍ ହିଁ ସଂଶୋଧନ ଅବା ସ୍ଥଗିତ ରଖିପାରିବେ। ଏ ସମ୍ପର୍କରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି ଯେ, ଏ ସରକାର ସମ୍ବିଧାନପ୍ରଦତ୍ତ ଆଇନକାନୁନ କିଛି ମାନିବା ସ୍ଥିତିରେ ନାହାନ୍ତି। ସବୁ ମନମୁଖୀ ଚାଲିଛି। ଗଣତନ୍ତ୍ର ଭୁଶୁଡ଼ି ପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ନିଷ୍ପତ୍ତି ଯାହା ହୁଏ ସେଥିରେ ସଂଶୋଧନ ଅବା ସ୍ଥଗିତ ଅବା ସମ୍ପୂର୍ଣ୍ଣ ପ୍ରତ୍ୟାହାର ନିଷ୍ପତ୍ତି କେବଳ ସେହି କ୍ୟାବିନେଟ୍ ହିଁ ନେଇପାରିବେ। କ୍ୟାବିନେଟ୍ ନିଷ୍ପତ୍ତିକୁ ସ୍ଥଗିତ ରଖିବାର କ୍ଷମତା ମନ୍ତ୍ରୀ ଓ ସଚିବଙ୍କ ଆସିଲା କେଉଁଠୁ? ସେମାନେ କ’ଣ ନିଜକୁ କ୍ୟାବିନେଟଠୁ ବଡ଼ ଭାବୁଛନ୍ତି କି? ମୋତେ ଲାଗୁଛି ମନ୍ତ୍ରୀ-ସଚିବଙ୍କ ମାଧ୍ୟମରେ ନିଷ୍ପତ୍ତି ସ୍ଥଗିତ ରଖିବାର କେବଳ ଗୋଟିଏ ପ୍ରହେଳିକା ସୃଷ୍ଟି କରାଯାଉଛି। ବାସ୍ତବରେ କିନ୍ତୁ କ୍ୟାବିନେଟ୍ ନିଷ୍ପତ୍ତି ଏବେବି କାଏମ ରହିଛି। ମୋ’ ପାଖେ ଯାହା ଖବର ଅଛି ‘ଭାରତମାଳା ପରିଯୋଜନା’ରେ କୋରାପୁଟ ଓ କଳାହାଣ୍ଡି ଜିଲ୍ଲା ଦେଇ ରାଜପଥ ନିର୍ମାଣ ହେବ। ଏହି ରାସ୍ତାର ଉଭୟ କଡ଼ରେ ଆଦିବାସୀମାନଙ୍କ ଜମି ରହିଛି। ସେହି ଜମିଗୁଡ଼ିକ ଉପରେ ଦକ୍ଷିଣ ଭାରତୀୟଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ସେମାନଙ୍କ ହାତରେ ନିରୀହ ଆଦିବାସୀମାନଙ୍କ ଜମିକୁ ଟେକି ଦେବାକୁ ଏଭଳି ଷଡ଼ଯନ୍ତ୍ର ରଚାଯାଇଛି। ଜାଣିଶୁଣି ଏଭଳି ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରାଯାଇଛି। ନିର୍ବାଚନ ସରିବା ପରେ ଆଦିବାସୀଙ୍କ ଜମିକୁ ଅଣଆଦିବାସୀଙ୍କୁ ହସ୍ତାନ୍ତର ନେଇ କ୍ୟାବିନେଟ୍ ନିଷ୍ପତ୍ତିକୁ ରାଜ୍ୟ ସରକାର ନିଶ୍ଚିତ କାର୍ଯ୍ୟକାରୀ କରିବେ। ସୂଚନାଯୋଗ୍ୟ, ରେଗୁଲେସନ-୨, ୧୯୫୬ ଓ ଓଡ଼ିଶା ଭୂବନ୍ଦୋବସ୍ତ ଆଇନ-୧୯୬୦ରେ ଆଦିବାସୀଙ୍କ ଜମିକୁ ଅଣଆଦିବାସୀଙ୍କୁ ବିକ୍ରି ଉପରେ ସମ୍ପୂର୍ଣ୍ଣ କଟକଣା ରହିଛି।

### ସୁରେଶ ମହାପାତ୍ର ...

ସମ୍ଭାଳିଥିବା ଶ୍ରୀ ମହାପାତ୍ରଙ୍କ ଇସ୍ତଫାକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଅଧ୍ୟକ୍ଷ ପଦ ଛାଡ଼ିବାର ମାତ୍ର କିଛିଘଣ୍ଟା ମଧ୍ୟରେ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଅବସରପ୍ରାପ୍ତ ଆଇଏଏସ୍ ଆର ବାଲକ୍ରିଷ୍ଣନ ପୂର୍ବଭଳି ମୁଖ୍ୟ ସଚିବ ପାହ୍ୟାରେ ମୁଖ୍ୟ ଉପଦେଷ୍ଟା(ସ୍ପେଶାଲ ଇନସିଏଟିଭସ) ଭାବେ କାର୍ଯ୍ୟ କରିବେ। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ପଦରୁ ତାଙ୍କୁ ଅବ୍ୟାହତି ଦିଆଯାଇଛି। ସେହିପରି ଅବସରପ୍ରାପ୍ତ ଆଇଏଏସ ଅସିତ୍ ତ୍ରିପାଠୀଙ୍କୁ ପ୍ରମୁଖ ଉପଦେଷ୍ଟା ଭାବେ ସମସ୍ତ ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି। ସେ କେବଳ ପଶ୍ଚିମଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବେ। ସୂଚନା ଅନୁସାରେ, ଗତ ମାର୍ଚ୍ଚ ୧ତାରିଖରେ ଓଇଆରସି ଅଧ୍ୟକ୍ଷ ପଦ ଦାୟିତ୍ୱ ସମ୍ଭାଳିଥିବା ଶ୍ରୀ ମହାପାତ୍ରଙ୍କ କାର୍ଯ୍ୟକାଳ ୨୦୨୭ରେ ଶେଷ ହୋଇଥାନ୍ତା। ମାତ୍ର ଅପ୍ରତ୍ୟାଶିତ ଘଟଣାକ୍ରମରେ ସେ ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ ଓଇଆରସି ଅଧ୍ୟକ୍ଷ ପଦରୁ ଓହରି ଯାଇଛନ୍ତି। ତାଙ୍କର ଇସ୍ତଫା ପତ୍ରକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିବାର କିଛି ଘଣ୍ଟା ମଧ୍ୟରେ ତାଙ୍କୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଛନ୍ତି। ସରକାର ପୂର୍ବରୁ ଶ୍ରୀ ମହାପାତ୍ରଙ୍କର ମୁଖ୍ୟ ସଚିବ ଭାବେ କାର୍ଯ୍ୟକାଳକୁ ଦୁଇଥରରେ ଏକବର୍ଷ ବୃଦ୍ଧି କରିଥିଲେ। ଏହାସହିତ ତାଙ୍କୁ ଦୃଷ୍ଟିରେ ରଖି ଓଇଆରସି ଅଧ୍ୟକ୍ଷ ପଦ ମଧ୍ୟ ପ୍ରାୟ ଏକବର୍ଷ ଧରି ଖାଲି ରଖିଥିଲେ। ସେ ମାତ୍ର ୮ମାସ ଓଇଆରସି ଅଧ୍ୟକ୍ଷ ପଦରେ କାର୍ଯ୍ୟ କରି ଇସ୍ତଫା ଦେଇଛନ୍ତି। ଆଗକୁ ବିଦ୍ୟୁତ ଟାରିଫ ନିର୍ଦ୍ଧାରଣ ପାଇଁ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଓଇଆରସି ଅଧ୍ୟକ୍ଷ ପଦରୁ ଶ୍ରୀ ମହାପାତ୍ରଙ୍କ ଇସ୍ତଫାକୁ ଅନୁମୋଦନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଛାଇ ନାହାନ୍ତି। ତାଙ୍କୁ ପୁରସ୍କାର ସ୍ୱରୂପ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଛନ୍ତି। ଚର୍ଚ୍ଚା ହେଉଛି, ପୁରୀ ଲୋକସଭା ସାଂସଦ ପିନାକୀ ମିଶ୍ର ପୁଣିଥରେ ପ୍ରାର୍ଥୀ ହେବାକୁ ଅନିଚ୍ଛୁକ ଥିବାରୁ ଶ୍ରୀ ମହାପାତ୍ରଙ୍କୁ ପୁରୀ ଆସନରୁ ବିଜେଡି ପ୍ରାର୍ଥୀ କରିବ। ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ଓଇଆରସି ଅଧ୍ୟକ୍ଷ ପଦରୁ ଓହରିବା ନିମନ୍ତେ ସବୁଜ ସଙ୍କେତ ଦିଆଯାଇଛି।

### ନିଲାମ ଦିନ ...

ଆସବାବପତ୍ରକୁ ଛାଡ଼ି ଫେରିଯାଇଥିଲେ କୋର୍ଟରୁ ଆସିଥିବା କର୍ମଚାରୀ। ୧୯୭୪ ମସିହାରେ ନଅ ତାଲା ନିର୍ମାଣ କରିଥିବା ଠିକାସଂସ୍ଥା କଷ୍ଟ୍ରକସନ ଇଣ୍ଡିଆର ୬ ଲକ୍ଷ ଟଙ୍କା ବାକି ରଖିଥିଲେ ରାଜ୍ୟ ସରକାର। ବାରମ୍ବାର ବକେୟା ଟଙ୍କା ମାଗିବା ସତ୍ତ୍ୱେ ନଦେବାରୁ ୧୯୮୨ରେ ଭୁବନେଶ୍ୱର ସିଭିଲ୍ ଜଜ୍ ସିନିୟର ଡିଭିଜନ କୋର୍ଟରେ କେସ୍ କରିଥିଲେ ଠିକାସଂସ୍ଥାର ତତ୍କାଳୀନ ମୁଖ୍ୟ ବୀରେନ୍ଦ୍ର କୁମାର ପାଠକ। ୧୯୯୮ ମସିହାରେ ଠିକା ସଂସ୍ଥା ସପକ୍ଷରେ ରାୟ ଦେଇ ବକେୟା ଟଙ୍କା ପୈଠ ପାଇଁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ। କିନ୍ତୁ ମାତ୍ରାଧିକ ଅଟକଳ କରି ବିଲ୍ କରାଯାଇଥିବା ଦର୍ଶାଇ ରାଜ୍ୟ ସରକାର ହାଇକୋର୍ଟ ଓ ସୁପ୍ରିମକୋର୍ଟ ଯାଇଥିଲେ। ୨୦୨୨ରେ ଏହାର ବିଚାର କରି ତଳ କୋର୍ଟଙ୍କ ରାୟକୁ କାୟମ ରଖିଥିଲେ ସୁପ୍ରିମକୋର୍ଟ। ଏହାପରେ ଟଙ୍କା ସୁଝିବା ପାଇଁ ଗତ ବର୍ଷେ ହେଲା ଭୂଆଁ ବୁଲାଇ ଆସୁଥିଲେ ରାଜ୍ୟ ସରକାର। ଶେଷରେ ଗତ ୯ ତାରିଖରେ କୋର୍ଟ ବିରକ୍ତି ପ୍ରକାଶ କରିବା ସହ ନିର୍ମାଣ ସୌଧ କୋଠାବାଡ଼ି ମୁଖ୍ୟଯନ୍ତ୍ରୀଙ୍କ ଅଫିସର ସବୁ ଆସବାବପତ୍ରର ନିଲାମ ନିର୍ଦ୍ଦେଶ ଦେଇଥିଲେ। ଆଉ ସେହି ନିର୍ଦ୍ଦେଶନାମା ଧରି ଗତ ଶୁକ୍ରବାର ଦିନ କୋର୍ଟର କର୍ମଚାରୀ ସକାଳ ସାଢ଼େ ୧୧ଟାରେ ପହଞ୍ଚିଥିଲେ କାର୍ଯ୍ୟାଳୟରେ। ଶେଷରେ କାନମୁଣ୍ଡା ଆଉଁଷି ରାଜ୍ୟ ସରକାର ତୁରନ୍ତ କୋର୍ଟଙ୍କ ଆକାଉଣ୍ଟକୁ ଅନଲାଇନରେ ବକେୟା ୧୮ ଲକ୍ଷ ୪୬ ହଜାର ୬୪୩ ଟଙ୍କା ଗଣିଥିଲେ। ତାହାର ପ୍ରମାଣ ଆଣି ଦେଖାଇବା ପରେ ସ୍ଥଗିତ ରହିଲା ନିଲାମ ପ୍ରକ୍ରିୟା। ୧୯୯୮ ମସିହାରେ ଠିକାସଂସ୍ଥାର ମୁଖ୍ୟ ବୀରେନ୍ଦ୍ର କୁମାର ପାଠକଙ୍କ ଦେହାନ୍ତ ହୋଇଥିଲା। ତା’ପରେ ବାପାଙ୍କ ପକ୍ଷରୁ ନିଜେ ମାମଲା ଲଢୁଥିଲେ ତାଙ୍କ ପୁଅ ଦିନେଶ ପାଠକ। ଶେଷରେ ୪୧ ବର୍ଷ ପରେ ବିବାଦର ଅବସାନ ଘଟିଥିଲା।

### ବିଦ୍ୟାଳୟରୁ ...

ଯାଜପୁର ଅରେଇ ବରୁଣେଶ୍ୱର ହାଇସ୍କୁଲର ପ୍ରଭାସିନୀ ମିଶ୍ର, ମୟୂରଭଞ୍ଜ ଗଡିଆ ଚିନ୍ତାମଣୀ ନୋଡାଲ ବିଦ୍ୟାପୀଠର ଶୁଭଙ୍କର ପଟବନ୍ଧ ଏବଂ ବାଲେଶ୍ୱର ବନବିଷ୍ଣୁପୁର ହାଇସ୍କୁଲର ଦିବ୍ୟାଶା ପଲେଇ। ଏଥି ସହିତ ମୁଖ୍ୟମନ୍ତ୍ରୀ ୩ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଯଥା- କେନ୍ଦ୍ରାପଡାର ଉମାକାନ୍ତ ଦାଶ, ସୁନ୍ଦରଗଡର ରଶ୍ମି ମାହାଳି ଓ ସମ୍ବଲପୁରର ପୂର୍ଣ୍ଣିମା ଭୁଏଁଙ୍କୁ ସୁରଭି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋ ସ୍କୁଲ କଫି ଟେବୁଲ୍ ବୁକ୍ ଏବଂ ଏକ ନିୟୁଜ ଲେଟର ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଲେ ଯେ ମୁଖ୍ୟମନ୍ତ୍ରୀ ସବୁବେଳେ ପିଲାମାନଙ୍କୁ ଗୁରୁତ୍ୱ ଦିଅନ୍ତି। ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ। ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ ୫ଟି ସ୍କୁଲ ରୂପାନ୍ତର। ମୁଖ୍ୟମନ୍ତ୍ରୀଙ୍କ ତୁମମାନଙ୍କ ପାଇଁ ଯେଉଁ ଚିନ୍ତାଧାରା ଅଛି ତାକୁ ସଫଳ କରିବା ପାଇଁ ତୁମେମାନେ ପ୍ରତିବଦ୍ଧ ହୁଅ ବୋଲି ସେ କହିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା ଓ ବିଧାୟକ ସୁଶାନ୍ତ ରାଉତ କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଆଜି ରାଜ୍ୟରେ ପିଲାମାନଙ୍କ ଶିକ୍ଷା ପାଇଁ ବିଶ୍ୱସ୍ତରୀୟ ପରିବେଶ ସୃଷ୍ଟି ହୋଇ ପାରିଛି। ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କ ସ୍ମାର୍ଟନେସ୍ ହିଁ ୫ଟି ସ୍କୁଲ ରୂପାନ୍ତରଣର ସଫଳତା ଦର୍ଶାଉଛି। ଶିକ୍ଷା, କ୍ରୀଡା ସହିତ କଳା ସଂସ୍କୃତି କ୍ଷେତ୍ରରେ ଯେଉଁ ସୁବିଧା ସୁଯୋଗ ମିଳିଛି ତାହା ଦ୍ୱାରା ଆମ ପିଲାମାନେ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରି ଦେଶ ବିଦେଶରେ ସୁନାମ କରି ଓଡିଶା ପାଇଁ ଗୌରବ ଆଣିବେ ବୋଲି ସେମାନେ କହିଥିଲେ। ବିଭାଗୀୟ ସଚିବ ଅଶ୍ୱଥି ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ଧନ୍ୟବାଦ ଅର୍ପଣ କରିଥିଲେ।

# ଜନଜାତି ସଂସ୍କୃତିକୁ ସମୃଦ୍ଧ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଆମ ଜନଜାତି ସଂସ୍କୃତି ବହୁତ ସୁନ୍ଦର। ଏହା ଆମ ଦେଶ ଆମ ରାଜ୍ୟର ସଂସ୍କୃତିକୁ ଉଜ୍ଜୀବିତ କରିପାରିଛି। ଆମ ବିକାଶରେ ସଂସ୍କୃତିର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସଂସ୍କୃତିର ସୁରକ୍ଷା ବିନା ବିକାଶରେ ମହକ ଆସେ ନାହିଁ। ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ଜନଜାତୀୟ ଗୌରବ ଦିବସ ଅବସରରେ ୯ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲ୍ଲାର ଜନଜାତି ଜନଜାତି ସାଂସ୍କୃତିକ ଦଳଗୁଡିକୁ ବାଦ୍ୟଯନ୍ତ୍ର ଏବଂ ନୃତ୍ୟ ପୋଷାକ ଓ ଆଭୂଷଣ ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ ଜନଜାତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟକୁ ପ୍ରଶଂସା କରିବା ସହ ପ୍ରୋତ୍ସାହିତ କରିଛନ୍ତି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ମନ୍ତ୍ରୀ ଜଗନ୍ନାଥ ସାରକା ଲୋକସଭା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ, ରାୟଗଡା, ନବରଙ୍ଗପୁର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, କେନ୍ଦୁଝର, କନ୍ଧମାଳ ଓ ଗଜପତିରୁ ୨୭ଟି କଳାକାର ସଂଗଠନକୁ ସାମଗ୍ରୀ ବଣ୍ଟନ କରିଛନ୍ତି। ସମୁଦାୟ ୧୮୯୧ଟି ଗାୟକ ଦଳକୁ ୭ କୋଟି ୪୯ ଲକ୍ଷ ଟଙ୍କାର ବାଦ୍ୟଯନ୍ତ୍ର ଓ ୮୧୮ଟି ନୃତ୍ୟ ଦଳ ପାଇଁ ୧୧ କୋଟି ୬୩ ଲକ୍ଷ ଟଙ୍କାର ପୋଷାକ ବଣ୍ଟନ କରାଯାଇଛି। ଏଥିରେ ୨୭୦୯ ଆଦିବାସୀ ଦଳର ୬୭ ହଜାର ୫ ଶହ ଆଦିବାସୀ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି, ଜନଜାତିଙ୍କ ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ରାଜ୍ୟ ସରକାର ୯ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ବର୍ତ୍ତମାନ ଏଥିରେ ୨୩ଟି ଜିଲ୍ଲା ସାମିଲ କରାଯାଇଛି। ଚଳିତ ବର୍ଷ ଏସଡିସିକୁ ୩୭୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ଅତିରିକ୍ତ ୧୭୫ କୋଟି ୫୦ ଲକ୍ଷ ଟଙ୍କା ଯୋଗାଇ ଦେବାକୁ ଘୋଷଣା କରାଯାଇଛି। ୬୦ଟି ଆଦିବାସୀ ଜନଜାତି ସାଂସ୍କୃତିକ କ୍ଲବ ଗୁଡିକୁ ପ୍ରାୟ ୩ ହଜାରରୁ ଅଧିକ ପୋଷାକ ଓ ବାଦ୍ୟଯନ୍ତ୍ର ଯୋଗାଇ ଦିଆଯାଇଛି। ଜନଜାତି କ୍ଲବ ଓ ସାଂସ୍କୃତିକ ଅନୁଷ୍ଠାନ ଏହାର ଉପଯୋଗ କରି ଆମ ସଂସ୍କୃତିର ପ୍ରଚାର ପ୍ରସାର କରି ଓଡିଶାର ଗୌରବକୁ ଆହୁରି ଆଗକୁ ବଢାଇବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି।

# ବର୍ଷା ଅଭାବରୁ ଧାନ ଫସଲ ନଷ୍ଟ; ତହସିଲଦାରଙ୍କୁ ଦାବିପତ୍ର



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କୃଷକ ମହାସଂଘ ତରଫରୁ ଧାନ ଫସଲ ନଷ୍ଟ ହୋଇଥିବା ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଡାବୁଗାଁ ତହସିଲଦାର ସଦାଶିବ ଭତ୍ରାଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଚଳିତ ବର୍ଷ ଖରିଫ ଋତୁରେ ବର୍ଷା ଅଭାବରୁ ଚାଷୀ ମାନଙ୍କ ଧାନ ଫସଲ ନଷ୍ଟ ହୋଇଛି। ଡାବୁଗାଁ ବ୍ଲକର ୧୨ ଗୋଟି ପଞ୍ଚାୟତର ପ୍ରାୟ ୩୦ ପ୍ରତି ଶତ ଚାଷୀଙ୍କ ଧାନ ଚାଷ ନଷ୍ଟ ହେବା ସହ ଧାନ ଗଛ ପୋଡି ଯାଇଛି। କ୍ଷତି ଗ୍ରସ୍ତ ଚାଷୀ ମାନଙ୍କ ମଧ୍ୟରେ କିଛି ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ନାମ ପଞ୍ଜୀକରଣ କରିଥିବା ବେଳେ ଅନ୍ୟ ଚାଷୀ ମାନେ ଫସଲ ବୀମା କରି ନାହାଁନ୍ତି। ଡାବୁଗାଁ ବ୍ଲକର ଅଧିକାଂଶ ଚାଷୀ ବ୍ୟାଙ୍କ, ଲ୍ୟାମ୍ପସରୁ ଓ ବେସରକାରୀ ସଂସ୍ଥାରୁ ଋଣ ଆଣି ଧାନ ଚାଷ କରିଥିଲେ। ବ୍ଲକର ଅଧିକାଂଶ ଚାଷୀ ଧାନ ଚାଷ ଉପରେ ନିର୍ଭର କରୁଥିବା ବେଳେ ଆର୍ଥିକ ଅନଗ୍ରସର ଦେଇ ଗତି କରୁଛନ୍ତି। ବର୍ତ୍ତମାନ ଚାଷୀ କିପରି ଋଣ ଶୁଝିବା ନେଇ ଚିନ୍ତାରେ ରହିଛି। ଖରିଫ ଋତୁରେ ଡାବୁଗାଁ ବ୍ଲକରେ ଧାନ ଚାଷ କରିଥିବା ଚାଷୀଙ୍କ ଉପଯୁକ୍ତ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ଚିହ୍ନଟ କରାଯାଇ ସରକାରଙ୍କ ତରଫରୁ କ୍ଷତି ପୂରଣ ପ୍ରଦାନ କରିବାକୁ ଡାବୁଗାଁ ବ୍ଲକ କୃଷକ ମହାସଂଘ ଦାବୀ କରିଛନ୍ତି। ଏହି ଦାବୀପତ୍ର ପ୍ରଦାନ ସମୟରେ ମହାସଂଘ ସଭାପତି ସତ୍ୟରଞ୍ଜନ ପାତ୍ର, ଉପ ସଭାପତି ରାଜେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ଦେବୀ ପ୍ରସାଦ ରଥ, ଲଛମିଧର ବିଶୋୟୀ, ବାବାଜୀ ବିଶୋୟୀ, ଅଭିରାମ ବିଶୋୟୀ, ସନ୍ତୋଷ ବେହେରା, ଜିତୁ ରେଲିଙ୍ଗ ସମେତ ବହୁ ସଂଖ୍ୟାରେ ଚାଷୀ ମାନେ ଉପସ୍ଥିତ ଥିଲେ।

## କାଗଜ ମୁଖା ତାଲିମର ଶୁଭାରମ୍ଭ

# ଆତ୍ମନିର୍ଭରଶୀଳ ହେବେ ୩୦ ମହିଳା ଚିତ୍ରଶିଳ୍ପୀ



**ପୁରୁଣା ଭୁବନେଶ୍ୱର :** ଭାରତ ସରକାର ମହିଳା ହସ୍ତଶିଳ୍ପୀ ମାନଙ୍କ ସୃଜନାତ୍ମକ କର୍ମକୌଶଳର ପରିପ୍ରକାଶ ଏବଂ ବିଲୁପ୍ତ ହସ୍ତକଳାର ପ୍ରସାର ତଥା ହସ୍ତଶିଳ୍ପୀ ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ପୁରୁଣା ଭୁବନେଶ୍ୱର, ଶାସନ ପଡିଆସ୍ଥ ମହାରଥୀ ଭବନ ପରିସରରେ ୫୦ ଦିନିଆ କାଗଜ ମୁଖା ତାଲିମ ଶିବିର ଶିଳ୍ପୀଗୁରୁ ପୁରୁଷୋତ୍ତମ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅୟାଂରମ୍ଭ ହୋଇଯାଇଛି। ଭାରତ ସରକାରଙ୍କ ଡେଭେଲପମେଣ୍ଟ କମିସନର (ହସ୍ତଶିଳ୍ପ) ଙ୍କ ଆର୍ଥିକ ସହାୟତାରେ ଜାତୀୟ ହସ୍ତଶିଳ୍ପ ଉନ୍ନୟନ କାର୍ଯ୍ୟକ୍ରମ ପରିସରଭୁକ୍ତ ଗୁରୁଶିଷ୍ୟ ହସ୍ତଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ହସ୍ତଶିଳ୍ପ ସେବା କେନ୍ଦ୍ରର ବରିଷ୍ଠ ସହାୟକ ନିର୍ଦ୍ଦେଶକ ଅଶୋକ କୁମାର ହୋତା, ହସ୍ତଶିଳ୍ପ ପ୍ରୋତ୍ସାହନ ଅଧିକାରୀ ଶୁଭ୍ରଜିତ କର୍ମକାର ଏବଂ ଡିଜାଇନର୍ ରାମାନୁଜ ବୈରିଗଞ୍ଜନ ପ୍ରମୁଖ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ତାଲିମ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ। ଆଜିର ବୈଜ୍ଞାନିକ ଯୁଗରେ ପରମ୍ପରାର ମୌଳିକତାକୁ ବଜାୟ ରଖି ସମୟୋପଯୋଗୀ କାଗଜ ମୁଖା ପ୍ରସ୍ତୁତ କରି ଲୋକାଦୃତ କରିବା ସହ ମହିଳା ପାରମ୍ପରିକ ଶିଳ୍ପୀ ମାନଙ୍କର ଆର୍ଥିକ ମାନଦଣ୍ଡ, କର୍ମକୌଶଳ, ବଜାରରେ ଉଚିତ ମୂଲ୍ୟରେ ବିକ୍ରିବଟା କରି ସ୍ୱାବଲମ୍ବୀ କରିବା ମୁଳ ଲକ୍ଷ୍ୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ତାଲିମ ଶିବିରରେ ଶିବିରାର୍ଥୀମାନେ ଚଢ଼େଇ, ଭାଲୁ, ମାଙ୍କଡ, ଗଣେଷ, ମା ଦୁର୍ଗା, ହନୁମାନ, ଏବଂ ବିଭିନ୍ନ ଅସୁର ମୁଖା ପ୍ରଭୃତି ପ୍ରସ୍ତୁତ କରି ଲୋକାଦୃତ କରିବା ହିଁ ମୂଳଲକ୍ଷ୍ୟ ଅଟେ। ଏହି ତାଲିମ ଶିବିରରେ ଅବନ୍ତୀ ମହାରଣା, ପ୍ରତିମା ମହାପାତ୍ର, ସବିତା ଦାସ, ଶୁଭଲକ୍ଷ୍ମୀ ମହାରଣା, ସ୍ୱର୍ଣ୍ଣଲତା ମହାପାତ୍ର ପ୍ରମୁଖ ପାରମ୍ପରିକ ମହିଳା ଶିଳ୍ପୀ ଅଂଶ ଗ୍ରହଣ କରିଛନ୍ତି।

# ପାଲେଷ୍ଟାଇନ ଇସ୍ରାଏଲ ଯୁଦ୍ଧ ଏବଂ ଇସଲାମିକ ଦେଶ



ଅସିତ ମହାନ୍ତି





ଦୁନିଆର ଚାରୋଟି ମହାଦେଶରେ ୫୭ଟି ଦେଶ ଅଛି ଯେଉଁଠାରେ ଇସଲାମର ଅନୁଗାମୀମାନେ ବହୁ ସଂଖ୍ୟାରେ ଅଛନ୍ତି। ଏମାନଙ୍କୁ ଇସଲାମିକ ଦେଶ କୁହାଯାଏ। ସେମାନଙ୍କର ଅନେକ ସଂସ୍ଥା ମଧ ଅଛି। ଆରବ ଲିଗ୍, (୨୨) OIC (ଇସଲାମିକ୍ ସହଯୋଗ ସଂଗଠନ) ଏବଂ OPEC (ତ୍ରୟୋଦଶ ତୈଳ ଉତ୍ପାଦନକାରୀ ଦେଶ ସଂଗଠନ)। ଯେଉଁଥିରେ ଇସଲାମ ଦେଶଗୁଡିକ ପ୍ରାଧାନ୍ୟ ଅଛି। ଆରବ ଜଗତର ୨୨ ଟି ଦେଶ ବିଶ୍ୱ ଅର୍ଥନୀତିରେ ୭ ଟ୍ରିଲିୟନ ଡଲାରର ଅବଦାନ ଅଛି। ଦକ୍ଷିଣ-ପଶ୍ଚିମ ଏସିଆରେ ମାଟି ତଳେ ତେଲର ଭଣ୍ଡାର ଅଛି। "ଯେଉଁଠାରେ ଅଶୋଧିତ ତୈଳ ଏହି ଦେଶମାନଙ୍କ ପାଇଁ ପ୍ରକୃତିର ବରଦାନ। ଏହି ଦେଶଗୁଡିକ ପାଇଁ ଏହା ମଧ ଏକ ଦୁଃଖଦ ଘଟଣା। ଆଧୁନିକ ସାମ୍ରାଜ୍ୟବାଦୀ ପୁଞ୍ଜି'ର ଲାଭ ପାଇଁ ଲୋଭ ଯୋଗୁଁ ଆରବ ଅଞ୍ଚଳ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି। ଯେଉଁଠାରେ ତୈଳ ପାଇଁ ଟଣାଓଟରା ଏବଂ ସଂଗ୍ରାମ କରିବାର ବିଶାଳ ଦୃଶ୍ୟ ଦେଖିବାକୁ ମିଳିଛି। ଆମେରିକାର ନେତୃତ୍ୱରେ ନାଟୋ ଦେଶମାନଙ୍କ ଦ୍ୱାରା ଏହି ଦେଶ ଉପରେ ନିୟନ୍ତ୍ରଣ ବଜାୟ ରଖିବା ପାଇଁ ଏକ ଷଡଯନ୍ତ୍ର ଏବଂ ସଂଗ୍ରାମ ଚାଲିଛି। ସାମ୍ରାଜ୍ୟବାଦୀ ଦେଶଗୁଡିକ ସେମାନଙ୍କର ଶକ୍ତି ଆବଶ୍ୟକତା ପାଇଁ ଏହି ଦେଶ ଉପରେ ନିର୍ଭରଶୀଳ। ଯେହେତୁ ବିଶ୍ୱ ସାମ୍ରାଜ୍ୟବାଦୀ ପୁଞ୍ଜି ମାଲିକମାନେ ଆରବ ଦେଶଗୁଡ଼ିକର ତୈଳ ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ବିତରଣ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିଛନ୍ତି, ତେଣୁ ସେମାନେ ମଧ ଏହି ଦେଶର ଶକ୍ତି ସମୀକରଣ ସ୍ଥିର କରନ୍ତି। ଏହି ଦେଶଗୁଡ଼ିକରେ ସମାନ ଚିନ୍ତାଧାରା ଗଠନ ଏବଂ କାର୍ଯ୍ୟରେ ଆମେରିକା ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ପାଲେଷ୍ଟାଇନ ସମାଜ ଇସଲାମ ଉପରେ ଆଧାରିତ ଏକ ସମାଜ। ତେଣୁ ବିଶ୍ୱ ଜନସାଧାରଣଙ୍କ ସମେତ ମୁସଲମାନମାନଙ୍କ ମଧ୍ୟରେ ଏକ ବିଶ୍ୱାସ ରହିଛି ଯେ ଦେଢ ବିଲିୟନ ଜନସଂଖ୍ୟା ବିଶିଷ୍ଟ ଇସଲାମ ଦେଶ ନିଶ୍ଚିତ ଭାବରେ ପାଲେଷ୍ଟାଇନକୁ ବଞ୍ଚାଇବା ପାଇଁ କିଛି ଠୋସ୍ ପଦକ୍ଷେପ ଗ୍ରହଣ କରିବ। ସାଧାରଣତଃ ଏହି ପ୍ରଶ୍ନ ପଚରାଯାଏ ଯେ 'ବିରାଦରାନେ ଇସଲାମ'ର ସ୍ଲୋଗାନ ଉଠାଇଥିବା ମୌଲବୀ ମୁଲ୍ଲା ଶେଖ ଶାହାନସା ପ୍ରିନ୍ସ କ୍ରାଉନ୍ କିଙ୍ଗ, ବିରାଦରାନେ ଇସଲାମ'ର ରେ ପାଲେଷ୍ଟାଇନୀୟମାନଙ୍କୁ ଗ୍ରହଣ କରନ୍ତି କି ନାହିଁ? ଏହି ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଆମକୁ ଆରବ ଜଗତର ଭୌତିକ ସ୍ଥିତିର ଠୋସ୍ ଅନୁସନ୍ଧାନ କରିବାକୁ ପଡିବ। ସାଧାରଣତଃ , ଇସଲାମୀୟ ଦେଶଗୁଡ଼ିକର ନିରୀହ ନାଗରିକମାନେ ଭାବନ୍ତି ଯେ, ଏହି ଦେଶଗୁଡିକ ନିଶ୍ଚିତ ଭାବରେ ଅର୍ଦ୍ଧ ଦାସ ପାଲେଷ୍ଟାଇନମାନଙ୍କ ପାଇଁ ସେମାନଙ୍କର ଦେଶ ପାଇବାରେ ନିଶ୍ଚିତ ଭାବରେ ଯୋଗଦାନ ଦେବା ଉଚିତ୍, ଯେଉଁମାନେ ଗତ ୭୫ ବର୍ଷରେ ନିଜ ମାତୃଭୂମିରୁ ବାହାର କରିଦିଆଯାଇଥିଲେ ଏବଂ ଲୁଟ୍ ଓ ଲୁଣ୍ଠନ କରାଯାଇଥିଲା। କିନ୍ତୁ ଆମେ ଦେଖୁଛୁ ଯେ ଆମେରିକୀୟ ସାମ୍ରାଜ୍ୟବାଦର ପାପୁଲିରେ ବସିଥିବା ଏକ ଛୋଟ ଅପ୍ରାକୃତିକ ଦେଶ ଇସ୍ରାଏଲ୍ ଆରବ ଜଗତକୁ ନିଜ ଗୋଡତଳେ ନେଇ ଆସିଛି। ଆମେରିକାର ସୁରକ୍ଷା ଅଧୀନରେ, ଶିକାର ଇଗଲ ପରି ଇସ୍ରାଏଲ୍ ପାଲେଷ୍ଟାଇନୀୟମାନଙ୍କୁ ଛିଣ୍ଡାଇ ଗିଳି ଦେଉଛି। କିନ୍ତୁ ଏହା କ୍ରାଉନ୍ ପ୍ରିନ୍ସ ଏବଂ ଆରବ ଦେଶର କିଙ୍ଗ ସମ୍ପ୍ରଦାୟର ସ୍ୱାସ୍ଥ୍ୟରେ କୌଣସି ପରିବର୍ତ୍ତନ ଆଣେ ନାହିଁ। ସେ ତାଙ୍କ ପୈତୃକ ସିଂହାସନକୁ ବଞ୍ଚାଇବା ପାଇଁ ଜଣେ ଆମେରିକୀୟ କଣ୍ଟେଇ ପରି କାମ କରୁଛନ୍ତି। ତାହା ଏଭଳି କେଉଁ ପରିସ୍ଥିତି ଯେ ଏହି ଦେଶମାନଙ୍କୁ ଆମେରିକାର ସ୍ୱରରେ ନାଚିବାକୁ ବାଧ ହେବାକୁ ପଡୁଛି ? ଆଠ ବିଲିୟନ ଲୋକଙ୍କର ଏହି ପୃଥିବୀରେ, ଘାଜାରେ ରହୁଥିବା ୨୩ ଲକ୍ଷ ପାଲେଷ୍ଟାଇନୀୟଙ୍କ ପ୍ରତି ଯେଉଁ ପ୍ରକାରର ଅତ୍ୟାଚାର ହେଉଛି ତାହା ମାନବିକତା ଇତିହାସର ସବୁଠାରୁ ବଡ ଦୁଖଦ ଘଟଣା ଅଟେ। ଏହି ଦୁଖଦ ଘଟଣାକୁ ପ୍ରକାଶ କରିବାକୁ ମୋର କୌଣସି ଉପଯୁକ୍ତ ଶବ୍ଦ ନାହିଁ। ଭାଷା ମଧ ମାନବ ସମ୍ବଳକୁ ପ୍ରକାଶ କରିବାର କ୍ଷମତା ହରାଇଛି ଯାହା ସାମ୍ରାଜ୍ୟବାଦୀ ଲୁଣ୍ଠନ, ପୁଞ୍ଜିପତି ଜଗତର ଗଣତାନ୍ତ୍ରିକ କପଟୀ ଯୁଗରେ ନିଷ୍ଠୁର ହୋଇପଡୁଛି। ଆମ ସାମ୍ନାରେ ହତ୍ୟା କରାଯାଇଥିବା ପିଲାମାନଙ୍କର ଚିତ୍ର ଅଛି। ସେଠାରେ ମା'ମାନଙ୍କର ହୃଦୟ ବିଦାରକ କ୍ରନ୍ଦନ ଅଛି। ଅଳିଆ ଆବର୍ଜନାରେ ନିଜ ପ୍ରିୟଜନଙ୍କୁ ଖୋଜୁଥିବା ଅସହାୟ ଲୋକ ଅଛନ୍ତି, ଡାକ୍ତରଖାନାଗୁଡ଼ିକରେ ମୃତଦେହ ଗଦା ହୋଇ ରହିଛି। ସେଠାରେ ଆହତ କ୍ରୋଧ ଏବଂ ନିରାଶାରେ କାନ୍ଦିବାର ଚିତ୍ର ଅଛି। ମେଡିସିନ୍, ଜଳ ଏବଂ ଖାଦ୍ୟ ପାଇଁ ଲୋକମାନେ ମରୁଛନ୍ତି ଏବଂ ସଂଘର୍ଷ କରୁଛନ୍ତି। ଇସ୍ରାଏଲ୍ ଦ୍ୱାରା ଘୋଷିତ ଡାକ୍ତରଖାନା ବିସ୍ଫୋରଣରେ ଏପରି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି ଯେ ଆନ୍ତର୍ଜାତୀୟ ସଂଗଠନ, ରେଡ୍ କ୍ରସ୍ ସୋସାଇଟି ସ୍ୱେଚ୍ଛାସେବୀ ତଥା ସ୍ୱେଚ୍ଛାସେବୀ ସଂଗଠନର ଉଦ୍ୟମ ସତ୍ତ୍ୱେ ସେମାନେ କୌଣସି ଆରାମ ପ୍ରଦାନ କରିପାରୁ ନାହାଁନ୍ତି। ପାଲେଷ୍ଟାଇନବାସୀ ସେମାନଙ୍କର ଅସହାୟତା ଦୃଶ୍ୟମାନ ହେଉଛି । ଏପର୍ଯ୍ୟନ୍ତ ଶହ ଶହ ସ୍ୱେଚ୍ଛାସେବୀ ସାମ୍ବାଦିକ ରିଲିଫ କର୍ମଚାରୀଙ୍କୁ ହତ୍ୟା କରାଯାଇଛି। ତଥାପି ବିଶ୍ୱର ଏହି ଦୁଃଖଦ ଘଟଣା ପାଇଁ ଏକମାତ୍ର ଦାୟୀ ନାଟୋ ଦେଶ, ଆମେରିକା, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ ଇସ୍ରାଏଲର ଆତ୍ମରକ୍ଷା ଅଧିକାର ଉପରେ ବିତର୍କ କରୁଛନ୍ତି। ମାନବିକ ସହାୟତା ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥର ମୁହଁରେ ସେମାନଙ୍କର ଚେହେରାକୁ ଦାଗହୀନ କରିବା ପାଇଁ ପ୍ରୟାସ କରାଯାଉଥିଲେ ମଧ ସେମାନଙ୍କର ରକ୍ତାକ୍ତ ଚେହେରା ବାରମ୍ବାର ଦୃଶ୍ୟମାନ ହେଉଛି । ବୋଧହୁଏ ଏହା ଦୁନିଆର ମନୁଷ୍ୟର ପ୍ରଥମ ନିଷ୍ଠୁର କାର୍ଯ୍ୟ ହେବ। ଯେଉଁଠାରେ ସମୁଦାୟ ମୃତ୍ୟୁର ୩୦% ରୁ ଅଧିକ ନିରୀହ ଶିଶୁ। ଗୋଟିଏ ବର୍ଷରୁ କମ୍ ପିଲାଙ୍କ ମୃତ୍ୟୁ ସଂଖ୍ୟା ଶହ ଶହରେ ଅଛି । ଘାଜାର ଧ୍ୱଂସାବଶେଷ ଏବଂ କବରସ୍ଥାନରେ ପରିଣତ ହେବା ଏକ ଦୁଃଖଦ ଘଟଣା ଯାହାକି କୌଣସି ସମ୍ବେଦନଶୀଳ ମଣିଷର ଶାନ୍ତି ଏବଂ ଶାନ୍ତିକୁ ଛଡ଼ାଇ ନେଇପାରେ। ଯେଉଁମାନେ ବିଶ୍ୱରେ ଶାନ୍ତି ଚାହୁଁଛନ୍ତି ସେମାନେ ପାଲେଷ୍ଟାଇନବାସୀଙ୍କ ସହିତ ଭାବପ୍ରବଣ ଭାବରେ ଦୃଢ ଅଟନ୍ତି। ଦୁନିଆକୁ ଦୁଇଟି ଶିବିରରେ ବିଭକ୍ତ କରାଯାଇଛି। ଯେଉଁଠାରେ ତାଙ୍କର ଲୋକମାନେ ପାଲେଷ୍ଟାଇନ ସହିତ ଅଛନ୍ତି। ତେଣୁ ଜାତିଭିତ୍ତିକ ଧାର୍ମିକ ମୌଳିକବାଦୀଙ୍କ ସହ ଏହି ଦେଶର ସରକାର ଆମେରିକା ଏବଂ ଇସ୍ରାଏଲ୍ ସପକ୍ଷରେ ଛିଡା ହୋଇଛନ୍ତି। ଆମେରିକାର ଲୋକମାନେ (ଯୁହୁଦୀମାନଙ୍କ ସମେତ) ଇସ୍ରାଏଲ୍ ଆକ୍ରମଣକୁ ବିରୋଧ କରୁଥିବାବେଳେ ଆମେରିକୀୟ ସରକାର ଇସ୍ରାଏଲକୁ ସାମରିକ ଏବଂ ଅର୍ଥନୈତିକ ସହାୟତା ଜାରି କରି ମାନବିକତା ପ୍ରଦର୍ଶନ କରୁଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଗାଜାରେ ୯ ହଜାରରୁ ଅଧିକ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଡାକ୍ତରଖାନାଗୁଡ଼ିକୁ ଭାଙ୍ଗି ଦିଆଯାଉଛି। ଖାଦ୍ୟ, ଜଳ, ଔଷଧ, ବିଦ୍ୟୁତ୍, ଇଣ୍ଟରନେଟ୍ ସହିତ ସମସ୍ତ ଜରୁରୀ ସୁବିଧା ବନ୍ଦ କରାଯାଇଛି। ଏକ ଭୟଙ୍କର ବିନାଶ ହୋଇଛି। ହଜାର ହଜାର ଲୋକଙ୍କୁ ଆବର୍ଜନା ତଳେ ପୋତି ଦିଆଯାଇପାରେ। ଇନ୍ଧନର କ୍ଳାନ୍ତ ହେତୁ ଡାକ୍ତରଖାନାର ଜରୁରୀକାଳୀନ ଜେନେରେଟର ଗୁଡ଼ିକ ବନ୍ଦ ହୋଇଯାଉଛି। ସେଥିପାଇଁ ଲାଗୁଛି ଯେ ଡାକ୍ତରଖାନାଗୁଡ଼ିକ ମୁର୍ଦାଘର'ରେ ପରିଣତ ହେବାକୁ ଯାଉଛି। ହଜାର ହଜାର ବିଦେଶୀ ଏନଜିଓ ଏବଂ ଜାତିସଂଘର ରିଲିଫ୍ କର୍ମଚାରୀମାନେ ଗାଜାକୁ ପ୍ରବେଶ କରିବା ପାଇଁ ଜୀବନ ରକ୍ଷାକାରୀ ସାମଗ୍ରୀ ସହିତ ରାଫା ସୀମାରେ ଛିଡା ହୋଇଛନ୍ତି। କିନ୍ତୁ ଇସ୍ରାଏଲ ସେମାନଙ୍କୁ ଗାଜାରେ ମୁକ୍ତ ଭାବରେ ପ୍ରବେଶ କରିବାକୁ ଦେଉନାହିଁ। ଲିଗ୍ ଅଫ୍ ନେସନ୍ସର ସେକ୍ରେଟେରୀ ଜେନେରାଲ୍‌ଙ୍କ ସମେତ ମାନବ ଅଧିକାର ସଂଗଠନର ଅଧିକାରୀମାନେ ନାଟୋ ଦ୍ୱାରା ସୃଷ୍ଟି ହୋଇଥିବା ଦୁଃଖଦ ଘଟଣାରେ ଚିନ୍ତିତ ଅଛନ୍ତି। ଯୁଦ୍ଧ ବନ୍ଦ କରିବା ସହିତ ଡାକ୍ତରଖାନା ଏବଂ ଶରଣାର୍ଥୀ ଶିବିର ବିସ୍ଫୋରଣକୁ ସେମାନେ ବାରମ୍ବାର ବିରୋଧ କରିଛନ୍ତି। ରିଲିଫ୍ ସାମଗ୍ରୀକୁ ଗାଜା ଯିବାକୁ ଅନୁମତି ଦେବାକୁ ମଧ ସେମାନେ ଦାବି କରୁଛନ୍ତି। ଇସ୍ରାଏଲ ଦ୍ୱାରା କରାଯାଉଥିବା ଜନଶୁଣାଣିକୁ ଯୁଦ୍ଧ ଅପରାଧ ବୋଲି ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ କହିଛନ୍ତି। ଯେହେତୁ ଆରବ ଦେଶଗୁଡିକ ନାଟୋର ସଦସ୍ୟ, ସାଉଦି ଆରବ, ଜୋର୍ଡାନ, ୟୁଏଇ ସମେତ ଅଧିକାଂଶ ଆରବ ଲିଗ ସଦସ୍ୟ ଦେଶ ମଧ୍ୟରେ ଆମେରିକାର ସାମରିକ ବେସ ଅଛି। ଯାହା ମାଧ୍ୟମରେ ସେ ଏହି ଦେଶଗୁଡ଼ିକୁ ନିୟନ୍ତ୍ରଣ କରନ୍ତି। ଯେପର୍ଯ୍ୟନ୍ତ ଆମେରିକା ଏହି କ୍ଷେତ୍ରରୁ ବହିଷ୍କୃତ ନହୁଏ ଏବଂ ଏହାର ସାମରିକ ପ୍ରାଧାନ୍ୟ ସମାପ୍ତ ହେବ ନାହିଁ, ସେପର୍ଯ୍ୟନ୍ତ ଆରବ ଜଗତର କୌଣସି ଦେଶର ଆମେରିକାର ବିଶ୍ୱ ରଣନୀତି ବିରୁଦ୍ଧରେ ଯିବାକୁ ସାହସ ନାହିଁ। ଏପରି ଜଟିଳ ପରିସ୍ଥିତିରେ ଇସଲାମି ଦେଶଗୁଡ଼ିକ ଇସ୍ରାଏଲ ବିରୋଧରେ ପାଲେଷ୍ଟାଇନ ସପକ୍ଷରେ କ'ଣ କରୁଛନ୍ତି ? ଏ ବିଷୟରେ ଚିନ୍ତା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୁନିଆରେ ପୁଞ୍ଜିବାଦୀ ବିପ୍ଳବ ସମାପ୍ତ ହେବା ପରେ ରାଜା, ମହାରାଜା, ଶେଖ, ସମ୍ରାଟ, ରାଜକୁମାର ଏବଂ ରାଜା ଐତିହାସିକ ଭାବରେ ଅପ୍ରାସଙ୍ଗିକ ହୋଇଗଲେ। ଯଦି ସେଗୁଡିକ ଏପର୍ଯ୍ୟନ୍ତ ପୃଥିବୀର ଯେକୌଣସି ସ୍ଥାନରେ ରହିଯାଏ ତେବେ ଏହା ସାମାଜିକ ବିକାଶ ପାଇଁ ଏକ ବଡ଼ ପ୍ରତିବନ୍ଧକ। ରାଜତନ୍ତ୍ରକୁ ନଷ୍ଟ ନକରି ଏହି ଦେଶରେ ଆଧୁନିକ ଗଣତନ୍ତ୍ର ଗଠନ ପାଇଁ ମୂଳଦୁଆ ପକାଯାଇପାରିବ ନାହିଁ, ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ-ସମାନତା, ସ୍ୱାଧୀନତା, ଭ୍ରାତୃଭାବ ଏବଂ ଭାଇଚାରା ଏହି ଦେଶରେ ପ୍ରତିଷ୍ଠିତ ହୋଇପାରିବ ନାହିଁ ଏବଂ ପ୍ରାଚୀନ ସାମାଜିକ ସମ୍ପର୍କ ବିଚ୍ଛିନ୍ନ ନ ହୋଇ ନାଗରିକ ତଥା ଗଣତାନ୍ତ୍ରିକ ସମାଜ ତଥା ଆଧୁନିକ ରାଷ୍ଟ୍ର ରାଜ୍ୟ ନିର୍ମାଣ ହୋଇପାରିବ ନାହିଁ। ୧୯୩୩ ମସିହାରେ ପେଟ୍ରୋଲିୟମ ଆବିଷ୍କାର ହେବା ପରେ, ଆମେରିକା ସମେତ ପୁଞ୍ଜିବାଦୀ ଦେଶମାନେ ସେମାନଙ୍କର ଭୂମିକୁ କ୍ୟାପଚର କରିବା ଆରମ୍ଭ କଲେ। ୧୯୩୩ ମସିହାରେ ଆମେରିକା ସାଉଦି ଆରବ ସହିତ ସମ୍ପର୍କ ସ୍ଥାପନ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୫ ମସିହାରେ ଆମେରିକାର ରାଷ୍ଟ୍ରପତି ରୁଜଭେଲ୍ଟ ଏବଂ ବର୍ତ୍ତମାନର ସାଉଦି ଶାସକ ରାଜବଂଶର ପ୍ରତିଷ୍ଠାତା ମଧ୍ୟରେ ଏକ ବୈଠକ ହୋଇଥିଲା। ଯେଉଁଥିରେ ଆମେରିକାର ବିଶ୍ୱକୁ ବିଭାଜନ କରିବାର ନୀତି ଉପରେ ଏକ ଗୁପ୍ତ ଚୁକ୍ତି ହୋଇଥିଲା। ଯାହା ଆଜି ପର୍ଯ୍ୟନ୍ତ ଜାରି ରହିଛି। ଏହା ସହିତ ଜୋର୍ଡାନ, କତାର, ଆବୁଧାବି, ଦୁବାଇ, ୟୁଏଇ, ଇରାନ, ୟେମେନ ଇତ୍ୟାଦି ଆରବ ଜଗତର ରାଜାମାନଙ୍କ ସହିତ ଆମେରିକାର ଗଭୀର ସମ୍ପର୍କ ଗଢି ଉଠିଥିଲା ଏବଂ ଏହି ଦେଶଗୁଡିକ ପଶ୍ଚିମ ଏସିଆର ଆମେରିକୀୟ ବ୍ଲକର ଗୁରୁତ୍ୱପୂର୍ଣ୍ଣ ଦେଶ ହୋଇଗଲେ। ଏହାର ପ୍ରତିବଦଳରେ, ଆରବ ଜଗତରେ ବଢୁଥିବା ଆଧୁନିକତାର ତରଙ୍ଗକୁ ଦମନ କରିବା ପାଇଁ ଆମେରିକା ଏହି ଦେଶମାନଙ୍କୁ ବିପୁଳ ସାମରିକ ଏବଂ ଅର୍ଥନୈତିକ ସହାୟତା ଯୋଗାଇ ଦେଇଥିଲା। ଆମେରିକାର ସାହାଯ୍ୟରେ ଏହି ସମ୍ରାଟମାନେ ନିଜ ଦେଶର ଲୋକଙ୍କ ଉପରେ ଭାରି ଦମନ କରିଥିଲେ ଏବଂ ବିଭିନ୍ନ ଶକ୍ତିଙ୍କୁ ହତ୍ୟା କରିଥିଲେ। ହଜାର ହଜାର ପ୍ରଗତିଶୀଳ ବୁଦ୍ଧିଜୀବୀ, କବି, ଲେଖକ ଏବଂ ସାମାଜିକ କର୍ମୀଙ୍କୁ ଅନେକ ଉପାୟରେ ନିର୍ଯାତନା ଦିଆଯାଉଥିଲା। ସେମାନଙ୍କୁ ହତ୍ୟା କରାଯାଇଥିଲା ଏବଂ ନୂତନ ଚିନ୍ତାଧାରାକୁ ଦମନ କରିବାରେ ଶାହାନଶାହ ସଫଳ ହୋଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ, ସମାଜବାଦୀ ଚିନ୍ତାଧାରାର ପ୍ରସାରକୁ ରୋକିବା ପାଇଁ ଆମେରିକା ସାମରିକ ଏବଂ ସୁରକ୍ଷା ଚୁକ୍ତିର ଏକ ନେଟୱାର୍କ ସୃଷ୍ଟି କରିବା ଆରମ୍ଭ କଲା। ତେଣୁ ସର୍ବପ୍ରଥମେ ଆରବ ଜଗତର ରାଜାମାନେ ଏଥିରେ ଭାଗ ନେଇଥିଲେ। ଏହି ରାଜାମାନେ ସେମାନଙ୍କର ସିଂହାସନ ବଞ୍ଚାଇବା ପାଇଁ ଆମେରିକୀୟ କମ୍ପାନୀମାନଙ୍କୁ ତୈଳ ଭଣ୍ଡାର ହସ୍ତାନ୍ତର କରିଥିଲେ। ଏହା ବ୍ୟତୀତ ଅଶୋଧିତ ତୈଳର ଡଲାରରେ ବିନିମୟର ଏକଚାଟିଆ ଅର୍ଥନୈତିକ ଦୃଷ୍ଟିରୁ ଆମେରିକାକୁ ବହୁତ ସମୃଦ୍ଧ କରିପାରିଛି। ଏହିପରି ଏହି ରାଜତନ୍ତ୍ର ଆମେରିକା ପାଇଁ ଏକ ବରଦାନ ବୋଲି ପ୍ରମାଣିତ ହେଲା। ଗଣତନ୍ତ୍ର ତଥା ମାନବିକ ଅଧିକାରର ପତାକା ଧରି ଆମେରିକା ସାରା ବିଶ୍ୱରେ ବୁଲିବାକୁ ଚେଷ୍ଟା କରୁଥିବାବେଳେ ଆରବ ଜଗତରେ ସୃଷ୍ଟି ହେଉଥିବା ଗଣତାନ୍ତ୍ରିକ ସଂଘର୍ଷକୁ ଦମନ କରିବାରେ ଏହା ଜଟିଳ ରହିଥିଲା। ଯାହାର ପ୍ରାକୃତିକ ଫଳାଫଳ ହେଲା ଆରବ ଦେଶଗୁଡ଼ିକ ପଛୁଆ ଚିନ୍ତାଧାରା ସହିତ ଧର୍ମ ଭୟ କରୁଥିବା ଦେଶ ହୋଇ ରହିଲେ। ଏହି ଦେଶଗୁଡିକର ଶିଳ୍ପାୟନ ବନ୍ଦ ହୋଇଗଲା ଏବଂ ସେମାନେ ଆମେରିକାର ଦୟା ଉପରେ ନିର୍ଭରଶୀଳ ହେଲେ। ଯେଉଁ କାରଣରୁ ବୈଜ୍ଞାନିକ ଚେତନା ଏବଂ ଆଧୁନିକତାର ମୂଲ୍ୟ ଏଠାରେ ସାମାଜିକ ଜୀବନରେ ପ୍ରବେଶ କରିପାରିଲା ନାହିଁ। ତେବେ ବଜାରରେ ତୈଳର ଚାହିଦା ବୃଦ୍ଧି ହେତୁ ଏହି ଦେଶଗୁଡିକ ଅପାର ସମୃଦ୍ଧତା ଆଣିଲେ। ପେଟ୍ରୋଡଲାର ପ୍ରଚୁରତା ଏବଂ ଶିଳ୍ପ ବିକାଶ ପରିବର୍ତ୍ତେ ଶେଖ୍, ଶାହା ଏବଂ ପ୍ରିନ୍ସ କିଙ୍ଗ୍ସ ସମୃଦ୍ଧ ପର୍ବତ ଉପରେ ବସିଥିଲେ। ଆଧୁନିକ ଯୁଗରେ, ଯେକୌଣସି ବ୍ୟକ୍ତି ସେମାନଙ୍କର ଅପବ୍ୟବହାର ହୋଇଥିବା ଧନ ଏବଂ ସେମାନଙ୍କର ଅବାଧ ଜୀବନଶୈଳୀ ଦେଖିବା ପରେ ରାଜତନ୍ତ୍ର କୁ ଘୃଣା ଚକ୍ଷୁରେ ଦେଖିପାରନ୍ତି। ଅନ୍ୟପକ୍ଷରେ ପଛୁଆ ଧାର୍ମିକ ଲୋକମାନେ ଜକାତ ଏବଂ ଦାନ ଉପରେ ବଞ୍ଚିବାକୁ ବାଧ ହୋଇଥିଲେ। ଏହି ପରସ୍ପର ବିରୋଧୀ ପରିସ୍ଥିତିରେ ଧରାପଡି ଆରବ ସମାଜ ପ୍ରକୃତରେ ଆଧୁନିକ ଦୁନିଆରେ ଏକ ଛୋଟା ଏବଂ ଦୁର୍ବଳ ଦେଶ ହୋଇ ରହିଲା। ସତ କହିବାକୁ ଗଲେ, ରାଷ୍ଟ୍ର-ରାଜ୍ୟ ପରି ଏକ ସମୃଦ୍ଧ ଧାରଣା ଏପର୍ଯ୍ୟନ୍ତ ଆରବ ଜଗତର କୌଣସି ସ୍ଥାନରେ ବିକଶିତ ହୋଇନାହିଁ। ବୋଧହୁଏ ଭବିଷ୍ୟତରେ, କିଛି ବଡ ଅସ୍ଥିରତା ପରେ ଆରବ ଜାତୀୟତାବାଦରୁ ନୂତନ ରାଷ୍ଟ୍ର ରାଜ୍ୟ ଉତ୍ପନ୍ନ ହୋଇପାରେ ଏବଂ ଆଧୁନିକ ସଭ୍ୟତାର ସର୍ବୋଚ୍ଚ ମୂଲ୍ୟବୋଧ ସହିତ ସଜ୍ଜିତ ଗତିଶୀଳ ତଥା ଆଧୁନିକ ବୈଜ୍ଞାନିକ ସମାଜ ହୋଇପାରେ। କିନ୍ତୁ ଏହାର ପ୍ରଥମ ସର୍ତ୍ତ ହେଉଛି ଆରବ ଦେଶଗୁଡିକ ଆମେରିକୀୟ ସାମ୍ରାଜ୍ୟବାଦର କବଳରୁ ବାହାରି ଆସନ୍ତୁ ଏବଂ ସେଠାରେ ଥିବା ଲୋକମାନେ ନିଜ ଦେଶର ଭାଗ୍ୟର ମାଲିକ ହୁଅନ୍ତୁ। ଆମେରିକୀୟ ସାମ୍ରାଜ୍ୟବାଦର ପରାଜୟ ପରେ ହିଁ ଆରବ ଦେଶ ମୁକ୍ତ ହେବ। ଇରାନରେ ଇସଲାମିକ ବିପ୍ଳବ ପରେ ମୁସଲିମ ଜଗତରେ ପୁନରୁତ୍ଥାନବାଦ ର ଝଡ ପ୍ରବାହିତ ହେବାକୁ ଲାଗିଲା। ଏହି ସୁଯୋଗର ସୁଯୋଗ ନେଇ ଆମେରିକା ଇସଲାମ ଆତଙ୍କବାଦର ଏକ ସମ୍ପୂର୍ଣ୍ଣ ପ୍ରକଳ୍ପ ପ୍ରସ୍ତୁତ କଲା। ଆଚ୍ଛା, ଏହି ବିଷୟକୁ ଏଠାରେ ଛାଡିଦେବା। ଏହି ସମୟରେ ଯେତେବେଳେ ଗାଜାରେ ନରସଂହାର ଚାଲିଛି। ତେଣୁ ଖବର ଆସୁଛି ଯେ ସାଉଦି ଆରବରେ ଆମେରିକାର ସାମରିକ ବେସ ନିର୍ମାଣକୁ ସାଉଦି ଆରବର ରାଜା ଅନୁମୋଦନ କରିଛନ୍ତି। ଏଥିସହ ଜୋର୍ଡାନର ରାଜା ଆମେରିକାକୁ କ୍ଷେପଣାସ୍ତ୍ର ବିରୋଧୀ ସିଷ୍ଟମ ସ୍ଥାପନ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ, କତାର ଏବଂ ୟୁଏଇର ରାଜାମାନେ ଇସ୍ରାଏଲ ସହିତ ସେମାନଙ୍କର ବାଣିଜ୍ୟିକ ସମ୍ପର୍କ ବଜାୟ ରଖିଛନ୍ତି . ଇସ୍ରାଏଲ ସହିତ ସମସ୍ତ ସମ୍ପର୍କ ଭାଙ୍ଗିବା ପାଇଁ ଇରାନ ଦ୍ୱାରା ଜଦ୍ଦା ବୈଠକରେ ଦିଆଯାଇଥିବା ପ୍ରସ୍ତାବ ଉପରେ ଏହି ଦେଶଗୁଡ଼ିକ ଧ୍ୟାନ ଦେଇନାହାଁନ୍ତି। ଦୀର୍ଘ ଦିନ ଧରି ଆମେରିକା ସହ ସମ୍ପର୍କକୁ ତିକ୍ତ କରି ରଖିଥିବା ଇରାନ ପାଲେଷ୍ଟାଇନୀୟମାନଙ୍କୁ କିଛି ସାମଗ୍ରୀକ ଏବଂ ଆର୍ଥିକ ସହାୟତା ଯୋଗାଇ ଦେଇଛି। କିନ୍ତୁ ଯୁଦ୍ଧ ଇରାନକୁ ବିସ୍ତାର କରିବା ଉଚିତ ନୁହେଁ। ଇରାନ ସରକାର ଏହାକୁ କ୍ରମାଗତ ଭାବରେ ଏଡାଇ ଆସୁଛନ୍ତି ଏବଂ ଏକ ସୀମା ଅତିକ୍ରମ କରିବାକୁ ଚାହୁଁନାହାଁନ୍ତି। ପାଲେଷ୍ଟାଇନବାସୀଙ୍କ ଜୀବନ, ସମ୍ପତ୍ତି ଏବଂ ଏବଂ ପାଲେଷ୍ଟାଇନର ସ୍ୱାଧୀନ ରାଜ୍ୟ ପାଇଁ କୌଣସି ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେରିକାର ଆଦେଶରେ ଆରବ ଜଗତର ଦେଶମାନେ ନାଚିବା ଆଶା କରିବା ଅଜ୍ଞାତ ହେବ। ହଁ, କେତେକ ବିଦ୍ରୋହୀ ସଂଗଠନ ଖୋଲାଖୋଲି ଭାବେ ପାଲେଷ୍ଟାଇନବାସୀଙ୍କୁ ସମର୍ଥନ କରିଛନ୍ତି। ହାମସ ସହିତ ହିଜବୁଲ ଏବଂ ହୁତି ବିଦ୍ରୋହୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରିଛନ୍ତି। ଗତକାଲି ଆଫ୍ରିକୀୟ ଦେଶ ଆଲଜେରିଆର ସଂସଦ ସର୍ବସମ୍ମତି କ୍ରମେ ଏକ ସଂକଳ୍ପ ପାରିତ କରି ପାଲେଷ୍ଟାଇନ ସପକ୍ଷରେ ଯୁଦ୍ଧରେ ପ୍ରବେଶ କରିବାକୁ ଘୋଷଣା କରିଥିଲା। ବର୍ତ୍ତମାନ ପରିସ୍ଥିତି ଅତ୍ୟନ୍ତ ଭୟାନକ ଏବଂ କ୍ରମାଗତ ଭାବେ ଖରାପ ହେବାରେ ଲାଗିଛି। ଗାଜାରେ ଚାଲିଥିବା ପାଲେଷ୍ଟାଇନୀୟମାନଙ୍କ ହତ୍ୟାକାଣ୍ଡ ବିଶ୍ୱର ଗଣତାନ୍ତ୍ରିକ ଲୋକଙ୍କୁ କମ୍ପିତ କରିଛି। କିନ୍ତୁ ସାମ୍ରାଜ୍ୟବାଦୀ ପୁଞ୍ଜିର ମଂଦୀରେ ଫସି ରହିଥିବା ବେଳେ ଆମେରିକା ସମେତ ନାଟୋ ଦେଶଗୁଡ଼ିକ ଯୁଦ୍ଧ ବ୍ୟତୀତ ଅର୍ଥନୈତିକ ସଙ୍କଟରୁ କୌଣସି ଉପାୟ ବାହାର କରୁନାହାଁନ୍ତି। ତେଣୁ ଆମେରିକା ଏବଂ ଏହାର ସହଯୋଗୀମାନେ ବିଶ୍ୱର ଯୁଦ୍ଧ ବିରୋଧୀ ଲୋକଙ୍କ ସ୍ୱର ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି। ଯେଉଁଥିପାଇଁ ଏହା ସମ୍ଭବ ଯେ ଆଗାମୀ ଦିନରେ ବିଶ୍ୱକୁ ଏକ ବଡ଼ ଦୁଃଖଦ ଘଟଣା ଦେଇ ଗତି କରିବାକୁ ପଡିପାରେ। ଏହା ହେଉଛି ଆଜିର ଦୁନିଆର ବାସ୍ତବତା ଯେ 'ଭ୍ରାତୃ ଇସଲାମ ବଦଳରେ (ଏଠାରେ ଆପଣ ହିନ୍ଦୁ, ଖ୍ରୀଷ୍ଟିଆନ, ଯିହୁଦୀ କିମ୍ବା ଅନ୍ୟ କୌଣସି ଧର୍ମ ଲେଖିପାରିବେ), ଭ୍ରାତୃ ଲଜ୍ଞା ହେଉଛି ମୁଖ୍ୟ ଏବଂ ନିର୍ଣ୍ଣାୟକ ଉପାଦାନ।' ତେଣୁ, ଭବିଷ୍ୟତରେ, ବିଶ୍ୱର ସମସ୍ତ ଘଟଣା ଏହି ମୌଳିକ ଉପାଦାନ ଦ୍ୱାରା ପରିଚାଳିତ ହେବ ଏବଂ ଏକ ଜୀବନ୍ତ ସମ୍ପ୍ରଦାୟକୁ ନିଜ ମାତୃଭୂମିରୁ ବାହାର କରି ଶରଣାର୍ଥୀ ଶିବିରରେ ରହିବାକୁ ଅଭିଶାପ ଦିଆଯିବ।







*ସୁଜନପୁର , ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*

# କେତେ କ୍ଷତିକାରକ ଡିଜେ ସାଉଣ୍ଡ ?

**ଜନମତ**




ଖାଲି ମଣିଷ ନୁହେଁ ପଶୁ, ପକ୍ଷୀଙ୍କ ଜୀବନ ନେଉଛି ଡିଜେ ସାଉଣ୍ଡ। ବୃକ୍ଷଲତା ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ଡିଜେ ଶବ୍ଦ କାନର ସ୍ନାୟୁ ବା ନର୍ଭ ସିଷ୍ଟମକୁ କ୍ଷତି ପହଞ୍ଚାଉଥିଲା ବେଳେ ହୃତ୍‌ପିଣ୍ଡ ମଧ୍ୟ କ୍ଷତିଗ୍ରସ୍ତ ହେଉଛି। ଡିଜେ ଶବ୍ଦ ଶୁଣି ଅନେକଙ୍କ ହାର୍ଟଆଟାକ୍ ହେଉଥିଲା ବେଳେ ଆଉ କିଛି ଅସୁସ୍ଥ ହୋଇପଡୁଛନ୍ତି। ଡିଜେ ଶବ୍ଦ ଏତେ ମାରାତ୍ମକ ଯେ, ଏହା ଭର୍ଟିଗୋ ଭଳି ରୋଗ ସୃଷ୍ଟି କରୁଛି। ମାତ୍ର ୧୦ ରୁ ୧୨ ମିନିଟ୍ ଡିଜେ ସାଉଣ୍ଡ ଶୁଣିଲେ ଏହା ଶରୀର ଉପରେ ଖରାପ ପ୍ରଭାବ ପକାଏ। ୨୦୨୧ରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହା ଉପରେ କଡା କଟକଣା ଲଗାଇଥିବା ସତ୍ତ୍ୱେ ଅମାନିଆ ଲୋକ ଏହାକୁ ପାଳନ କରୁନାହାନ୍ତି। ଏନେଇ ବୋର୍ଡ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଚିଠି କରାଯାଇଛି। ପୋଲିସ ପକ୍ଷରୁ ମଧ୍ୟ ଡିଜେ ଉପରେ କଟକଣା ରହିଛି। ମାତ୍ର ବିବାହ, ବ୍ରତଘର, ଭସାଣୀ ଉତ୍ସବ ଓ ବିଭିନ୍ନ ସମୟରେ ଡିଜେ ବାଜିବା ଫଳରେ ଏହା ସମାଜ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ବିଶେଷକରି ଡିଜେର ସାଉଣ୍ଡ ସିଷ୍ଟମରେ ରହିଥିବା ବାସ୍‌ବିନ୍ ଅଧିକ କ୍ଷତିକାରକ। ୮୫ ଡେସିବଲ୍ ଡିଜେର ମାତ୍ରା ଥିଲା ବେଳେ ଏହାକୁ ଲୋକେ ୧୦୦ରୁ ଊର୍ଦ୍ଧ୍ୱ ଶବ୍ଦରେ ବଜାଉଛନ୍ତି। ଡିଜେ ଶବ୍ଦ ଶୁଣି ଅସୁସ୍ଥ ହେଉଥିବା ବ୍ୟକ୍ତି ଚିକିତ୍ସାରେ ଅବହେଳା କଲେ ମୃତ୍ୟୁମୁଖରେ ପଡିପାରନ୍ତି। ପ୍ରଦୂଷଣବିତ୍‌ଙ୍କ ମତ ହେଉଛି ଡିଜେ ସାଉଣ୍ଡ ଶବ୍ଦ ପ୍ରଦୂଷଣ ବଢ଼ାଇବା ସହିତ ମଣିଷ ଶରୀରରେ ଖରାପ ପ୍ରଭାବ ସୃଷ୍ଟି କରୁଛି। ଏଭଳି ପରିସ୍ଥିତିରେ ଡିଜେ ବନ୍ଦ ହେବା ଉଚିତ୍ କି ନାହିଁ ଓ ଏହା ଉପରେ ସରକାର କଡା ପଦକ୍ଷେପ ନେବା ଉଚିତ୍ କି ଅନୁଚିତ୍ ଏ ସମ୍ପର୍କିତ ପ୍ରସଙ୍ଗକୁ ନେଇ 'ଏକମାତ୍ର' ଜନମତ ଲୋଡିଥିଲା।

### ଡଃ ମୌସୁମୀ ପରିଡା, ଲେଖିକା, ଅଧ୍ୟାପିକା



ଆମେ କଥା ହେଉଥିବା ଶବ୍ଦର ତୀବ୍ରତା ସାଧାରତଃ ୬୦ ଡେସିବଲ୍। ଦୀର୍ଘ ସମୟ ଧରି ୭୦ରୁ ଅଧିକ ତୀବ୍ରତା ଥିବା ଶବ୍ଦ କାନ ପାଇଁ କ୍ଷତିକାରକ। ଡିଜେ ଶବ୍ଦର ତୀବ୍ରତା ସାଧାରତଃ ୧୦୦-୧୨୦ ଡେସିବଲ, ଯାହା କେବଳ କାନ ନୁହେଁ ମସ୍ତିଷ୍କଠାରୁ ଆରମ୍ଭ କରି ହୃଦୟ, ସ୍ନାୟୁ ସହିତ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ପ୍ରଭାବିତ କରେ। ସ୍ନାୟୁଗତ ଓ ହୃଦ-ଜନିତ ସମସ୍ୟା, ମାନସିକ ଚାପ, ଅସ୍ଥିରତା, ନିଦ୍ରାହୀନତା ପରି ଅନେକ ରୋଗ ସୃଷ୍ଟି କରାଏ। କଥା ଏତିକିରେ ସୀମିତ ନୁହେଁ ପଶୁପକ୍ଷୀ ତଥା ସମଗ୍ର ଜୀବଜଗତ, ପ୍ରାକୃତିକ ପରିବେଶ ପ୍ରତି ହାନିକାରକ ଏହି ଡିଜେ ଶବ୍ଦ ପାଇଁ ଗତବର୍ଷ ମଧ୍ୟପ୍ରଦେଶରେ ବିବାହ ଉତ୍ସବରେ ଯୋଗ ଦେଇଥିବା ୧୮ ବର୍ଷର ନାବାଳକ, ଚଳିତ ବର୍ଷ ମାର୍ଚ୍ଚମାସରେ ବିହାରରେ ବିବାହ କରିବାକୁ ଯାଉଥିବା ବରପାତ୍ର, ଏପ୍ରିଲ ମାସରେ ମୂର୍ତ୍ତି ବିସର୍ଜନ ବେଳେ ଓଡ଼ିଶାର ୨୩ ବର୍ଷିୟ ପିଲା, ଗଣେଶ ପୂଜା ଭସାଣିରେ ପୁନେର ଦୁଇଜଣ ଲୋକ ମୃତ୍ୟୁବରଣ କରିଥିବା ଜଣାପଡିଛି। ତେବେ ବି ଏହାର ବହୁଳ ବ୍ୟବହାରକୁ ପ୍ରତିରୋଧ କରାଯାଉ ନାହିଁ, ଚିନ୍ତାର ବିଷୟ! ଯେଉଁ ଖୁସି ଅନ୍ୟମାନଙ୍କୁ ଜୀବନକୁ ବିପନ୍ନ କରି ମୃତ୍ୟୁମୁଖୀ କରାଏ କିମ୍ବା ସ୍ଲୋ ପଏଜନ ପରି ସମଗ୍ର ପରିବେଶକୁ ଅସୁରକ୍ଷିତ କରିଦିଏ, ତାକୁ ଖୁସି ନୁହେଁ ନିର୍ଯାତନା କିମ୍ବା ହତ୍ୟା କୁହାଯିବ! ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ ଦ୍ୱାରା ସମଗ୍ର ପରିବେଶ ପ୍ରଭାବିତ ହେଉଥିବାରୁ ଏହାର ବ୍ୟବହାର ପ୍ରତି ଅଙ୍କୁଶ ଲାଗିବା ଅପରିହାର୍ଯ୍ୟ, ଗ୍ରହଣ ନ କଲେ କଠୋର ଦଣ୍ଡବିଧାନ ହେବା ଉଚିତ୍। କାରଣ ଶବ୍ଦ ପ୍ରଦୂଷଣ ନିୟମ, ୨୦୦୦ ଅନୁଯାୟୀ ଶବ୍ଦର ତୀବ୍ରତା ଦିନରେ ୫୫ ଡେସିବଲ୍ ଓ ରାତିରେ ୪୫ ଡେସିବଲ ରହିବା ଉଚିତ୍। କିନ୍ତୁ ଡିଜେ ଶବ୍ଦର ତୀବ୍ରତା ଏହାର ଦୁଇଗୁଣ ଅଧିକ ହୋଇଥିବାରୁ ପୁରା ପରିବେଶ ଓ ପ୍ରାଣୀଜଗତ ପାଇଁ କ୍ଷତିକାରକ। ବିବାହ ବ୍ରତ ଆଦି ଉତ୍ସବ, ପର୍ବପର୍ବାଣୀ ପାଳନ ବା ମୂର୍ତ୍ତି ବିସର୍ଜନ ସମୟରେ ହେଉଥିବା ଏଭଳି କ୍ଷତିକାରକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରିବା ଉଚିତ୍। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁସାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ନିୟମାନୁସାରେ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ବା ୧ ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯିବା ଆବଶ୍ୟକ। କହିବା ବାହୁଲ୍ୟ ଯେ ଏହାକୁ ନମାନି ଭୁଲର ପୁନରାବୃତ୍ତି କରୁଥିବା ଲୋକଙ୍କୁ ପ୍ରତ୍ୟହ ୫୦୦୦ ଟଙ୍କା ଲେଖାଏଁ ଜରିମାନା ଦେବାକୁ ପଡିପାରେ। ତେଣୁ ପରିସ୍ଥିତି ଦୃଷ୍ଟିରୁ କଡାକଡି ଭାବେ ଏହାର ପାଳନ କରାଗଲେ ବା ଡିଜେ ଶବ୍ଦକୁ ନିଷେଧ କରାଗଲେ ପରିବେଶ ଓ ଜୀବଜନ୍ତୁଙ୍କ ସୁରକ୍ଷା ପ୍ରତି ଉଚିତ ପଦକ୍ଷେପ ହେବ। ଜନଜୀବନ ଉପରେ ଏହାର କୁପ୍ରଭାବ ନ ପଡୁ, ଏଥିପାଇଁ ପ୍ରଶାସନ ସହିତ ଜନସାଧାରଣ ସମସ୍ତେ ତତ୍ପର ହେବା ଉଚିତ୍। ସେଥିପାଇଁ ସାମୂହିକ ପ୍ରତିବାଦ ମଧ୍ୟ ଆବଶ୍ୟକ।

### ଗଜାନନ ମିଶ୍ର, ବରିଷ୍ଠ ଆଇନଜୀବୀ



ଡିଜେ ସାଉଣ୍ଡକୁ ପୂରାଭାବରେ ବନ୍ଦ କରିଦେବା ଦରକାର। କିଛି ଲୋକଙ୍କ ମଉଜମସ୍ତି ଖେଳ, ଅନ୍ୟ ମାନଙ୍କର କାଳ ହେଉଛି। ଅଯଥା ବିରକ୍ତିକର ଶବ୍ଦ ଆମ ମନ ମସ୍ତିଷ୍କକୁ ନଷ୍ଟ କରିଦେଉଛି। ଖାଲି ଡିଜେ ନୁହେଁ ବାହାଘରେ, ମସଜିଦରେ ଫୁଲ୍ ସାଉଣ୍ଡରେ ମାଇକ ବଜାଇବା ଦ୍ୱାରା ମନ ବିବେକର ଏକାଗ୍ରତା ନଷ୍ଟ ହେଉଛି। ଏକାଗ୍ରତା ନଷ୍ଟ ହେଲେ ଆମର ଜୀବନ ଶୈଳୀରେ କୁପ୍ରଭାବ ପଡେ। ଚିନ୍ତନ ମନନ ବାଧାପ୍ରାପ୍ତ ହୁଏ। କୌଣସି ପ୍ରକାରର ଶବ୍ଦ ବାହାରକୁ ଆସିଲେ ପ୍ରଦୂଷଣ ସୃଷ୍ଟି କରେ, ଏହା ବୁଝିବାକୁ ହେବ। ସମ୍ପ୍ରତି ବିଶ୍ୱରେ ପ୍ରଦୂଷଣକୁ ନେଇ ବିଭିନ୍ନ ପଦକ୍ଷେପ ନିଆଯାଉଥିଲା ବେଳେ ଡିଜେର କାନଫଟା ଶବ୍ଦ କିଭଳି ମଣିଷକୁ ମୃତ୍ୟୁମୁଖକୁ ନେଇ ଯାଉଛି ତାହା ସମସ୍ତେ ଚିନ୍ତା କରିବା ଦରକାର। କାରଣ ଜୀବଜଗତ ପ୍ରତି କ୍ଷତି ପହଞ୍ଚାଉଥିବା କୌଣସି ଧ୍ୱନୀକୁ ସରକାର ଅନୁମତି ନଦେବା ଉଚିତ।

### ଅଜୟ ପଟ୍ଟନାୟକ, ଅଧ୍ୟାପକ




ସମସ୍ତ ପ୍ରକାରର ପ୍ରଦୂଷଣ, ତାହା ଜଳ ଜନିତ, ବାୟୁଜନିତ ବା ଶବ୍ଦ ଜନିତ ହେଉ, ତାହା ମାନବ ସଭ୍ୟତାର ବିନାଶକୁ ତ୍ୱରାନ୍ୱିତ କରୁଅଛି। ଡିଜେର ଅଧିକ ଡେସିବଲର ଶବ୍ଦ ମାନସିକ ତଥା ଶାରୀରିକ ସ୍ତରରେ ମନୁଷ୍ୟ ପକ୍ଷେ ଅତ୍ୟନ୍ତ କ୍ଷତିକାରକ ଅଟେ। ସଙ୍ଗୀତର ଯାଦୁକାରୀ ପ୍ରଭାବ ମନୁଷ୍ୟ, ପଶୁ, ପକ୍ଷୀ, ବୃକ୍ଷଲତାଙ୍କ ଠାରେ ବେଶ୍ ପରିଲକ୍ଷିତ ହୋଇଥାଏ। କିନ୍ତୁ ଡିଜେ ମାଧ୍ୟମରେ ପରିବେଶିତ ସଙ୍ଗୀତ ଶ୍ରୁତି କଟୁ, ବିରକ୍ତକର ହେବା ସହ ଶବ୍ଦ ପ୍ରଦୂଷଣ ସୃଷ୍ଟି କରି ଶାରୀରିକ ତଥା ମାନସିକ ଯନ୍ତ୍ରଣା ଦେଇଥାଏ। ଅତ୍ୟଧିକ ଶବ୍ଦ କାନ ପରଦାକୁ ଫୁଟାଇ ଦେଇ ମଣିଷଙ୍କୁ କାଲା କରିଦିଏ ବା ଶ୍ରୁତି ଶକ୍ତି ହ୍ରାସ କରି ଦେଇଥାଏ। ହୃତ୍‌ପିଣ୍ଡ କ୍ରିୟାରେ ବାଧା ସୃଷ୍ଟି କରି ମନୁଷ୍ୟକୁ ମୃତ୍ୟୁମୁଖକୁ ଠେଲି ଦେଇଥାଏ। ମା' ଗର୍ଭରେ ଥିବା ଛୋଟ ଛୁଆର ହୃତ୍‌କ୍ରିୟା ବନ୍ଦ ହୋଇଯିବାର ସମ୍ଭାବନା ମଧ୍ୟ ଥାଏ। ତେଣୁ ସରକାର ଏ ସମ୍ବନ୍ଧରେ ବ୍ୟାପକ, କଠୋର ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ଅଟେ।

### ଶିବାଶୀଷ ମହାପାତ୍ର, ଆଇନଜୀବୀ



ହଁ। ଡିଜେକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ନିହାତି ଆବଶ୍ୟକ। ବିକଟାଳ ଡିଜେ ସାଉଣ୍ଡ ହୃଦରୋଗୀ, ମାନସିକ ରୋଗୀ, ବୃଦ୍ଧ/ବୃଦ୍ଧା, ଶିଶୁମାନଙ୍କ ଉପରେ କୁପ୍ରଭାବ ପକାଉଛି। ଡିଜେ ଶବ୍ଦରେ ଲୋକେ ବ୍ୟତିବ୍ୟସ୍ତ ହେଇଗଲେଣି। ଆଗେ ଆମର ପୂଜା ପାର୍ବଣରେ ପାରମ୍ପରିକ ବାଦ୍ୟଯନ୍ତ୍ର ଯଥା ଢୋଲ, ମୃଦଙ୍ଗ ଓ ଘଣ୍ଟ ଘଣ୍ଟାରେ କମ୍ପୁଥିଲା। ବିବାହ ଶୋଭା ଯାତ୍ରାରେ ବ୍ୟାଣ୍ଡ ବାଜା ବାଜୁଥିଲା। ଏବେ ଡିଜେ କେବଳ ଶବ୍ଦ ପ୍ରଦୂଷଣ ନୁହେଁ, ହୃଦ୍‌ଘାତ ଓ ବିଭିନ୍ନ ରୋଗର ଏକ ମୁଖ୍ୟ କାରଣ ହେଇଯାଇଛି। ଅନେକ ଲୋକ ଏଥି ଲାଗି ହୃଦଘାତର ଶୀକାର ମଧ୍ୟ ହେଉଛନ୍ତି। ଡିଜେରେ ସାଉଣ୍ଡ ଲିମିଟର ଲାଗିଲେ ବି କଣ୍ଟ୍ରୋଲ କରିବା ସମ୍ଭବ ନୁହେଁ। ଡେସିବଲ ଶବ୍ଦ କଟକଣା ସୀମା କେବଳ କାଗଜ କଲମରେ ସୀମିତ ରହିଯାଉଛି। ଏମିତି ବି ଦେଖିଲେ ଆଜିର ଉଗ୍ର ତଥାକଥିତ ଆଧୁନିକ ଅମାନିଆ ଯୁବବର୍ଗ କାନଫଟା ଛାତି ଦୁଲୁକେଇ ଦେଲା ଭଳି ସାଉଣ୍ଡ ନ ହେଲେ ପାଗଳ ହେଇଯାଉଛନ୍ତି। ଜୋରରେ ବଜାଇବା ପାଇଁ ଆୟୋଜକଙ୍କ ତରଫରୁ ବି ପ୍ରେସର ରହୁଛି। ନ ହେଲେ ପେମେଣ୍ଟ କାଟିଦେବାର ଧମକ ବି ଦିଆଯାଉଛି। ସତରେ ଚିନ୍ତା ବଢାଇଛି ଡିଜେ ସାଉଣ୍ଡ। ଡିଜେ ଶବ୍ଦ ୬୫ ଡେସିବଲରୁ ଅଧିକ ହେବ ନାହିଁ ବୋଲି ସରକାରୀ ନିର୍ଦ୍ଦେଶନାମା ରହିଛି। ହେଲେ ନିୟମ ନିୟମ ବାଟରେ ଡିଜେ ବାଜୁଛି ଶହେ ଉପରେ। କଟକଣାକୁ ମାନୁଛି ବା କିଏ? ତେଣୁ ଡିଜେକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଆବଶ୍ୟକ। ଏହା ଦ୍ୱାରା ଯେ କେବଳ ଶବ୍ଦ ପ୍ରଦୂଷଣକୁ ରୋକା ଯାଇପାରିବ କି ବିଭିନ୍ନ ଅଘଟଣକୁ ଦୁରେଇ ଦେଇହବ ତା'ନୁହେଁ ଆମର ପାରମ୍ପରିକ ବାଦ୍ୟଯନ୍ତ୍ରର ବି ଚାହିଦା ବଢ଼ିବ।

### ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ), ସମାଜସେବୀ




ଡିଜେ ସାଉଣ୍ଡ କେବଳ ମଣିଷ ନୁହେଁ, ଜୀବଜନ୍ତୁ ଓ ପରିବେଶ ଉପରେ ସମ୍ପୂର୍ଣ୍ଣ କୁପ୍ରଭାବ ପକାଉଛି। ଏନେଇ ରାଜ୍ୟ ଓ କେନ୍ଦ୍ର ସରକାର ଉଭୟ ଡିଜେ ବିରୋଧରେ କଠୋର ଆଇନ ପ୍ରଣୟନ କରିବା ସହିତ ଦଣ୍ଡବିଧାନ ଓ ଜରିମାନା ଲାଗୁ କରିବା ଦରକାର। ସରକାର ଡିଜେ ମାଲିକଙ୍କ ଗାଡି ଓ ମେସିନ୍‌ର ପଞ୍ଜିକରଣ କରାଇ କେତେ ମାନର ଶବ୍ଦ ବାଜିବା ଦରକାର ତାହା ସ୍ଥିର କରିବା ଉଚିତ। ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ଡିଜେ ପଞ୍ଜିକରଣ ହୋଇନଥିବା ଗାଡିକୁ ଜବତ କରାଯିବା ଉଚିତ। ଡିଜେ ଶବ୍ଦ ମାନବ ସଭ୍ୟତା ପାଇଁ ଅତ୍ୟନ୍ତ ବିପଦ ସୃଷ୍ଟି କରୁଛି। ଏହା କେବଳ ବରିଷ୍ଠ ନାଗରିକଙ୍କ ହୃଦ୍‌ଘାତର କାରଣ ନୁହେଁ ବରଂ ସବୁ ବର୍ଗର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ ଡାକି ଆଣୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡିଜେ ଶବ୍ଦର ମାତ୍ରା ସ୍ଥିର ହେବା ପରେ ଏହାକୁ ଯାଞ୍ଚ କରିବା ଦରକାର। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ଡିଜେ ଶବ୍ଦକୁ ନେଇ କଡା ଆଭିମୁଖ୍ୟ ଗ୍ରହଣ କରିବା ଦରକାର। ସ୍ଥାନୀୟ ପୋଲିସ ଡିଜେ ଶବ୍ଦକୁ ନେଇ ଶବ୍ଦ ମପା ଯନ୍ତ୍ର ଧରି ଏହାକୁ ମାପି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେଲେ ବେଆଇନ ଡିଜେ ଗାଡି ମାଲିକ ସାବଧାନ ହେବା ସହିତ ଡିଜେର ନକରାତ୍ମକ ପ୍ରଭାବ ସମ୍ପର୍କରେ ନିଜେ ମଧ୍ୟ ସଚେତନ ହେବେ। ମୋଟା ଅଙ୍କର ଅର୍ଥ ଲୋଭରେ ପଡି ଡିଜେ ଗାଡି ମାଲିକମାନେ ସମାଜର ଯେଉଁ କ୍ଷତି କରୁଛନ୍ତି ସେ ବିଷୟରେ ସେମାନେ ନିହାତି ଚିନ୍ତା କରିବା ଦରକାର। ଜିଲ୍ଲା ପ୍ରଶାସନ ଏହି ବିଷୟକୁ ଗୁରୁତର ସହ ବିଚାର କଲେ ସମାଜର ମଙ୍ଗଳ ହୋଇପାରନ୍ତା ବୋଲି ମୁଁ ଦାବି କରୁଛି।

### ମେନକା ମହାପାତ୍ର, ଶିକ୍ଷୟିତ୍ରୀ



ବର୍ତ୍ତମାନର ପର୍ବପର୍ବାଣୀ, ଜନ୍ମଦିନ ଏବଂ ଅତି ସାଧାରଣ କାର୍ଯ୍ୟକ୍ରମରେ ସବୁ ସ୍ଥାନରେ ଲୋକମାନେ ଡିଜେକୁ ଅତି ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଏହି ଶବ୍ଦ ମାତ୍ରାଧିକ ହେବାରୁ ଆମ୍ଭମାନଙ୍କୁ ବିଶେଷ କରି ବୟସ୍କ ବ୍ୟକ୍ତି ଏବଂ ସାନ ପିଲାଙ୍କୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ହାନିକାରକ ହେଉଛି। ଶୋଇବାରେ ଅସୁବିଧା ଏବଂ କାନରେ ସମସ୍ୟା ସୃଷ୍ଟି ହେଉଛି। ମୋ ମତରେ ଏଥିନିମନ୍ତେ ସରକାର କଡା ପଦକ୍ଷେପ ଗ୍ରହଣ କରିବା ଉଚିତ। ସୀମା ଅତିକ୍ରମ କରୁଥିବା କମ୍ପାନୀ ଏବଂ ଦଳଙ୍କୁ ଜରିମାନା ତଥା ଦଣ୍ଡ ପ୍ରଦାନ ନିହାତି ଆବଶ୍ୟକ। ଏହାପାଇଁ ଏକ ସମୟ ସୀମା ଧାର୍ଯ୍ୟ ହେବା ଆବଶ୍ୟକ ଏବଂ ଯେତିକି ସାଉଣ୍ଡରେ ବାଜିଲେ ଲୋକମାନଙ୍କୁ ଅସୁବିଧା ହେବନାହିଁ ସେଥିପ୍ରତି ଦୃଷ୍ଟି ଦେବାକୁ ସରକାରଙ୍କୁ ଅନୁରୋଧ। ଦିନ ଅପେକ୍ଷା ରାତିରେ ୭ଟା ପରେ ବାଜିବାକୁ ଦେବା ପାଇଁ ଅନୁମତି ଦିଆ ନଯାଉଛି। ଯଦି ସରକାର ଏଥିପ୍ରତି ଦୃଷ୍ଟି ଦେବେ ତେବେ ପରୀକ୍ଷାର୍ଥୀ, କୋମଳମତି ଶିଶୁ ଏବଂ ବୟସ୍କ ବ୍ୟକ୍ତି ବହୁତ ଉପକୃତ ହେବେ।

### ଭାଗବତ ପରିଡା, ସମାଜସେବୀ



ଦୁଇ ତିନି ଦଶନ୍ଧି ପୂର୍ବରୁ ସାଧାରଣ ପାରମ୍ପାରିକ ବାଜା ଯେମିତି କି ଢୋଲ,ମାଦଳ,ବ୍ରାସ ବ୍ୟାଣ୍ଡ, ତେଲଙ୍ଗୀ ବାଜା ଇତ୍ୟାଦି ବ୍ୟବହାର କରାଯାଉଥିଲା। ବିବାହ,ବ୍ରତପୋନୟନ,ଭଷାଣି ତଥା ଅନ୍ୟାନ୍ୟ ମାଙ୍ଗଳିକ ଉତ୍ସବରେ ଉକ୍ତ ବାଜା ବ୍ୟବହାର କରୁଥିଲେ। ପୁରୁଷାନୁକ୍ରମେ ଚାଲି ଆସୁଥିବା ପାରମ୍ପାରିକ ବାଜା ଅନେକ ପରିବାରକୁ କର୍ମ ନିଯୁକ୍ତି ସୁଯୋଗ ମଧ୍ୟ ଦେଇ ଆସୁଥିଲା। ଧୀରେ ଧୀରେ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ପାରମ୍ପାରିକ ବାଜାକୁ ଦୁରେଇବାକୁ ଲାଗିଲା ଆଧୁନିକ ସମାଜ। ପୋଷାକ ପରିଧାନ ଠାରୁ ଆରମ୍ଭ କରି ଖାଦ୍ୟପେୟ,ଚାଲିଚଳନ ସବୁଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଲା। ଡିଜେ ବାଜାର ବ୍ୟବହାର ଆରମ୍ଭ ହେବା ପରେ ଲୋକେ ପାରମ୍ପାରିକ ବାଜାକୁ ଦୁରେଇବାକୁ ଲାଗିଲେ। ଡିଜେ ଶବ୍ଦ ଶରୀର ପାଇଁ ଯେତିକି ମାରାତ୍ମକ ପରିବେଶ ପାଇଁ ସେତିକି ସାଂଘାତିକ ବୋଲି ଚର୍ଚ୍ଚା ଜୋର ଧରିଛି। ଏହା ମାନବ ସମାଜ ପାଇଁ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ପଶୁପକ୍ଷୀ କୀଟ ପତଙ୍ଗ ସମସ୍ତଙ୍କ ପାଇଁ ଡିଜେ ଶବ୍ଦ ଏକ ପ୍ରକାର ଯମଦୂତ। ଡିଜେର କମ୍ପନ ସାଧାରଣ ଲୋକ ମାନଙ୍କୁ ଯେତିକି ଆଘାତ କରୁଛି ତା ଠାରୁ ଅଧିକ ରୋଗୀ, ଶିଶୁ ମାନଙ୍କ ପାଇଁ ମୃତ୍ୟୁଘଣ୍ଟି। ଶୁଣିବାକୁ ମିଳିଥିଲା ରାଜ୍ୟ ସରକାର ଡିଜେକୁ ନିଷେଧ କରିଛନ୍ତି। ଯେମିତିକି ରାଜ୍ୟରୁ ଗୁଟୁଖା ପଲିଥିନ ବ୍ୟାଗକୁ ନିଷେଧ କରିଥିଲେ। ଲୋକଙ୍କ କହିବା ଅନୁଯାୟୀ ଗ୍ରାମାଞ୍ଚଳରେ ଯେଉଁଠି ଡିଜେ ବାଜେ ସ୍ଥାନୀୟ ପୋଲିସ ଦୁଇ ହଜାରରୁ ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ହାତଗୁଞ୍ଜା ନେଇଥାନ୍ତି। ସୁତରାଂ ରାଜ୍ୟ ସରକାର ଖୁବଶୀଘ୍ର କଠୋର ଆଇନ ପ୍ରଣୟନ କରି ଡିଜେକୁ ନିଷେଧ କରନ୍ତୁ। ପୁରୁଷାନୁକ୍ରମିକ ଭାବେ ଚାଲି ଆସୁଥିବା ବାଜାକୁ ପ୍ରୋତ୍ସାହନ ଦିଅନ୍ତୁ। ସେମାନଙ୍କୁ ଆର୍ଥିକ ପେକେଜ ମଧ୍ୟ ଦିଅନ୍ତୁ। ପୁନର୍ବାର ଢୋଲ,ମାଦଳ,ବ୍ରାସବ୍ୟାଣ୍ଡ,ତେଲଙ୍ଗୀ ଇତ୍ୟାଦି ବାଜାର ବ୍ୟବହାର କରିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ। ଏହାଦ୍ୱାରା କୌଳିକ ବୃତ୍ତିକୁ ଆପଣେଇ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ସୃଷ୍ଟି ହେବ। ଅଯଥା ଡିଜେକୁ ଉପର ଠାଉରିଆ ଭାବେ ନିଷେଧ କରି କିରିକିରି ନ ହୁଅନ୍ତୁ। ଏହାଦ୍ୱାରା ପରିବାରର ମଙ୍ଗଳ...ସମାଜର ମଙ୍ଗଳ...ରାଜ୍ୟର ମଙ୍ଗଳ।

### ପ୍ରଭାତ କୁମାର ମହାପାତ୍ର, ଶିକ୍ଷକ



ଆଜିର ସମାଜରେ ଯାହା ଦେଖା ଗଲାଣି ଲୋକେ ଆମ ପୁରାତନ ସଂସ୍କୃତି, ଧର୍ମ, ଆଚାର ବ୍ୟବହାର ସବୁ କିଛି ଭୁଲି ଗଲେଣି। ଆଧୁନିକତାର ଦ୍ୱାହି ଦେଇ ସାମାନ୍ୟ ସିଷ୍ଟାଚର ମଧ୍ୟ ଭୁଲି ଗଲେଣି। ଏହା ସବୁ କ୍ଷେତ୍ରରେ ଦେଖିବାକୁ ମିଳିଲାଣି। ପୂର୍ବେ ଆମ ପର୍ବ ପର୍ବାଣୀ ପାଳନ ହେଉ କିମ୍ବା ବ୍ରତ, ବିବାହ ଉତ୍ସବ ହେଉ କେତେ ସୁନ୍ଦର ପାରମ୍ପରିକ ବାଦ୍ୟ ସହ ଲୋକେ ଖୁସିରେ ଦିନଟିକୁ ଉପଭୋଗ କରୁଥିଲେ। ବର୍ତ୍ତମାନ କିନ୍ତୁ ପରିସ୍ଥିତି ସମ୍ପୂର୍ଣ ବଦଳି ଯାଇଛି। ଲୋକେ ଆଉ ସେହି ପୁରାତନ ବାଦ୍ୟକୁ ସମ୍ପୂର୍ଣ୍ଣ ରୂପେ ଛାଡପତ୍ର ଦେଇ ସାରିଲେଣି। ଆଜିର ଆଧୁନିକ ଯୁଗରେ ଚାଲିଛି ଡିଜେର ଶାସନ। ଯୁବପିଢ଼ିମାନଙ୍କୁ ଡିଜେ ଏମିତି ପାଗଳ କରିଛି ଯେ ଭଲମନ୍ଦ ବିଚାର ଶକ୍ତି ମଧ୍ୟ ମନରୁ ହଟେଇ ସାରିଲେଣି। କେବଳ ସେତିକି ନୁହେଁ ଡିଜେ ସାଙ୍ଗକୁ ମଦ୍ୟପାନ ନ କଲେ ସତେ ଯେପରି ବାହାଘର ବନ୍ଦ ହୋଇଯିବ! ନାଚ ବନ୍ଦ ହୋଇଯିବ! କିଛି ଏହାକୁ ଆଖି ନାହିଁ କାନ ନାହିଁ ବାଜି ଗଲେ ଦୋଷ ନାହିଁ ନ୍ୟାୟରେ ଚୁପ୍ ରହୁଛନ୍ତି। କିନ୍ତୁ ଏହା କେତେ ଯେ କ୍ଷତିକାରକ ସେମାନେ ଜାଣି ପାରନ୍ତି ନାହିଁ। ଏହି ଡିଜେ ଯେଉଁ ଶବ୍ଦ ପ୍ରଦୂଷଣ କରେ ତାହା କେତେ ଯେ ମାରାତ୍ମକ ଅଙ୍ଗେ ନିଭାଇ ଥିବା ଲୋକ ହିଁ କହି ପାରିବେ। କିଛି ଦିନ ତଳେ ଜଣେ ବ୍ୟକ୍ତି ଡିଜେ ଶବ୍ଦକୁ ଗ୍ରହଣ କରି ନ ପାରି ସେହିଠାରେ ହିଁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଯେଉଁମାନେ ହୃଦ୍‌ରୋଗରେ ପୀଡିତ ସେମାନେ ସେହି ସ୍ଥାନକୁ ବିଲକୁଲ ଯିବା ହିଁ ଉଚିତ୍ ନୁହେଁ। ଆଜି ସମୟ ଆସିଛି ରାଜ୍ୟ ସରକାର ଯଦି ଏହି ଡିଜେକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଅନ୍ତି ତେବେ କିଛି ମାତ୍ରାରେ ଶବ୍ଦ ପ୍ରଦୂଷଣ ସହ ଲୋକେ ନିଜ ଅମୂଲ୍ୟ ଜୀବନକୁ ସୁରକ୍ଷିତ ରଖି ପାରିବେ। ଏଥିପାଇଁ ଲୋକ ସଚେତନତା ନିହାତି ଆବଶ୍ୟକ। କିଛି ଲୋକ ଅଧିକ ଟଙ୍କାରେ ଡିଜେ ସାଉଣ୍ଡ ଆଣି ନିଜ ପିଲା ମାନଙ୍କ ବାହାଘର ଅଥବା ବ୍ରତ ଘର ଧୁମ୍ ଧାମରେ ପାଳନ କରନ୍ତି। କାରଣ ସେପରି ନକଲେ କାଳେ ତାଙ୍କର ସମ୍ମାନରେ ଆଞ୍ଚ ଆସିଯିବ! ତେଣୁ ଏହି ଦିଗ ପ୍ରତି ରାଜ୍ୟ ସରକାର କଠୋର ଆଇନ ପ୍ରଣୟନ କରି ଜନ ସାଧାରଣଙ୍କୁ ସଚେତନ କରିବା ଆବଶ୍ୟକ। ଗୋଟିଏ ଦିନର ଖୁସି ପାଇଁ ସାରା ଜୀବନ ଯେପରି ନଷ୍ଟ ନ ହୁଏ ସେଥିପାଇଁ ଚେଷ୍ଟା କରିବା ଉଚିତ୍।

# ରାଜ୍ୟରେ ପୁଞ୍ଜି ନିବେଶ କ୍ଷେତ୍ରରେ ଆଉ ଏକ ସଫଳତା

## ୮ ଶିଳ୍ପ ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟିର ଅନୁମୋଦନ
## ନିବେଶ ହେବ ୧୩୯୭.୧୮ କୋଟି, ୨୮୬୦ ଜଣଙ୍କୁ ମିଳିବ ନିଯୁକ୍ତି



**ଭୁବନେଶ୍ୱର :** ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ୧୨୪ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସଡବ୍ଲ୍ୟୁସିଏ) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୩୯୭.୧୮ କୋଟି ଟଙ୍କାର ୮ଟି ରୂପାନ୍ତରଣକାରୀ ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯାହା ଏକ ନିବେଶ ଗନ୍ତବ୍ୟସ୍ଥଳ ଭାବରେ ରାଜ୍ୟର ସ୍ଥିତିକୁ ଆହୁରି ସୁଦୃଢ଼ କରୁଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ୨୮୬୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ ଯଥେଷ୍ଟ ପୁଞ୍ଜିନିବେଶ ଆକୃଷ୍ଟ କରିବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ପ୍ଲାଷ୍ଟିକ୍, ବୈଷୟିକ ବୟନଶିଳ୍ପ ଓ ଆଲୁମିନିୟମ କ୍ଷେତ୍ରରେ ଉଲ୍ଲେଖନୀୟ ପୁଞ୍ଜିନିବେଶ ଓଡ଼ିଶାର ଉତ୍ପାଦନ କ୍ଷମତାରେ ସହାୟକ ହୋଇଛି। ଇସ୍ପାତ କ୍ଷେତ୍ରର ଅନୁମୋଦନ ବୃଦ୍ଧି ପାଇଛି, ଯାହା ଓଡ଼ିଶାର ସମୃଦ୍ଧ ଖଣିଜ ସମ୍ପଦ ଏବଂ ଅଭିଜ୍ଞ ଧାତବ ବିଜ୍ଞାନ କ୍ଷେତ୍ର ଉପରେ ଆଲୋକପାତ କରିଛି। ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ର ଏକ ଅଗ୍ରାଧିକାର କ୍ଷେତ୍ର ଭାବରେ ଉଭା ହୋଇଛି, ଯାହା ଆଇଟି କ୍ଷେତ୍ରରେ ବିକାଶ ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ରାଜ୍ୟର କୃଷି ସମ୍ଭାବନାକୁ ଦୃଷ୍ଟିରେ ରଖି କୃଷି ଶିଳ୍ପ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି। ବ୍ୟାପକ ଶିଳ୍ପ ବିକାଶ ରଣନୀତିର ସଙ୍କେତ ସ୍ୱରୂପ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ରାଜ୍ୟର ୬ଟି ଜିଲ୍ଲାରେ ଏହି ସବୁ ନୂଆ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ପ୍ଲାଷ୍ଟିକ୍ କ୍ଷେତ୍ରରେ, ସିଣ୍ଟେକ୍ସ ବିଏପିଏଲ୍ ଲିମିଟେଡ୍ ସିପିଭିସି, ୟୁପିଭିସି, ଏସଡବ୍ଲ୍ୟୁଆର,ଏଗ୍ରି ପାଇପ୍, ପିଭିସି ଫିଟିଂ ଏବଂ ପ୍ଲାଷ୍ଟିକ୍ ଟାଙ୍କିର ବାର୍ଷିକ କ୍ଷମତା ୩୭,୫୨୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ନିମନ୍ତେ ୪୭୯.୪୭ କୋଟି ଟଙ୍କା ବିନିଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ। ଫଳରେ ସମ୍ବଲପୁରରେ ୧୦୦୦ ଜଣଙ୍କୁ ନିଯୁକ୍ତି ମିଳିବ। ଏଥିସହ ପିଭିସି ଓ ସିପିଭିସି ପାଇପ୍ ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ୨୫୦ କୋଟି ଟଙ୍କା ବିନିଯୋଗ କରିବାକୁ ଏଚ୍ ଆଇଏଲ୍ ଇଣ୍ଡିଆ ପ୍ରତିଶ୍ରୁତିବଦ୍ଧ। ଏହା ଦ୍ୱାରା ୨୫୦ ଲୋକଙ୍କ ପାଇଁ ନିଯୁକ୍ତି ସୁବିଧା ସୃଷ୍ଟି ହୋଇଛି। ସେହିପରି ମେଗା ଫ୍ଲେକ୍ସ ପ୍ଲାଷ୍ଟିକ୍ ଲିମିଟେଡ୍, ପ୍ଲାଷ୍ଟିକ୍ କଣ୍ଟେନର, ଲେନୋ ବ୍ୟାଗ୍, ପିପି ୱୋଭେନ୍ ବ୍ୟାଗ୍, ପିପି ୱୋଭେନ୍ ଫେବ୍ରିକ୍ସ ଆଣ୍ଡ କୋରଗେଟେଡ୍ ବକ୍ସ ପାଇଁ ୬୨.୩୮ କୋଟି ଟଙ୍କା ବିନିଯୋଗରେ ବାର୍ଷିକ କ୍ଷମତା ୯୬୦୦ ମେଟ୍ରିକ୍ ଟନ୍ ବିଶିଷ୍ଟ ଏହାର ଉତ୍ପାଦନ ୟୁନିଟ୍ ଖୋର୍ଦ୍ଧାରେ ରହିଛି। ଏହି ଉଦ୍ୟୋଗ କେବଳ ୩୮୨ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ନାହିଁ ବରଂ ଏ କ୍ଷେତ୍ରରେ ପ୍ରଥମ ଉତ୍ପାଦନ କେନ୍ଦ୍ର ଭାବରେ ମଧ୍ୟ କାର୍ଯ୍ୟ କରିବ। ସାନ୍ଧୁ ଟ୍ୟୁବ୍ ପ୍ରାଇଭେଟ୍ ଲିମିଟେଡ୍ ଓ କେଏଆଇ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ଭଳି ଉଲ୍ଲେଖନୀୟ କମ୍ପାନୀଗୁଡ଼ିକର ପୁଞ୍ଜିନିବେଶ ଯୋଗୁଁ ଇସ୍ପାତ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ଯାଜପୁର ଓ ସୁନ୍ଦରଗଡ଼ ଭଳି ଅଞ୍ଚଳରେ ଏହି ଦୁଇ କମ୍ପାନୀ ପ୍ରାୟ ୧୮୮.୯୮ କୋଟି ଟଙ୍କା ନିବେଶ କରିଛନ୍ତି। ଡାଉନ୍ ଷ୍ଟ୍ରିମ୍ କ୍ଷେତ୍ରରେ ଏହି ପୁଞ୍ଜିନିବେଶ ରାଜ୍ୟର ୪୦୩ରୁ ଅଧିକ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବ। ବିଶେଷ କରି ସମ୍ବଲପୁରରେ ଏକ ହ୍ୱାଇଟ୍ ଫ୍ୟୁଜ୍ ଆଲୁମିନା ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଆଲୁମିନିୟମ କ୍ଷେତ୍ରରେ ୨୪୧.୦୫ କୋଟି ଟଙ୍କା ନିବେଶ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ନିବେଶ ୨୧୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଆଇଟି ଶିଳ୍ପରେ ଅନୁଜ ଅଟୋଗ୍ରାଫ୍ ବିଜନେସ୍ ପାର୍କ ଖୋର୍ଦ୍ଧାରେ ୧୦୫.୩ କୋଟି ଟଙ୍କା ନିବେଶରେ ଓ ୩୦୦ ନିଯୁକ୍ତି ସମ୍ଭାବନା ସହିତ ଏକ ଆଇଟି ପାର୍କ ସ୍ଥାପନ କରୁଛି। କୃଷି ଶିଳ୍ପ କ୍ଷେତ୍ରରେ ଜିଜିଏଲ୍ ଚାଲେଟ୍ ପ୍ରାଇଭେଟ୍ ଲିମିଟେଡ୍ କୋରାପୁଟରେ ଭେନିର (ବାର୍ଷିକ ୨,୫୦,୦୦,୦୦୦ ଏସ୍ କ୍ୟୁଏମ୍), ପ୍ଲାଇ ବୋର୍ଡ ଏବଂ ପାର୍ଟିକଲ୍ ବୋର୍ଡ (ବାର୍ଷିକ ୫,୦୦,୦୦୦ ଏସ୍ କ୍ୟୁଏମ୍) ଏବଂ ବାୟୋମାସ୍ ପେଲେଟ୍ (୧୦,୦୦,୦୦୦ ଏମଟିପିଏ) ଉତ୍ପାଦନ ୟୁନିଟ୍ ରେ ୭୦ କୋଟି ନିବେଶ କରିବ। ଏ ସମସ୍ତ ୟୁନିଟରେ ମିଳିତ ନିଯୁକ୍ତି ସୃଷ୍ଟି ସମ୍ଭାବନା ପ୍ରାୟ ୨୯୦। ପ୍ଲାଷ୍ଟିକ୍ ଠାରୁ ଆରମ୍ଭ କରି କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ରହିଥିବା ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ବହୁମୁଖୀ ଅଭିବୃଦ୍ଧି ରଣନୀତି ଏବଂ ଶିଳ୍ପ ବିକାଶ ଦିଗରେ ପଦକ୍ଷେପକୁ ପ୍ରତିଫଳିତ କରୁଛି। ନିରନ୍ତର ଓ ଅନ୍ତର୍ଭୁକ୍ତିକରଣ ଅଭିବୃଦ୍ଧି ପାଇଁ ଓଡ଼ିଶାର ରଣନୈତିକ ଦୃଷ୍ଟିକୋଣ କେବଳ ଜାତୀୟ ଓ ବୈଶ୍ୱିକ ନିବେଶକଙ୍କୁ ଆକୃଷ୍ଟ କରୁନାହିଁ ବରଂ ସାମଗ୍ରିକ ବିକାଶ ପାଇଁ ଏକ ମାନଦଣ୍ଡ ମଧ୍ୟ ସ୍ଥାପିତ କରୁଛି। ଏହି ସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶାକୁ ଶିଳ୍ପ ବିକାଶ ଓ ରୋଜଗାର ସୃଷ୍ଟିର କ୍ଷମତା କେନ୍ଦ୍ରରେ ପରିଣତ କରିବାରେ ସହାୟକ ହେବ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି